



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-281 ◆THURSDAY ◆09 APRIL 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୮୧ ◆ଗୁରୁବାର ◆୦୯ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଆଜି ଆସାମ, କେରଳ, ପୁଡୁଚେରୀରେ ମତଦାନ

■ ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଆସାମ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ପାଇଁ ଆସନ୍ତାକାଲି ମତଦାନ ହେବାକୁ ଯାଉଛି । କେରଳରେ ୧୪୦ଟି ଆସନ ପାଇଁ ମତଦାନ ହେବାକୁ ଯାଉଥିବା ବେଳେ ଆସାମରେ ୧୨୬ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଆସାମରେ କଂଗ୍ରେସ ଓ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ କେରଳରେ ୧୦ ବର୍ଷ ଧରି ଶାସନରେ ଥିବା ବାମ ସାମ୍ମୁଖ୍ୟକୁ କଡ଼ା ଟକ୍କର ଦେଉଛି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ । ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ବାମପନ୍ଥୀ ମେଣ୍ଟ ଏଲ୍‌ଡିଏଫ୍ କ୍ରମାଗତ ତୃତୀୟଥର ପାଇଁ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି । ଏଲ୍‌ଡିଏଫ୍ ୧୦ ବର୍ଷର ଜନକଲ୍ୟାଣକାରୀ ଶାସନକୁ ନେଇ ପ୍ରଚାର କରିଥିବା ବେଳେ, କଂଗ୍ରେସ ନେତୃତବାଧୀନ ୟୁଡିଏଫ୍ ପରିବର୍ତ୍ତନର ଆହ୍ୱାନ ଦେଇଛି । ନିର୍ବାଚନରେ ଏହି ଦୁଇ ମେଣ୍ଟ ମଧ୍ୟରେ ତୀବ୍ର ମୁକାବିଲା ହେବାକୁ ଯାଉଛି । ନିର୍ବାଚନରେ ୟୁଡିଏଫ୍ ଏଥର ଭଲ ସ୍ଥିତିରେ ଥିବା କୁହାଯାଉଛି । ରାଜ୍ୟରେ ବିଜେପି ସ୍ଥିତି ଦୁର୍ବଳ ରହିଛି । ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ କେରଳରେ ଏଲଡିଏଫ୍



ଠାରୁ ୟୁଡିଏଫ୍ କ୍ଷମତା ଛଡ଼ାଇନେବାର ସମ୍ଭାବନା ରହିଛି ।



ସେହିପରି ଆସାମରେ ୧୨୬ଟି ଆସନରେ ମତଦାନ ହେବ । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିଜର ଦ୍ୱିତୀୟ ଓ ଏନ୍‌ଡିଏ ମେଣ୍ଟ କ୍ରମାଗତ ତୃତୀୟ ପାଳି ପାଇଁ ବିଜୟୀ ହେବାକୁ ଆଶାବାଦୀ । ତେବେ ତାଙ୍କୁ କଡ଼ା ଟକ୍କର ଦେଉଛି କଂଗ୍ରେସ । ସାଂସଦ ଗୌରବ ଗୋଗଇଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛି । ପରାଜୟ ଭୟରେ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା ସାଂପ୍ରଦାୟିକ ପ୍ରସଙ୍ଗ ଉଠାଇବା ସହିତ ରାଜ୍ୟରେ ସଂପ୍ରଦାୟ ଭିତ୍ତିରେ ଭୋଟ୍ ପାଇଁ ଅଭିଯାନ ଚଳାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ତାଙ୍କର ବିଭିନ୍ନ ପ୍ରକାର ବିବାଦୀୟ ମନ୍ତବ୍ୟ ଏବେ କୋର୍ଟରେ ପହଞ୍ଚିଛି । କେବଳ ଏତିକି ନୁହେଁ, ଏହି ନିର୍ବାଚନରେ ବ୍ୟକ୍ତିଗତ ସ୍ତରକୁ ଓହ୍ଲାଇଆସିଛନ୍ତି ଦୁଇ ଦଳର ନେତା । ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କଂଗ୍ରେସ ନେତା ଗୋଗଇ ତଥା ▸ପୃଷ୍ଠା-୭

# ଅନିଶ୍ଚିତତାରେ ଯୁଦ୍ଧ ବିରତି

## ଇସ୍ରାଏଲ ଆରମ୍ଭ କଲା 'ଏଟର୍‌ନାଲ୍ ଡାର୍କନେସ'; ଇରାନର ପାଲଟା ଆକ୍ରମଣ

■ ୱାସିଂଟନ/ତେହରାନ, ୮।୪ (ଏଜେନ୍ସି): ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ଏବେ ଏକ ବିଚିତ୍ର ସ୍ଥିତିରେ ପହଞ୍ଚିଛି । ସକାଳେ ଯୁଦ୍ଧ ବିରତି ପାଇଁ ଉଭୟ ପକ୍ଷ ସମ୍ମତ ହୋଇଥିଲେ ହେଁ ଅପରାହ୍ନ ସୁଦ୍ଧା ପୁଣି ପରିସ୍ଥିତି ବଦଳିଯାଇଛି । ଆମେରିକା ପକ୍ଷରୁ ଆକ୍ରମଣ ବନ୍ଦ ହୋଇଥିଲେ ମଧ୍ୟ ଇରାନ ଓ ଏହାଦ୍ୱାରା ପରିଚାଳିତ ଛାୟା ସଂଗଠନଗୁଡ଼ିକୁ ଧ୍ୱଂସ କରିବାକୁ ଇସ୍ରାଏଲ୍ ପୁଣି ଆରମ୍ଭ କରିଛି 'ଏଟରନାଲ ଡାର୍କନେସ' । ଏହା ପଛରେ ଉଭୟ ଆମେରିକା ଓ ଇସ୍ରାଏଲ୍‌ର ଯୋଜନାବଦ୍ଧ ରଣନୀତି ଥିବା କୁହାଯାଉଛି । ସେହିପରି ଲେବାନନ୍‌ରେ ଇରାନର ସମର୍ଥକ ଗୋଷ୍ଠୀ ଉପରେ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଛି ଇରାନ ଉପରେ ଇସ୍ରାଏଲ୍‌ର ଘାତକ ଆକ୍ରମଣ ପରେ ଯୁଦ୍ଧ ବିରତିରେ ଅନିଶ୍ଚିତତା ଦେଖାଦେଇଛି ।



**ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ରେ ଶତାଧିକ ମୃତ୍ୟୁ**

**ହର୍ମୁଜ ପ୍ରଣାଳୀ ଖୋଲିବା ନିଷ୍ପତ୍ତିରୁ ଓହରିଲା କ୍ଷୁବ୍ଧ ଇରାନ୍**

**ୟୁଏଇ, କୁଏତ ଉପରେ ଇରାନର ୧୭ କ୍ଷେପଣାସ୍ତ୍ର ମାଡ଼**

ଯୁଦ୍ଧବିରତି ନାମରେ ଇରାନକୁ ୧୪ ଦିନ ଶାନ୍ତ ରଖି ଏହା ଦ୍ୱାରା ପରିଚାଳିତ ଛାୟା ସଂଗଠନଗୁଡ଼ିକୁ ନଷ୍ଟ କରିବାକୁ ଆମେରିକା ଓ ଇସ୍ରାଏଲ୍ ମିଳିତ ଯୋଜନା କରିଥିବା ଇରାନର ଶାସନଭାର ହାତକୁ ନେଇଥିବା ଆଇଆର୍‌ଜିସି ସନ୍ଦେହ କରୁଛି । ପରିଣତିସ୍ୱରୂପ ସକାଳେ ହର୍ମୁଜ ପ୍ରଣାଳୀ ଖୋଲିବାକୁ ସମ୍ମତ ହୋଇଥିବା ଇରାନ୍ କୌଣସି ପରିସ୍ଥିତିରେ ଆଉ କୌଣସି ଦେଶ ପାଇଁ ହର୍ମୁଜ ପ୍ରଣାଳୀ ନ ଖୋଲିବାକୁ ନିଷ୍ପତ୍ତି ନେଇଛି ଓ ଆକ୍ରମଣର ପ୍ରତି ଜବାବ ଆକ୍ରମଣରେ ଦେବାକୁ ଘୋଷଣା କରିଛି ।

ଇରାନର ସଭ୍ୟତାକୁ ଧ୍ୱଂସ କରିଦେବା ସହିତ ଇରାନକୁ ନିଶ୍ଚିହ୍ନ କରିବା ଲାଗି ଧମକ ଦେଇଥିବା ପରାକ୍ରମୀ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଶେଷରେ ଇରାନ ସର୍ତ୍ତରେ ଯୁଦ୍ଧବିରତି ଲାଗି ରାଜି ହୋଇଛନ୍ତି । ଯୁଦ୍ଧବିରତି ଲାଗି ରାତି ୮ଟା ପର୍ଯ୍ୟନ୍ତ ସମୟ ଦେଇଥିଲେ ମଧ୍ୟ ▸ପୃଷ୍ଠା-୭

## ୟୁଏଇ ବିଶ୍ୱର ପ୍ରଥମ '୧୦ ଗିଗା' ରାଷ୍ଟ୍ର

■ ଦୁବାଇ, ୮।୪ (ଏଜେନ୍ସି): ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବିଶ୍ୱର ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଐତିହାସିକ ସଫଳତା ହାସଲ କରିଛି । ଦୁବାଇଠାରେ ଅନୁଷ୍ଠିତ 'ସାମେନା କାଉନସିଲ୍ ଲିଡର୍ସ ସମିଟ୍ ୨୦୨୬' ଅବସରରେ ୟୁଏଇ ବିଶ୍ୱର ପ୍ରଥମ ବ୍ୟବସାୟିକ ୟୁ୬ ଗିଗାହର୍ଜ ଇଣ୍ଟରନେଟ୍ ନେଟୱାର୍କ ଶୁଭାରମ୍ଭ କରିଥିବା ଘୋଷଣା କରିଛି । ଏହି ଯୁଗାନ୍ତକାରୀ ପଦକ୍ଷେପ ସହିତ ୟୁଏଇ ବିଶ୍ୱର ପ୍ରଥମ '୧୦ ଗିଗା' ରାଷ୍ଟ୍ର ଭାବେ ଉଭା ହୋଇଛି ।

**ବିଶ୍ୱର ପ୍ରଥମ ବ୍ୟବସାୟିକ ୟୁ୬ଗିଗାହର୍ଜ ଇଣ୍ଟରନେଟ୍ ଉନ୍ମୋଚିତ**

**କ'ଣ ଏହି ୟୁ୬ ଗିଗାହର୍ଜ:** ୟୁଏଇର ଟେଲିକମ୍ ଆଣ୍ଡ ଡିଜିଟାଲ୍ ଗଭର୍ମେଣ୍ଟ ରେଗୁଲେଟୋରୀ ଅଥରିଟି (ଟିଡିଆର୍‌ଏ) ଦ୍ୱାରା ପରିଚାଳିତ ଏହି ନୂତନ ନେଟୱାର୍କ ୬୪୨୫-୭୧୨୫ ମେଗାହର୍ଜ ଫ୍ରିକ୍ୱେନ୍ସି ମଧ୍ୟରେ କାର୍ଯ୍ୟ କରେ । ଏହାକୁ ବିଶେଷଜ୍ଞମାନେ 'ଗୋଲ୍ଡେନ୍ ସ୍ପେକ୍ଟ୍ରମ୍' ବୋଲି ଅଭିହିତ କରିଥାନ୍ତି । କାରଣ ଏହା ବ୍ୟାପକ କଭରେଜ୍ ସହିତ ଅଧିକ ଡାଟା ପରିଚାଳନା କ୍ଷମତା ପ୍ରଦାନ କରିବାରେ ସକ୍ଷମ । ଏହି ନେଟୱାର୍କ ମାଧ୍ୟମରେ ବ୍ୟବହାରକାରୀମାନେ ୧୦ ଗିଗାବିଟ୍‌ର ଡାଉନଲୋଡ୍ ଏବଂ ୧ ଗିଗାବିଟ୍‌ର ଅପଲୋଡ୍ ବେଗ ପାଇପାରିବେ । ଫଳରେ ଅତିଶୀଘ୍ର ଡ଼ାଉନଲୋଡ୍ ଏବଂ ଅଲ୍ଟ୍ରା-ହାଇ-ଡେଫିନେସନ୍ ଷ୍ଟ୍ରିମିଂ ସୁବିଧା ଯୋଗାଇହେବ । ▸ପୃଷ୍ଠା-୭

## ଚାଷୀଙ୍କୁ ମିଳିବ ସାର ସବ୍‌ସିଡି

■ ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଭାରତର ସାର କ୍ଷେତ୍ର ଉପରେ ଜୋର ଦାର ଅନୁଭୂତ ହେବାରେ ଲାଗିଛି । ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା କାରଣରୁ ଭାରତୀୟ ବଜାରରେ ସାର ଏବଂ କୀଟନାଶକର ଘୋର ଅଭାବ ଦେଖାଦେଇଛି । ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଫସଫେଟ୍ ଓ ପଟାସ୍ ସାର ଉପରେ ପୋଷକ ତତ୍ତ୍ୱ ଆଧାରିତ ସବ୍‌ସିଡି ପ୍ରଦାନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ଚାଷୀମାନଙ୍କୁ ରିଆତି ମୂଲ୍ୟରେ ସାର ଯୋଗାଇ ଦିଆଯିବ । ଏଥିପାଇଁ ଖରିଫ୍ ଋତୁ ନିମନ୍ତେ ଆନୁମାନିକ ବଜେଟ୍ ଆବଶ୍ୟକତା ପାଖାପାଖି ୪୧,୫୩୩.୮୧ କୋଟି ଟଙ୍କା ହେବ । ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଖରିଫ୍ ଋତୁ ପାଇଁ ଫସଫେଟ୍ ଓ ପଟାସ୍ ସାର ଉପରେ ପୋଷକ ତତ୍ତ୍ୱ ଆଧାରିତ ସବ୍‌ସିଡି ପ୍ରଦାନ କରିବା ଲାଗି ▸ପୃଷ୍ଠା-୭

**କେନ୍ଦ୍ର କ୍ୟାବିନେଟ୍‌ରେ ୪୧ ହଜାର କୋଟି ମଞ୍ଜୁର**

## ଆର୍‌ବିଆଇ ମୁଦ୍ରାନୀତି ବୈଠକ

# ମହଙ୍ଗା ହେବନି ଋଣ, ବଢ଼ିବନି ଇଏମ୍‌ଆଇ

■ ମୁମ୍ବଇ, ୮।୪ (ଏଜେନ୍ସି): ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିରେ ବିଶ୍ୱ ବଜାରରେ ଅସ୍ଥିରତା ଜାରି ରହିଛି । ମୁଦ୍ରାସ୍ଫୀତି ବୃଦ୍ଧିର ଆଶଙ୍କା ଏ ପର୍ଯ୍ୟନ୍ତ ଟଳିନାହିଁ । ଆମେରିକା-ଇରାନ ଯୁଦ୍ଧ ବିରତି ସତ୍ତ୍ୱେ ଭାରତୀୟରେ ମୁଦ୍ରାସ୍ଫୀତି ବୃଦ୍ଧିର ଆଶଙ୍କା ଏ ପର୍ଯ୍ୟନ୍ତ ଟଳିନାହିଁ । ତେଣୁ ଏହାକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂଆ ଆର୍ଥିକବର୍ଷର ପ୍ରଥମ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ସୁଧ ହାର(ରେପୋ ହାର)କୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ପରେ ବଜାରରେ ଭାରତୀୟଙ୍କ ପାଇଁ ଆଉ ଋଣ ମହଙ୍ଗା ହେବନି କି ଇଏମ୍‌ଆଇ ମଧ୍ୟ ବଢ଼ିବନି । ବୁଧବାର ଆରବିଆଇ ଗଭର୍ଣ୍ଣର

**୫.୨୫ ପ୍ରତିଶତରେ ସୁଧ ହାର ଅପରିବର୍ତ୍ତିତ**

**୪ ଥରରେ ସୁଧହାର ୧.୨୫% ହ୍ରାସ ହୋଇଛି**


ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏମପିସି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

୨୦୨୬-୨୭ ଆର୍ଥିକବର୍ଷର ପ୍ରଥମ ଏମ୍‌ପିସି ବୈଠକ ଏପ୍ରିଲ ୬-୮ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏଥିରେ ସବୁଠାରୁ ବଡ଼ କଥା ହେଲା ପଶ୍ଚିମ ଏସିଆରେ ଯୁଦ୍ଧ ସଙ୍କଟ ସମୟରେ ଦେଶ ଆଗରେ ଏକାଧିକ ଅର୍ଥନୈତିକ ଆହ୍ୱାନ ସୃଷ୍ଟି ହୋଇଛି । ଏକାଧିକ ଚ୍ୟାଲେଞ୍ଜ ଯଥା- ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସ ଘଟିଥିଲା । ଏହା ସତ୍ତ୍ୱେ ବି ଆରବିଆଇ ରେପୋ ହାର ୫.୨୫ ପ୍ରତିଶତରେ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି । ଏହାପୂର୍ବରୁ ଫେବୃଆରୀରେ ରେପୋ ହାର ଅପରିବର୍ତ୍ତିତ ରହିଥିଲା । ଏହା ପୂର୍ବରୁ ଫେବୃଆରୀରେ ରେପୋ ହାର ଅପରିବର୍ତ୍ତିତ ରହିଥିଲା । ଏପୂର୍ବରୁ ଆର୍‌ବିଆଇ ୩ ଥର ସୁଧହାର ହ୍ରାସ କରିଥିବାବେଳେ ଶେଷ ଥର ପାଇଁ ୫.୨୫% ରଖିଥିଲା ।

ବୈଠକ ପରେ ଆର୍‌ବିଆଇ ଗଭର୍ଣ୍ଣର କହିଛନ୍ତି ଯେ, ମୁଦ୍ରାସ୍ଫୀତି ବୃଦ୍ଧିର ଆଶଙ୍କା ଏ ପର୍ଯ୍ୟନ୍ତ ଟଳି ନାହିଁ । ଖରାପ ପାଗ ▸ପୃଷ୍ଠା-୭

## ୧୦ରେ ଦିଲ୍ଲୀ ଯିବେ ନବୀନ

■ ଭୁବନେଶ୍ୱର, ୭।୪ (ସମିସ): ଆସନ୍ତା ୧୦ ତାରିଖରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଯିବେ । ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକଙ୍କର ଗତ ମଙ୍ଗଳବାର ଏକ ଜଟିଳ ହାର୍ଟ ସର୍ଜରୀ(ହୃତ୍‌ପିଣ୍ଡ ଅସ୍ତ୍ରୋପଚାର) ହୋଇଛି । ନବୀନ ତାଙ୍କୁ ନୂଆଦିଲ୍ଲୀରେ ଭେଟିବେ ବୋଲି ଜଣାପଡ଼ିଛି ।



## ଏ ବର୍ଷ ୬ ପ୍ରତିଶତ କମ୍ ବର୍ଷା

■ ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଏବର୍ଷ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀର ୪ ମାସ ମଧ୍ୟରେ ଦେଶରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇପାରେ । ସମଗ୍ର ଋତୁରେ ହାରାହାରି ବର୍ଷା ସ୍ୱାଭାବିକ୍‌ଠାରୁ ୬ ପ୍ରତିଶତ କମ୍ ହେବ ବୋଲି ଆକଳନ କରାଯାଇଛି । ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଏହି ପୂର୍ବାନୁମାନ କରି ରିପୋର୍ଟ ପ୍ରକାଶ କରିଛି । ଏଥିରେ ଚଳିତ ବର୍ଷ ଭାରତରେ ସାମାନ୍ୟଠାରୁ ୬% କମ୍ ବର୍ଷା ହେବାର ସମ୍ଭାବନା ରହିଛି ।



**ରାଜସ୍ଥାନ, ପଞ୍ଜାବ, ହରିୟାଣାରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ**

ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସାମାନ୍ୟ ବୃଷ୍ଟିପାତ ହାରହାରି ୬୮୬.୬ ମିଲିମିଟର ଥିବା ବେଳେ, ଏହି ବର୍ଷ ଏହା ମାତ୍ର ୯୪ ପ୍ରତିଶତ ରହିପାରେ । ଜୁନ୍ ମାସରେ ମୌସୁମୀର ଆରମ୍ଭ ଭଲ ହେବ ଓ ସାମାନ୍ୟ (୧୦୧%) ବର୍ଷା ହେବ । କିନ୍ତୁ ଜୁଲାଇ ମାସରେ ବର୍ଷା କମିବା ଆରମ୍ଭ ହେବ ଅର୍ଥାତ ୯୫ ପ୍ରତିଶତ ବର୍ଷା ହେବ । ସେହିପରି ଅଗଷ୍ଟ ଓ ସେପ୍ଟେମ୍ବରରେ ମୌସୁମୀ ସବୁଠାରୁ ଦୁର୍ବଳ ରହିବାର ଆଶଙ୍କା ରହିଛି । ଅଗଷ୍ଟରେ ୯୨ ଓ ସେପ୍ଟେମ୍ବରରେ ୮୯ ପ୍ରତିଶତ ବର୍ଷା ହେବ । ବିଶେଷ କରି ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରେ ସାମାନ୍ୟଠାରୁ ବର୍ଷା କମ୍ ହୋଇପାରେ । ସ୍କାଏମେଟ୍ ଅନୁଯାୟୀ, ଚଳିତ ବର୍ଷ ଏଲ୍ ନିନୋ ସକ୍ରିୟ ହେବାର ସମ୍ଭାବନା ରହିଛି । ▸ପୃଷ୍ଠା-୭

# ବୁଲିବୁଲି ପୁଣି ସେଇ ଅଗଣା !

## ସ୍କୁଲ ପିଲାଙ୍କୁ ପୋଷାକ ଯୋଗାଇବେ ପୁରୁଣା ଏଜେନ୍ସି

■ ଭୁବନେଶ୍ୱର, ୮।୪ (ସମିସ): ୨୦୨୫-୨୬ ଶିକ୍ଷାବର୍ଷ ଶେଷ ସୁଦ୍ଧା ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ହୋଇ ପାରିଲା ନାହିଁ । ଏହାକୁ ନେଇ ସରକାର ଓ ଗଣଶିକ୍ଷା ବିଭାଗ ଯାବତୀୟ ସମାଲୋଚିତ ହେଲେ । ଏହାପରେ ସରକାରଙ୍କ ନିଦ ଭାଙ୍ଗିଛି । ଚଳିତ ଶିକ୍ଷାବର୍ଷରେ ଖରାଛୁଟି ହେବା ପୂର୍ବରୁ ଅର୍ଥାତ୍ ଆସନ୍ତା ୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ ପ୍ରକ୍ରିୟା ସାରିବାକୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା

**୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ**

କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବା ସହ ସଠିକ୍ ସମୟରେ କାର୍ଯ୍ୟାନ୍ୱୟନ କରିବାକୁ ଗୁରୁତ୍ୱ ଦିଆଯାଇଛି ।

ସୂଚନା ଅନୁସାରେ ଚଳିତ ବର୍ଷ ପୋଷାକ ବଣ୍ଟନ ପାଇଁ ନୂତନ ଭାବେ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ବା ଏଜେନ୍ସିକୁ ଚୟନ କରାଯିବ ନାହିଁ । ପୂର୍ବବର୍ଷ ଅର୍ଥାତ୍ ୨୦୨୫-୨୬ ଶିକ୍ଷାବର୍ଷରେ ପୋଷାକ ଯୋଗାଇଥିବା ସଂସ୍ଥା ଚଳିତ ବର୍ଷ ମଧ୍ୟ ପୋଷାକ ଯୋଗାଇବେ । କଳା ତାଲିକା ଭୁକ୍ତ ହୋଇଥିବା ସଂସ୍ଥାକୁ ବିଚାରକୁ ନିଆଯିବ ନାହିଁ । ଜିଲ୍ଲାପାଳଙ୍କ ▸ପୃଷ୍ଠା-୭

## ଖର୍ଚ୍ଚ କମୁଥିବା ଯୋଗୁଁ ଗାଁ ଗାଁରେ ଠପ୍ ହେଲାଣି ବିକାଶ କାମ

# ସଞ୍ଚୟ ନା ଅପାରଗତା ?

■ ଭୁବନେଶ୍ୱର, ୮।୪ (ସମିସ): ବିତ୍ତୀୟ ପରିଚାଳନା ପାଇଁ ତତ୍‌କାଳୀନ ବିଜେଡି ସରକାର ଦେଶରେ ପ୍ରଶଂସିତ ହେଉଥିଲା । ନିତି ଆୟୋଗଠାରୁ ଆରମ୍ଭ କରି କେନ୍ଦ୍ର ସରକାର ଏହାକୁ ବିଭିନ୍ନ ସମୟରେ ଓଡ଼ିଶାକୁ ପ୍ରଶଂସା କରିଥିଲେ । ଏପରିକି ବିତ୍ତୀୟ ସଂସ୍କାରରେ ସଫଳତା ପାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଶୀର୍ଷସ୍ଥାନ ଦଖଲ କରିଥିଲା । ସେତେବେଳର ଆର୍ଥିକ ସଂସ୍କାରର ସଫଳତା ଧାରା ବଜାୟ ରଖିବାରେ କିନ୍ତୁ ଏବର ରାଜ୍ୟ ସରକାର ବିଫଳ ହୋଇଛନ୍ତି । ବଜେଟ୍ ଅର୍ଥ ଖର୍ଚ୍ଚ ନ କରିପାରିବା ପାଇଁ ବିଭିନ୍ନ ବିଭାଗ ସହ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି । ରାଜ୍ୟରେ ବିକାଶମୂଳକ କାମଗୁଡ଼ିକ ବନ୍ଦ ହୋଇ ଯାଇଛି ଏବଂ ସଠିକ୍ ଢ଼ଙ୍ଗରେ କାମ ହେଉ ନ ଥିବା ଓ ବିନିଯୋଗପତ୍ର ପ୍ରଦାନରେ ବିଳମ୍ବ ଯୋଗୁଁ କେନ୍ଦ୍ରୀୟ ଅନୁଦାନ ମଧ୍ୟ ହ୍ରାସ ପାଇଛି । ଏହି ଅପାରଗତା ଲୁଚାଇବା ପାଇଁ ରାଜ୍ୟ ସରକାର ଯେତେ ଫନ୍ଦି ଫିକର କଲେ ମଧ୍ୟ ତାହା ଲୁଚିପାରୁ ନାହିଁ । ନିକଟରେ ସିଏଜି ରିପୋର୍ଟରେ ସରକାରଙ୍କ ଏହି ଅପାରଗତା ଜଳଜଳ ଦିଶୁଛି । ବଜେଟ୍ ବରାଦ ବ୍ୟୟରେ ଅସଫଳତାକୁ ସରକାର ସଞ୍ଚୟ ବୋଲି ଦର୍ଶାଇବାକୁ ଯେତେ ଚେଷ୍ଟା କରିଥିଲେ ହେଁ ତାହା ସରକାରୀ ଅପାରଗତାକୁ ସ୍ପଷ୍ଟ କରିଦେଇଛି ।

**କାମ ହେଉ ନ ଥିବାରୁ କମୁଛି କେନ୍ଦ୍ରୀୟ ଅନୁଦାନ**

**ଅଯଥା ବରାଦ, କ୍ଷମତା ହସ୍ତାନ୍ତରରେ ବାଧାକୁ ନେଇ ଉଠିଲା ପ୍ରଶ୍ନ**

୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ମୋଟ୍ ବଜେଟ୍ ୨ ଲକ୍ଷ ୮୭ ହଜାର ୭୭୦ କୋଟି ଟଙ୍କା ରହିଥିଲା । ମାତ୍ର ଏଥି ମଧ୍ୟରୁ ରାଜ୍ୟ ସରକାର ୨ ଲକ୍ଷ ୩୧ ହଜାର ୬୧୩ କୋଟି ଟଙ୍କା ଖର୍ଚ୍ଚ କରିବାରେ ସଫଳ ହୋଇଛନ୍ତି । ଅନ୍ୟପକ୍ଷରେ ବଜେଟ ବରାଦର ୧୯.୫% ଅର୍ଥାତ୍ ପ୍ରାୟ ୫୬ ହଜାର ୧୫୭ କୋଟି ଟଙ୍କାକୁ ସରକାର ସଞ୍ଚୟ କରିପାରିଛନ୍ତି ବୋଲି ଦର୍ଶାଇ ନିଜ ପିଠି ଥାପୁଡ଼ାଇଥିଲେ ହେଁ ସିଏଜି ଧରିଛନ୍ତି ଅପାରଗତାର ଗଣ୍ଠି । ପାଣ୍ଠି ବିନିଯୋଗରେ ପର୍ଯ୍ୟାପ୍ତ କ୍ଷମତାର ଅଭାବ ଓ ଅଯଥା ବରାଦ ପ୍ରତି ସିଏଜି ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି ।

ବଜେଟ୍ ଅର୍ଥ ଖର୍ଚ୍ଚ କରିବାରେ ସରକାରଙ୍କ ବିଫଳତାକୁ ନେଇ ବିରୋଧୀ ବାରମ୍ବାର ସରକାରଙ୍କ ▸ପୃଷ୍ଠା-୭

## ଓଡ଼ିଶାକୁ କମିଲା କେନ୍ଦ୍ରୀୟ ଅନୁଦାନ

# ଖରାଦିନେ ମିଳିବନି ପାଇପ୍ ପାଣି

■ ଭୁବନେଶ୍ୱର, ୮।୪ (ସମିସ): ରାଜ୍ୟରେ ଜଳ ଜୀବନ ମିଶନ ୨.୦କାର୍ଯ୍ୟକାରୀ କରିବା ପାଇଁ କିଛିଦିନ ତଳେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି ।



**୨୦୨୪-୨୫ରେ ୨୪୫୬ କୋଟି ବଦଳରେ ମିଳିଲା ୩୬୮ କୋଟି**

**୨୦୨୫-୨୬ରେ ରାଜ୍ୟକୁ ଆସିଲା ନାହିଁ ଟଙ୍କାଏ ବି କେନ୍ଦ୍ର ଅନୁଦାନ**

**ଧାର୍ଯ୍ୟ ସମୟରେ ସରିବ ନାହିଁ ଜଳ ଜୀବନ ମିଶନ ଦ୍ୱିତୀୟ ପର୍ଯ୍ୟାୟ**

ଏହି ବୁଝାମଣାପତ୍ର ଅନୁଯାୟୀ ଆସନ୍ତା ୨୦୨୮ ମସିହା ସୁଦ୍ଧା ଓଡ଼ିଶାରେ ଗ୍ରାମାଞ୍ଚଳରେ ସମସ୍ତଙ୍କ ଘରକୁ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ ସଂଯୋଗ ଯୋଗାଇ ଦିଆଯିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ଯେଉଁ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପରେ ସହଭାଗିତା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି, ସେହି କେନ୍ଦ୍ର ସରକାର ଜଳଜୀବନ ମିଶନରେ ଓଡ଼ିଶାକୁ ଅନୁଦାନ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି । ଫଳରେ ବର୍ଷବର୍ଷ ଧରି ଅଧାପନ୍ତରିଆ ପଡ଼ି ରହିଥିବା ପାଇପ୍ ଜଳ ପ୍ରକଳ୍ପଗୁଡ଼ିକ ଏ ବର୍ଷ ବି ସରିବ ନାହିଁ ଓ ପାଇପ୍ ଯୋଗେ ପାନୀୟ ଜଳ ମିଳିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।


୨୦୧୯ ମସିହାରେ ସାରା ଦେଶରେ ଜଳ ଜୀବନ ମିଶନ କାର୍ଯ୍ୟକ୍ଷମ ହୋଇଥିଲା । କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ପ୍ରାୟ ୭୭ ପ୍ରତିଶତ ଗ୍ରାମାଞ୍ଚଳ ପରିବାରକୁ ଟ୍ୟାପ ସଂଯୋଗ ଯୋଗାଇ ଦିଆଯାଇଛି । ବଳକା ସଂଯୋଗ ୨୦୨୮ ସୁଦ୍ଧା ଯୋଗାଇ ଦିଆଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏପରି ସମୟରେ କେନ୍ଦ୍ର ସରକାରଙ୍କ ସହଯୋଗକୁ ନେଇ ଅନ୍ୟ ରାଜ୍ୟଗୁଡ଼ିକ ପରି ଓଡ଼ିଶା ସରକାର ମଧ୍ୟ ଅସମଞ୍ଜସ ସ୍ଥିତିରେ ପଡ଼ିଛନ୍ତି ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୨୦୨୪-୨୫ ଆର୍‌ଠଥକ ବର୍ଷରେ ଯୋଜନା ଅଧିନରେ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରାୟ ୨୪୫୬ କୋଟି ଟଙ୍କା ଜଳଜୀବନ ମିଶନ ପାଇଁ ପ୍ରଦାନ କରିବା କଥା । ମାତ୍ର ବର୍ଷ ଶେଷକୁ କେନ୍ଦ୍ର ମାତ୍ର ୩୬୮.୩୯ କୋଟି ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ୨୦୨୫-୨୬ରେ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ଏହି ଯୋଜନାରେ ଓଡ଼ିଶାକୁ ଗୋଟିଏ ଟଙ୍କା ମଧ୍ୟ କେନ୍ଦ୍ର ଅନୁଦାନ ଦେଇନାହିଁ । କେନ୍ଦ୍ର ସରକାର ଯୋଜନା ଅଧିନରେ ଅର୍ଥ ପ୍ରଦାନ କରୁନଥିବାରୁ ରାଜ୍ୟ ସରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅର୍ଥ ପ୍ରାପ୍ତିରେ ବିଳମ୍ବ କାରଣରୁ ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି । ଏହି ଆହ୍ୱାନକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ନିଜ ଅଂଶଧନ ସହ କେନ୍ଦ୍ର ସରକାରଙ୍କ ଭାଗ ମଧ୍ୟ ରାଜ୍ୟ ରାଜକୋଷରୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୩୪ ତମ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା । ସୁତରାଂ ଜଳ ଜୀବନ ଜୀବନର ପ୍ରଥମ ପର୍ଯ୍ୟାୟ ପରି ଦ୍ୱିତୀୟ ପର୍ଯ୍ୟାୟର ସମଦଶା ହେବନାହିଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଜଳ ଜୀବନ ମିଶନ ୨.୦ ଅଧିନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ନିକଟରେ ଓଡ଼ିଶାକୁ ମାତ୍ର ୬୫.୩୧ କୋଟି ଟଙ୍କା ପ୍ରଦାନ କରିଛନ୍ତି । ସମାନ ସମୟରେ ଉତ୍ତର ପ୍ରଦେଶକୁ ୭୯୨.୯୩ କୋଟି, ଛତିଶଗଡ଼କୁ ୫୩୬.୫୩ କୋଟି, ମଧ୍ୟପ୍ରଦେଶକୁ ୧୫୪ କୋଟି ଟଙ୍କା ମିଳିଛି ।



ସକାଳ
www.sakalaepaper.com

# ୪୦ ଦିନ ପରେ ଶାନ୍ତ ପଡ଼ିଲା ମଧ୍ୟପ୍ରାଚ୍ୟ



## ପାକିସ୍ତାନ ସାଜିଲା ମଧ୍ୟସ୍ଥି

ନୂଆଦିଲ୍ଲୀ, ୮ ।୪(ଏଜେନ୍ସି): ଯୁଦ୍ଧ ବିରତି କରାଇବାରେ ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଶାନ୍ତି ଫେରାଇ ଆଣିବାରେ ପାକିସ୍ତାନ ଭୂମିକାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି। ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବ୍ବାସ ଅରାଗାଚି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହାବାଜ ସରିଫ ଓ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନୀରଙ୍କୁ ନିଜର 'ପ୍ରିୟ ଭାଇ' ବୋଲି ସମ୍ବୋଧନ କରିଛନ୍ତି। ପାକିସ୍ତାନ ଦ୍ୱାରା କରାଯାଇଥିବା ଯୁଦ୍ଧବିରତି ପ୍ରୟାସ କେବଳ ବିଶ୍ୱ-ରାଜନୀତି ପାଇଁ ନୁହେଁ ବରଂ ନିଜର ଆର୍ଥିକ ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ଏହା ଏକ ବାଧ୍ୟବାଧକତା ଥିଲା। ଇରାନ ସହ ପାକିସ୍ତାନର ସୀମା ଲାଗି ରହିଛି ଏବଂ ସେମାନଙ୍କ ମଧ୍ୟରେ ଘନିଷ୍ଠ କୂଟନୈତିକ ସମ୍ପର୍କ ରହିଛି। ପୁଣି ଇରାନର ଅନେକ ଆରବ ଦେଶ ଆମେରିକା ସହ ଅତି ଘନିଷ୍ଠ, କିନ୍ତୁ ପାକିସ୍ତାନ ସହ ଇସ୍ରାଏଲର କୌଣସି ସମ୍ପର୍କ ନାହିଁ। ଏହି କାରଣରୁ ଇରାନ ପାକିସ୍ତାନକୁ ଏକ ନିରପେକ୍ଷ ମଧ୍ୟସ୍ଥି ଭାବେ ଦେଖୁଛି। ପୁଣି ବିଗତ ବର୍ଷେ ମଧ୍ୟରେ ପାକିସ୍ତାନ ଓ ଆମେରିକା ମଧ୍ୟରେ ସମ୍ପର୍କ ସୁଧୁରିଛି। ରାଷ୍ଟ୍ରପତି ଟ୍ରମ୍ପ ପାକିସ୍ତାନ ସେନାମୁଖ୍ୟ ମୁନୀରଙ୍କୁ ନିଜର 'ପସନ୍ଦର ଫିଲ୍ଡ ମାର୍ଶାଲ' ବୋଲି କହିଛନ୍ତି। ସେହିପରି ମୁନୀରଙ୍କର ଉଭୟ ଆମେରିକା ଓ ଇରାନର ପ୍ରତିରକ୍ଷା ବିଭାଗ ସହ ଉତ୍ତମ ସମନ୍ୱୟ ରହିଛି। ପାକିସ୍ତାନର ଏହି ପ୍ରୟାସ ପଛରେ କେବଳ ରାଜନୀତି ନୁହେଁ ବରଂ ନିଜର ଅସ୍ତିତ୍ୱର ସଙ୍କଟ ଥିଲା। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତୈଳ ଦର ବୃଦ୍ଧି ପାଇବା ଫଳରେ ପାକିସ୍ତାନର ଆର୍ଥିକ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ପୁଣି ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ପାକିସ୍ତାନରେ ଜନ ଆନ୍ଦୋଳନ ତେଜିଥିଲା, ଯାହା ସରକାରଙ୍କ ମୁଣ୍ଡବିନ୍ଧାର କାରଣ ସାଜିଥିଲା। ପାକିସ୍ତାନର ଲକ୍ଷ ଲକ୍ଷ ଲୋକ ମଧ୍ୟପ୍ରାଚ୍ୟରେ କାମ କରନ୍ତି। ଯୁଦ୍ଧ ଯୋଗୁଁ ସେମାନଙ୍କ ସୁରକ୍ଷା ଓ ବିଦେଶୀ ମୁଦ୍ରା ଆସିବା ବନ୍ଦ ହୋଇଯିବାର ଭୟ ରହିଥିଲା। ଏହି ଯୁଦ୍ଧବିରତି ନେଇ ଅନେକ ଚ୍ୟାଲେଞ୍ଜ ରହିଛି ଓ ସତର୍କତା ଅବଲମ୍ବନ କରିବାର ଯଥେଷ୍ଟ କାରଣ ମଧ୍ୟ ରହିଛି। ଯଦିଓ ପାକିସ୍ତାନ ଏହି ସଫଳତା ପାଇଁ ପ୍ରଶଂସା ପାଉଛି, କିନ୍ତୁ ଏହି ଯୁଦ୍ଧବିରତି ଅତ୍ୟନ୍ତ ଦୁର୍ବଳ। ଯଦି ଏହି ଶାନ୍ତି ଚୁକ୍ତି ଭାଙ୍ଗିଯାଏ, ତେବେ ଉଭୟ ଆମେରିକା ଓ ଇରାନ ପାକିସ୍ତାନକୁ ଦୋଷାରୋପ କରିପାରନ୍ତି। ପାକିସ୍ତାନ ପାଖରେ ଏହି ଯୁଦ୍ଧବିରତିକୁ ବଳପୂର୍ବକ ଲାଗୁ କରିବାକୁ ସେଭଳି ସାମରିକ ଶକ୍ତି ନାହିଁ। ସଂକ୍ଷେପରେ କହିବାକୁ ଗଲେ, ପାକିସ୍ତାନ ନିଜର ଭୌଗୋଳିକ ଅବସ୍ଥିତି ଏବଂ ସାମରିକ ସମ୍ପର୍କର ଫାଇଦା ଉଠାଇ ଏକ ବଡ଼ ଯୁଦ୍ଧକୁ ସାମୟିକ ଭାବେ ରୋକିବାରେ ସଫଳ ହୋଇଛି, କିନ୍ତୁ ଆଗାମୀ ଦିନ ତା' ପାଇଁ ପରୀକ୍ଷାର ସମୟ।



## ଚୀନ୍ ଖେଳିଲା ମାଷ୍ଟରଷ୍ଟ୍ରୋକ୍

ନୂଆଦିଲ୍ଲୀ, ୮ ।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ବହୁ ପ୍ରତୀକ୍ଷିତ ଦୁଇସପ୍ତାହର ଯୁଦ୍ଧ ବିରତି ପଛରେ ଚୀନ୍‌ର ବଡ଼ ଭୂମିକା ଥିବା କଥା ସାମ୍ନାକୁ ଆସିଛି। ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାର୍ବଜନୀନ ଭାବେ ପାକିସ୍ତାନର ମଧ୍ୟସ୍ଥତାକୁ ପ୍ରଶଂସା କରିଛନ୍ତି, କିନ୍ତୁ ପ୍ରକୃତ ଘଟଣା ହେଉଛି ଶେଷ ମୁହୂର୍ତ୍ତରେ ଚୀନର ହସ୍ତକ୍ଷେପରୁ ହିଁ ଇରାନକୁ ଏହି ଦୁଇ ସପ୍ତାହର ଯୁଦ୍ଧବିରତି ପାଇଁ ରାଜି କରାଇଛି। ଏହା ପଛରେ ପାକିସ୍ତାନ ନୁହେଁ ବରଂ ଚୀନ୍‌ର ରହସ୍ୟମୟ କୂଟନୀତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମେରକା ପ୍ରଶାସନ ପାକିସ୍ତାନର ମଧ୍ୟସ୍ଥତାକୁ ପ୍ରଶଂସା କରୁଥିଲେ ମଧ୍ୟ ଚୀନର ହସ୍ତକ୍ଷେପ ହିଁ ଇରାନକୁ ବୁଝାମଣା ପାଇଁ ବାଧ୍ୟ କରିଛି। ଏହି କ୍ରମରେ ୧୦ ଘଣ୍ଟା ମଧ୍ୟରେ ଦୃଶ୍ୟପଟ୍ଟ ବଦଳିଥିଲା। ଟ୍ରମ୍ପଙ୍କ 'ସଭ୍ୟତା ଧ୍ୱଂସ' କରିଦେବାର ଚରମ ଚେତାବନୀ ପରେ, ମାତ୍ର ୧୦ ଘଣ୍ଟା ମଧ୍ୟରେ ଇରାନ ନିଜର ଆଡ଼ୁ ଆଭିମୁଖ୍ୟ ବଦଳାଇ ହର୍ମୁଜ ପ୍ରଣାଳୀ ଖୋଲିବାକୁ ରାଜି ହୋଇଥିଲା। ଏହା ପରେ ଚୀନ୍‌ର ସିଧାସଳଖ ଚାପ ରହିଥିବା ଜଣାପଡ଼ିଛି। ଯୁଦ୍ଧ ସମୟରେ ଚୀନ୍ ନିରବ ରହିଥିଲେ ମଧ୍ୟ ପଛରେ ରହି ଇରାନ, ଇସ୍ରାଏଲ ଏବଂ ରୁଷ୍ ସହିତ ଲାଗାତର ସମ୍ପର୍କରେ ଥିଲା। ଜାତିସଂଘ ସୁରକ୍ଷା ପରିଷଦରେ ଇରାନ ବିରୋଧରେ ଆସିଥିବା ପ୍ରସ୍ତାବକୁ ଚୀନ୍ ଓ ରୁଷ୍ ରୋକିବା ଦ୍ୱାରା ଇରାନର ଭରସା ଜିତିବାରେ ଚୀନ ସଫଳ ହୋଇଥିଲା। ସେପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପୋଷ୍ଟରେ ସରିଫ ଲେଖିଥିଲେ ଯେ, 'ଡ୍ରାଫ୍ଟ- ପାକିସ୍ତାନସ ପିଏମ୍ ମେସେଜ'। ଏହା କୁହାଯାଉଛି ଯେ, ପାକିସ୍ତାନ କେବଳ ଆମେରିକାର ଏକ 'ବାର୍ତ୍ତାବାହକ' ସାଜିଛି ଏବଂ ପ୍ରକୃତ କୂଟନୀତି ବେଜିଂରୁ ନିୟନ୍ତ୍ରିତ ହେଉଛି। ଏହି ଚୁକ୍ତି ବା ସନ୍ଧି ପଛରେ ଚୀନର ନିଜସ୍ୱ ସ୍ୱାର୍ଥ ମଧ୍ୟ ରହିଛି। ବିଶ୍ୱର ସବୁଠାରୁ ତୈଳ ଆମଦାନୀକାରୀ ଦେଶ ଭାବେ ଚୀନ୍ ଚାହୁଁ ନ ଥିଲା ଯେ ଏହି ଯୁଦ୍ଧ କ୍ରମାଗତ ଲାଗି ରହୁ ଓ ଦୀର୍ଘସ୍ଥାୟୀ ହେଉ। ଯଦି ଆମେରିକା ହର୍ମୁଜ ପ୍ରଣାଳୀ କବଜା କରିଥାନ୍ତା, ତେବେ ଚୀନ୍‌ର ଶକ୍ତି ସୁରକ୍ଷା ବିପନ୍ନ ହୋଇଥାନ୍ତା। ତେବେ ବର୍ତ୍ତମାନ ଏହା ସତ୍ତ୍ୱେ ଟ୍ରମ୍ପ ଅସ୍ତ୍ରବିରତିର ଶ୍ରେୟ ଚୀନ୍‌କୁ କାହିଁକି ଦେଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ବିଶେଷଜ୍ଞଙ୍କ ମତରେ, ଯଦି ଟ୍ରମ୍ପ ଚୀନ୍‌କୁ ଶ୍ରେୟ ଦେଇଥାନ୍ତେ, ତେବେ ଏହା ଚୀନ୍‌କୁ ବିଶ୍ୱର ଏକ ଶକ୍ତିଶାଳୀ ମଧ୍ୟସ୍ଥ ଭାବେ ଠିଆ କରିଥାନ୍ତା। ତେଣୁ ନିଜର ଘରୋଇ ରାଜନୀତି ଓ ପ୍ରଭାବ ବଜାୟ ରଖିବା ପାଇଁ ଟ୍ରମ୍ପ ପାକିସ୍ତାନକୁ ଶ୍ରେୟ ଦେଇ ଚୀନ୍‌ର ଭୂମିକାକୁ ଗୋପନ ରଖିବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ କହିବାକୁ ଗଲେ, ପାକିସ୍ତାନ ମଧ୍ୟସ୍ଥତାର ମୁଖା ପିନ୍ଧିଥିବା ବେଳେ, ଚୀନ୍ ନିଜର ଆର୍ଥିକ ଏବଂ ରଣନୈତିକ ସ୍ୱାର୍ଥ ରକ୍ଷା ପାଇଁ ଏହି ଯୁଦ୍ଧବିରତି କରାଇବାରେ ଅସଲ ଖେଳାଳି ସାଜିଛି।

## ହର୍ମୁଜରୁ ଶୁଳ୍କ ଆଦାୟ କରିବେ ଇରାନ, ଓମାନ

ତେହରାନ, ୮ ।୪(ଏଜେନ୍ସି): ଯୁଦ୍ଧବିରତି ଚୁକ୍ତିର ଏକ ପ୍ରମୁଖ ସର୍ତ୍ତ ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହଜଗୁଡ଼ିକଠାରୁ ଇରାନ ଓ ଓମାନ ଶୁଳ୍କ ଆଦାୟ କରିପାରିବେ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ବାଣିଜ୍ୟ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ। ଇରାନ ଅଧିକାରୀଙ୍କ ଅନୁଯାୟୀ, ଯୁଦ୍ଧ ଯୋଗୁଁ ଦେଶର ଭିତ୍ତିଭୂମି ପ୍ରତିରକ୍ଷା ଏବଂ ପ୍ରଶାସନିକ ବ୍ୟବସ୍ଥାର ଯେଉଁ ବ୍ୟାପକ କ୍ଷୟକ୍ଷତି ହୋଇଛି, ତାହାର ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟବହାର କରାଯିବ। ହର୍ମୁଜ ପ୍ରଣାଳୀର ଓସାର ମାତ୍ର ୩୪ କିମି ଓ ଏହା ଇରାନ ଓ ଓମାନର ଆଞ୍ଚଳିକ ସୀମା ମଧ୍ୟରେ ରହିଛି। କୌଣସି ଦେଶ କେବଳ ଯାତାୟାତ ପାଇଁ ଶୁଳ୍କ ଆଦାୟ କରିପାରିବେ ନାହିଁ। କିନ୍ତୁ ପାଇଲଟିଂ ପାଇଁ ଶୁଳ୍କ ନିଆଯାଇପାରିବ। ଇରାନ ବର୍ତ୍ତମାନ ଏଥିପାଇଁ ଏକ ନୂତନ ପ୍ରୋଟୋକଲ ପ୍ରସ୍ତୁତ କରୁଛି। ତେବେ ୟୁଏଇ, କାତାର ଭଳି ଉପସାଗରୀୟ ଦେଶଗୁଡ଼ିକ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଅନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ମୁକ୍ତ ଓ ନିଃଶୁଳ୍କ ରହିବା ଆବଶ୍ୟକ। ଏହି ଶୁଳ୍କର ପରିମାଣ ଜାହାଜର ପ୍ରକାର ଓ ସେଥିରେ ଥିବା ସାମଗ୍ରୀ ଉପରେ ନିର୍ଭର କରିବ। ଦୀର୍ଘଦିନ ଧରି ମାଗଣା ଥିବା ଏହି ଅନ୍ତର୍ଜାତୀୟ ଜଳପଥ ଏବେ ଇରାନ ପାଇଁ ରାଜସ୍ୱ ଆଦାୟର ଏକ ମାଧ୍ୟମ ସାଜିବାକୁ ଯାଉଛି, ଯାହାକୁ ନେଇ ଆଗାମୀ ଦିନରେ ଅନ୍ୟ ଦେଶଗୁଡ଼ିକ ସହ ବିବାଦ ବଢ଼ିପାରେ। ମିଳିଥିବା ସୂଚନା ଅନୁଯାୟୀ ପ୍ରତି ତୈଳ ଜାହାଜ ପ୍ରତି ଇରାନ ଆଦାୟ କରିବ ୨୦ ଲକ୍ଷ ଡଲାର। ଏହି ଅର୍ଥକୁ ଉଭୟ ଇରାନ ଏବଂ ଓମାନ ପରସ୍ପର ମଧ୍ୟରେ ବାଣ୍ଟିନେବେ। ଇରାନର ଅନୁମତି ବିନା କୌଣସି ଜାହାଜ ହର୍ମୁଜ ଦେଇ ଯାଇପାରିବ ନାହିଁ। ବିନା ଅନୁମତିରେ ଯାଉଥିବା ଜାହାଜ ଉପରେ ଇରାନ ଆକ୍ରମଣ କରି ଧ୍ୱଂସ କରିଦେବ ବୋଲି ଧମକ ଦେଇଛି।

### ୫ ବର୍ଷର ଶିଶୁକୁ ଗଣଦୁଷ୍କର୍ମ ପରେ ହତ୍ୟା

ବିହାର, ୮।୪(ଏଜେନ୍ସି): ବିହାରର ଜେହାନାବାଦରେ ୫ ବର୍ଷର ଶିଶୁକୁ ସ୍କୁଲ ହଷ୍ଟେଲରେ ଅମାନୁଷିକ ଭାବେ ହତ୍ୟା କରାଯାଇଛି। ଶିଶୁକୁ ଗଣଦୁଷ୍କର୍ମ କରାଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଡାକ୍ତରୀ ରିପୋର୍ଟ ଅନୁଯାୟୀ, ଶିଶୁଟିର ଗଳା କଟାଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଧାରୁଆ ଅସ୍ତ୍ରରେ ଗଭୀର କ୍ଷତ ରହିଥିବା ଦେଖାଦେଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଗୁରୁକୁଳ ହଷ୍ଟେଲ ଏବଂ ସ୍କୁଲର ପ୍ରିନ୍ସିପାଲ୍ ତରୁଣଙ୍କୁ ପୁଲିସ ଗିରଫ କରିଛି। ଏହାସହ ଅନ୍ୟ ଜଣେ ଶିକ୍ଷକ ଏବଂ ଦୁଇ ଜଣ ମହିଳା କର୍ମଚାରୀଙ୍କୁ ମଧ୍ୟ ପୁଲିସ ନିଜ ହେପାଜତକୁ ନେଇ ପଚରାଉଚରା କରୁଛି। ସେହି ସ୍କୁଲ ଓ ହଷ୍ଟେଲରେ ପଢୁଥିବା ମୃତ ଶିଶୁର ବଡ଼ ଭାଇଙ୍କ ବୟାନ ଅନୁଯାୟୀ, ଘଟଣାଦିନ ରାତିରେ ପ୍ରିନ୍ସିପାଲ୍ ଶିଶୁଟିକୁ ନିଜ ସହ ଶୋଇବା ପାଇଁ ରୁମକୁ ନେଇଥିଲେ। ଏହି ବର୍ବରକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ରାସ୍ତା ଅବରୋଧ କରି ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି।



## ଜେଡି ଭାନ୍ସ: ଯୁଦ୍ଧବିରତି ପଛର ଅଦୃଶ୍ୟ ନାୟକ

ୱାସିଂଟନ, ୮ ।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଦୁଇ ସପ୍ତାହର ଯୁଦ୍ଧ ବିରତି ପଛରେ ଥିବା ରହସ୍ୟ ଧିରେ ଧିରେ ଖୋଲିବାରେ ଲାଗିଛି। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ, ଯିଏ କି ପୂର୍ବରୁ ଇରାନ ସହ ଯୁଦ୍ଧକୁ ନେଇ ସନ୍ଦେହ ପ୍ରକଟ କରିଥିଲେ, ଏବେ ତାଙ୍କୁ ଏହି ଯୁଦ୍ଧବିରତି ପଛରେ ଅଦୃଶ୍ୟ ନାୟକ ବା ଶ୍ୟାଡୋ ବ୍ରୋକର କୁହାଯାଉଛି। ସେ ପାକିସ୍ତାନ ସହାୟତାରେ ତେହରାନ ଅଧିକାରୀଙ୍କ ସହ ଗୋପନ ଆଲୋଚନା କରି ଯୁଦ୍ଧବିରତି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ଯୁଦ୍ଧବିରତି କେବଳ ଧମକ କିମ୍ବା ସାମରିକ ଚାପର ପରିଣାମ ନୁହେଁ, ବରଂ ଏହା ପଛରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଗୁପ୍ତ ଓ ନିରନ୍ତର କୂଟନୈତିକ ପ୍ରୟାସ ରହିଛି। ଯେଉଁ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ, ସେହି ସମୟରେ ଭାନ୍ସ ପଛପଟେ ରହି ଶାନ୍ତିର ବାଟ ଫିଟାଇଥିଲେ।

ଟ୍ରମ୍ପ ଓ ଭାନ୍ସ ଏକ ସୁଚିନ୍ତିତ ରଣନୀତି ଅନୁଯାୟୀ କାର୍ଯ୍ୟ କରୁଥିଲେ। ଟ୍ରମ୍ପ ସର୍ବସାଧାରଣରେ ଇରାନକୁ 'ସଭ୍ୟତା ଶେଷ କରିଦେବା' ଭଳି କଠୋର ଚେତାବନୀ ଦେଉଥିବା ବେଳେ, ଭାନ୍ସ ପଛପଟୁ ପାକିସ୍ତାନ ଜରିଆରେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ମୋଜତାବା ଖାମେନେଇଙ୍କ ସହ ଯୋଗାଯୋଗ ରକ୍ଷା କରିଥିଲେ। ଇରାନ ପୂର୍ବରୁ ଅନ୍ୟ ଦୂତ ଷ୍ଟିଭ ୱିଟ୍‌କଫ ଓ ଜାରେଡ କୁଶନରଙ୍କୁ ବିଶ୍ୱାସ ବା ଭରସା କରୁ ନଥିଲା। କିନ୍ତୁ ଜେଡି ଭାନ୍ସ ଜଣେ ପୂର୍ବତନ ସାମରିକ ଅଧିକାରୀ ହୋଇଥିବାରୁ ଯୁଦ୍ଧ ପ୍ରତି ତାଙ୍କର ସନ୍ଦେହଜନକ ମନୋଭାବ ଯୋଗୁଁ ଇରାନ ତାଙ୍କ ସହ ଆଲୋଚନା କରିବାକୁ ପସନ୍ଦ କରିଥିଲା। ପୁଣି ଭାନ୍ସ ପ୍ରଥମରୁ ହିଁ ଯୁଦ୍ଧକୁ ବିରୋଧ କରିଆସୁଥିଲେ। ତାଙ୍କ ମତରେ ଇରାନ ସହ ଯୁଦ୍ଧ ଆମେରିକା ପାଇଁ 'ସମ୍ବଳର ଅପଚୟ' ଏବଂ ଅତ୍ୟଧିକ ବ୍ୟୟବହୁଳ ହେବ। ଏହି ଚିନ୍ତାଧାରା ହିଁ ତାଙ୍କୁ ଜଣେ ଗ୍ରହଣୀୟ ମଧ୍ୟସ୍ଥ ଭାବେ ଉଭୟ ପକ୍ଷରେ ପ୍ରତିଷ୍ଠିତ କରିଥିଲା। ଭାନ୍ସ ସିଧାସଳଖ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଓ ସେନାମୁଖ୍ୟ ଆସିମ ମୁନିରଙ୍କ ସହ କଥା ହୋଇଥିଲେ। ସେ ଇରାନକୁ ସ୍ପଷ୍ଟ କରିଥିଲେ ଯେ ଯଦି ଏହି ଚୁକ୍ତି ନହୁଏ, ତେବେ ଟ୍ରମ୍ପ ଇରାନର ଶକ୍ତି ଓ ଜନବସତି ଭିତ୍ତିଭୂମି ଉପରେ ଭୟଙ୍କର ଆକ୍ରମଣ କରିବେ। ଶେଷରେ ଏହି ଚେତାବନୀ ଓ ବୁଝାମଣା ଇରାନକୁ ନଇଁବାକୁ ବାଧ୍ୟ କରିଥିଲା। ଏହି ସଫଳତା ପରେ ଆମେରିକା ପ୍ରଶାସନ ମଧ୍ୟରେ ଭାନ୍ସଙ୍କ ପ୍ରତିପତ୍ତି ବୃଦ୍ଧି ପାଇଛି। ଆସନ୍ତା ଶୁକ୍ରବାର ଇସଲାମାବାଦ୍‌ରେ ହେବାକୁ ଥିବା ପରବର୍ତ୍ତୀ ଆଲୋଚନାରେ ମଧ୍ୟ ସେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଯଦି ଟ୍ରମ୍ପ ଯୁଦ୍ଧର ଚେହେରା ଥିଲେ, ତେବେ ଭାନ୍ସ ଏହି ଶାନ୍ତି ବୁଝାମଣାର ଅସଲ କାରିଗର।

## ସେହି ରୋମାଞ୍ଚକ ୯୦ ମିନିଟର କାହାଣୀ

ନୂଆଦିଲ୍ଲୀ, ୮ ।୪(ଏଜେନ୍ସି): ଆମେରିକା ରାଜଧାନୀ ୱାସିଂଟନ ଡିସିରେ ସନ୍ଧ୍ୟା ୬.୩୦ ସମୟ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଡେଡ୍‌ଲାଇନ୍ ଶେଷ ହେବାକୁ ଆଉ ମାତ୍ର ୯୦ ମିନିଟ୍ ବାକିଥାଏ। ଟ୍ରମ୍ପଙ୍କ ଗୋଟିଏ ସୋସିଆଲ ମିଡିଆ ପୋଷ୍ଟ - 'ଆଜି ରାତିରେ ଏକ ସମ୍ପୂର୍ଣ୍ଣ ସଭ୍ୟତାର ଅନ୍ତ ଘଟିବ'- ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କୂଟନୀତିର ବିଜୟ ହୋଇଥିଲା ଏବଂ ଯୁଦ୍ଧ ଥମିଯାଇଥିଲା। ଯୁଦ୍ଧ ଭୟମଧ୍ୟରେ ଇରାନର ହଜାର ହଜାର ଯୁବକ, ଶ୍ରମିକ ଓ ସାଧାରଣ ଜନତା ନିଜ ଦେଶର ପାୱାର ପ୍ଲାଣ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଚାରିପଟେ 'ମାନବ ଶୃଙ୍ଖଳ' ତିଆରି କରି ଛିଡ଼ା ହୋଇଥିଲେ। ସେମାନେ ନିଜ ଜୀବନ ବଦଳରେ ଦେଶକୁ ବଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ ଥିଲେ। ଅନ୍ୟପଟେ, ଆମେରିକା ଓ ଇସ୍ରାଏଲର ଆକ୍ରମଣ ସେହି ସମୟରେ ଜାରି ରହିଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ମଙ୍ଗଳବାର ଅପରାହ୍ଣରେ 'ଏକ୍ସ' ଯୋଗେ ପ୍ରସ୍ତାବ ଦେଇଥିଲେ। ସେ ଟ୍ରମ୍ପଙ୍କୁ ସମୟସୀମା ଦୁଇ ସପ୍ତାହ ଘୁଞ୍ଚାଇବାକୁ ଓ ଇରାନକୁ ଶୁଭେଚ୍ଛା ସ୍ୱରୂପ 'ହର୍ମୁଜ ପ୍ରଣାଳୀ' ଖୋଲିବାକୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବ ହିଁ ଉଭୟ ପକ୍ଷକୁ ସମ୍ମାନଜନକ ଭାବେ ପଛକୁ ହଟିବା ପାଇଁ ଏକ ବାଟ ଦେଖାଇଥିଲା। ଶେଷରେ ସନ୍ଧ୍ୟା ୬.୩୨ ମିନିଟ୍‌ରେ ଟ୍ରମ୍ପ ଘୋଷଣା କଲେ ଯେ, ପାକିସ୍ତାନର ଅନୁରୋଧ କ୍ରମେ ଏବଂ ଇରାନ ହର୍ମୁଜ ପ୍ରଣାଳୀ ଖୋଲିବାକୁ ରାଜି ହୋଇଥିବାରୁ, ଆମେରିକା ଦୁଇ ସପ୍ତାହ ପାଇଁ ଆକ୍ରମଣ ସ୍ଥଗିତ ରଖୁଛି ଓ ଏହାକୁ ଇରାନ ତୁରନ୍ତ ସ୍ୱୀକାର କରିଥିଲା। ଏବେ ଏପ୍ରିଲ ୧୦ରେ ପାକିସ୍ତାନର ଇସଲାମାବାଦ୍‌ରେ ଉଭୟ ଦେଶର ପ୍ରତିନିଧିମାନେ ସ୍ଥାୟୀ ଭାବେ ସମାଧାନ ପାଇଁ ଆଲୋଚନା କରିବେ ଓ ସାରା ବିଶ୍ୱର ନଜର ଏହା ଉପରେ ରହିଛି।



## ଇରାନର ୧୦-ସୂତ୍ରୀ ପ୍ରସ୍ତାବ

ତେହରାନ, ୮ ।୪(ଏଜେନ୍ସି): ଯୁଦ୍ଧ ବିରତି ଘୋଷଣା ପରେ ଇରାନ ଏହାକୁ ନିଜର ଐତିହାସିକ ବିଜୟ ବୋଲି ଅଭିହିତ କରିଛି। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ଅନୁଯାୟୀ, ତେହରାନ ସାମରିକ ଓ ରାଜନୈତିକ ଚାପ ଯୋଗୁଁ ଆମେରିକା ତା'ର ଆକ୍ରମଣ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛି। ଇରାନ ଅନୁଯାୟୀ, ଆମେରିକା ତା'ର ୧୦-ସୂତ୍ରୀୟ ଶାନ୍ତି ପ୍ରସ୍ତାବକୁ ମୂଳଭୂତି ଭାବେ ଗ୍ରହଣ କରିବାକୁ ବାଧ୍ୟ ହୋଇଛି। ଏହି ୧୦- ସୂତ୍ରୀୟ ପ୍ରସ୍ତାବରେ ନିମ୍ନଲିଖିତ ଦାବିଗୁଡ଼ିକ ରହିଛି। ଇରାନ ଏହି ଯୁଦ୍ଧବିରତିକୁ ଯୁଦ୍ଧର ସମାପ୍ତି ନୁହେଁ ବରଂ ଏକ ରଣନୈତିକ ବିରତି ବୋଲି କହିଛି। ଯଦି ଆମେରିକା କୌଣସି ଭୁଲ କରେ, ତେବେ ଇରାନ ପୂର୍ଣ୍ଣ ଶକ୍ତିରେ ଆକ୍ରମଣ କରିବ। ଟ୍ରମ୍ପ କହିଛନ୍ତି ଯେ, ୟୁରାନିୟମ ସମ୍ପର୍କରେ ଏକ ବୁଝାମଣା କରାଯିବ, କିନ୍ତୁ ଏହାର ସବିଶେଷ ତଥ୍ୟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଇରାନର ଏହି ୧୦ଟି ସର୍ତ୍ତ ଅତ୍ୟନ୍ତ କଠୋର ଏବଂ ଆଗାମୀ ଦିନରେ ଏହା ଉପରେ ହେବାକୁ ଥିବା ଆଲୋଚନା ବିଶ୍ୱ ଶାନ୍ତି ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

୧. ଆକ୍ରମଣ ବନ୍ଦର ପ୍ରତିଶ୍ରୁତି।
୨. ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ।
୩. ଇରାନର ୟୁରାନିୟମ ସମୃଦ୍ଧି କରିବାର ଅଧିକାରକୁ ସ୍ୱୀକୃତି ଦେବାକୁ ପଡ଼ିବ।
୪. ଇରାନ ଉପରେ ଲାଗିଥିବା ସମସ୍ତ କଟକଣାକୁ ତୁରନ୍ତ ହଟାଇବାକୁ ହେବ।
୫. ସମସ୍ତ ଦ୍ୱିତୀୟ ପର୍ଯ୍ୟାୟ କଟକଣା ମଧ୍ୟ ପ୍ରତ୍ୟାହାର କରାଯିବ।
୬. ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଇରାନ ବିରୋଧରେ ପାରିତ ହୋଇଥିବା ସମସ୍ତ ପ୍ରସ୍ତାବକୁ ରଦ୍ଦ କରାଯିବ।
୭. ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ର ବୋର୍ଡ ଅଫ୍ ଗଭର୍ଣ୍ଣସ ଦ୍ୱାରା ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ରଦ୍ଦ କରାଯିବ।
୮. ଯୁଦ୍ଧ ଯୋଗୁଁ ଇରାନରେ ହୋଇଥିବା କ୍ଷୟକ୍ଷତି ପାଇଁ ଆମେରିକା କ୍ଷତିପୂରଣ ଦେବ।
୯. ମଧ୍ୟପ୍ରାଚ୍ୟରୁ ଆମେରିକା ସମସ୍ତ ସାମରିକ ବାହିନୀକୁ ପ୍ରତ୍ୟାହାର କରିବ।
୧୦. ଲେବାନନ ସମେତ ସମସ୍ତ ଯୁଦ୍ଧ ସାମ୍ମୁଖ୍ୟରେ ଆକ୍ରମଣ ସମ୍ପୂର୍ଣ୍ଣ ବନ୍ଦ କରାଯିବ।

## ପୁଣି ନିର୍ବାଚନ କମିସନ୍-ଟିଏମ୍‌ସି ମୁହାଁମୁହିଁ



■ ଆମ ସହ ଦୁର୍ବ୍ୟବହାର କରୁଛନ୍ତି ମୁଖ୍ୟ ନିର୍ବାଚନ କମିସନର: ଓବ୍ରାଏନ

ନୂଆଦିଲ୍ଲୀ, ୮ ।୪(ଏଜେନ୍ସି): ପଶ୍ଚିମବଙ୍ଗରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ନାମ କଟାଯିବା ଓ ପର୍ଯ୍ୟବେକ୍ଷକଙ୍କ ନିରପେକ୍ଷତାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ନିର୍ବାଚନ କମିସନ ପୁଣି ମୁହାଁମୁହିଁ ହୋଇଛନ୍ତି। କମିସନଙ୍କୁ ଭେଟିବା ଲାଗି ଆଜି ଟିଏମସିର ଏକ ପ୍ରତିନିଧି ଦଳ ଯାଇଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଛି। ଏହି ସମୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ସେମାନଙ୍କୁ ଦୁର୍ବବ୍ୟହାର କରିଥିବା ଅଭିଯୋଗ କରିଛନ୍ତି ଟିଏମ୍‌ସି ନେତା ଡେରେକ ଓବ୍ରାଏନ୍। ସେ ଅଭିଯୋଗ କରିଛନ୍ତି ଯେ,ବୈଠକ ମଧ୍ୟରେ ଗେଟ୍ ଲଷ୍ଟ ବୋଲି କହି ଅପମାନିତ କରିଛନ୍ତି ଜ୍ଞାନେଶ କୁମାର। ସଂସଦର ଦ୍ୱିତୀୟ ବୃହତ୍ତମ ଦଳର ପ୍ରତିନିଧିଙ୍କ ସହ ଏଭଳି ବ୍ୟବହାର ନିନ୍ଦନୀୟ। ପଶ୍ଚିମବଙ୍ଗରେ ବିଜପି ନେତାଙ୍କ ନିର୍ବାଚନ ଅଧିକାରୀ ବୁଲୁଥିବା ବେଳେ ନିର୍ବାଚନ କିପରି ନିରପେକ୍ଷ ହେବ ବୋଲି ।।ସେ ପ୍ରଶ୍ନ କରିଛନ୍ତି। ତେବେ ଏହି ଅଭିଯୋଗକୁ ନେଇ ନିର୍ବାଚନ କମିସନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ କଡ଼ା ପୋଷ୍ଟ କରିଛନ୍ତି। ଏହାକୁ ଏକ 'ଷ୍ଟ୍ରେଟ୍ ଟକ୍' ବୋଲି ଉ।।ଲ୍ଲେଖ କରି କମିସନ ଲେଖିଛନ୍ତି ଯେ, ଚଳିତ ଥର ପଶ୍ଚିମବଙ୍ଗରେ ନିଶ୍ଚିତ ଭାବେ ଭୟମୁକ୍ତ, ହିଂସାମୁକ୍ତ, ବୁଥ ଜାମିଂ ଓ ରେଡ ମୁକ୍ତ ହେବ। ରାଜ୍ୟରେ ୯୧ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯିବା ଏହି ବିବାଦର ମୁଖ୍ୟ କାରଣ। ଏହାକୁ ନେଇ ଆକ୍ଷେପ ଓ ପ୍ରତିଆକ୍ଷେପ ଜାରି ରହିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ତାଙ୍କ ଦଳ ଏହାକୁ ନେଇ ପୁଣି ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହେବ।

## ହାଜତ ମୃତ୍ୟୁ ମାମଲା: ୮ ମୁମ୍ବାଇ ପୁଲିସ କର୍ମଚାରୀଙ୍କ ବିରୋଧରେ ଚାଲିବ ବିଚାର

ମୁମ୍ବାଇ, ୮।୪(ଏଜେନ୍ସି): ବମ୍ବେ ହାଇକୋର୍ଟ ୨୦୧୪ରେ ଆଞ୍ଜେଲୋ ଭାଲଡାରିସ ନାମକ ଜଣେ ୨୫ ବର୍ଷୀୟ ଯୁବକଙ୍କ ପୁଲିସ ହାଜତରେ ହୋଇଥିବା ମୃତ୍ୟୁ ମାମଲାରେ ରାୟ ଶୁଣାଇଛନ୍ତି। କୋର୍ଟ ୮ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ଅଭିଯୋଗ କାଏମ ରଖିବାକୁ ଏକ ସ୍ୱତନ୍ତ୍ର ଟ୍ରାଏଲ କୋର୍ଟଙ୍କ ୨୦୨୨ର ଆଦେଶକୁ ଅନୁମୋଦନ କରିଛନ୍ତି। ବିଚାରପତି ଅଜୟ ଗଡ଼କରୀ ଏବଂ ବିଚାରପତି ଶ୍ୟାମ ଚାନ୍ଦକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି। ପ୍ରାଥମିକ ଭାବରେ ଆଞ୍ଜେଲୋଙ୍କୁ ବେଆଇନ ଭାବେ ପୁଲିସ ହେପାଜତରେ ଗୁରୁତର ଭାବେ ପିଟାଯାଇଥିବା କୋର୍ଟ ମନ୍ତବ୍ୟ ପ୍ରକାଶ କରିଛନ୍ତି। ଘଟଣା ଅନୁଯାୟୀ, ୨୦୧୪ ଏପ୍ରିଲରେ ୱାଡ଼ାଲା ରେଳବାଇ ପୁଲିସ ଦ୍ୱାରା ଏକ ଚୋରି ଅଭିଯୋଗରେ ଆଞ୍ଜେଲୋଙ୍କୁ ଉଠାଇ ନିଆଯାଇଥିଲା। ପୁଲିସର କହିଥିଲା ଯେ, ଚିକିତ୍ସା ପାଇଁ ନିଆଯାଉଥିବା ସମୟରେ ସେ ଖସି ପଳାଇବାକୁ ଚେଷ୍ଟା କରିବା ବେଳେ ଚଳନ୍ତା ଟ୍ରେନରେ ଧକ୍କା ହୋଇ ତାଙ୍କର ମୃତ୍ୟୁ ହୋଇଥିଲା।

## ଯୁଦ୍ଧବିରତି ପରେ ମଧ୍ୟ ଆକ୍ରମଣ



■ ଇରାନ ତୈଳ ପ୍ରତିଷ୍ଠାନରେ ବୋମାମାଡ଼

■ ୟୁଏଇ, କୁଏତ ଉପରେ ଇରାନ ଆକ୍ରମଣ

ଦୁବାଇ, ୮ ।୪(ଏଜେନ୍ସି): ଦୁଇ ସପ୍ତାହ ପାଇଁ ଯୁଦ୍ଧି ବିରତି ଘୋଷଣା କରିବାର କିଛି ସମୟ ପରେ, ଇରାନ ପକ୍ଷରୁ କୁଏତ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ଉପରେ ବ୍ୟାପକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଇରାନ ଗଣମାଧ୍ୟମ ଅନୁଯାୟୀ, ନିଜର ତୈଳ ସଂସ୍ଥା ଉପରେ ହୋଇଥିବା ଆକ୍ରମଣର ଜବାବ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇରାନରୁ ଆସୁଥିବା ବାଲିଷ୍ଟିକ ମିସାଇଲ ଓ କ୍ରୁଜ୍ ମିସାଇଲ୍‌କୁ ୟୁଏଇର ପ୍ରତିରକ୍ଷା ବାହିନୀ ଆକାଶରେ ହିଁ ନଷ୍ଟ କରିଦେଇଛି। କିନ୍ତୁ ଆବୁଧାବିର ହାବ୍‌ସାନ ଗ୍ୟାସ୍ କମ୍ପ୍ଲେକ୍ସରେ ଆକ୍ରମଣ ଯୋଗୁଁ ନିଆଁ ଲାଗିଯାଇଥିଲା, ଫଳରେ କାମ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ସେହିପରି କୁଏତ ସେନା ପ୍ରାୟ ୨୮ଟି ଡ୍ରୋନ୍‌କୁ ଖସାଇ ଦେଇଛି। କିଛି ଡ୍ରୋନ ଦେଶର ଦକ୍ଷିଣ ଭାଗରେ ଥିବା ଗୁରୁତ୍ୱପୂର୍ଣ୍ଣ ତୈଳ ଭିତ୍ତିଭୂମି, ବିଦ୍ୟୁତ କେନ୍ଦ୍ର ଓ ଜଳ ବିଶୋଧନ ପ୍ଲାଣ୍ଟକୁ ଟାର୍ଗେଟ କରିଥିଲେ, ଯାହା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ବାହାରିନ୍‌ର ସିତ୍ରା ଦ୍ୱୀପରେ ଥିବା ଶକ୍ତି ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରାଯାଇଛି। ତେବେ ଡ୍ରୋନ ଇଣ୍ଟରସେପ୍ଟ କରିବା ସମୟରେ ଏହାର ଟୁକୁଡ଼ା ପଡ଼ି ଦୁଇଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି ଓ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଇରାନର ସରକାରୀ ଟେଲିଭିଜନ କହିଛି ଯେ, ବୁଧବାର ଇରାନର ନିଜସ୍ୱ ତୈଳ କେନ୍ଦ୍ର (ଲଭାନ ଓ ସିରି ଦ୍ୱୀପ) ଉପରେ ହୋଇଥିବା ବୋମାମାଡ଼ର ଜବାବରେ ସେମାନେ ଏହି ପଦକ୍ଷେପ ନେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଯୁଦ୍ଧବିରତି ପରେ ଆକ୍ରମଣ ଜାରି ରଖିବା ଚିନ୍ତାର ବିଷୟ। ଇରାନର ସାମରିକ କମାଣ୍ଡ ମଧ୍ୟରେ ଯୋଗାଯୋଗର ଅଭାବ କିମ୍ବା କିଛି ଗୋଷ୍ଠୀର ମତାନ୍ତର ଯୋଗୁଁ ଏଭଳି ଉଲ୍ଲଂଘନ ହୋଇଥାଏ ପାରେ ବୋଲି କୁହାଯାଇଛି।

ସକାଳ THE SAKALA


# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗର ବଡ଼ ମାଛ

## ରାଜଧାନୀରେ ପ୍ରାସାଦ, ଢେଙ୍କାନାଳରେ ଫାର୍ମ ହାଉସ୍ ଠାବ

ଭୁବନେଶ୍ୱର/ଢେଙ୍କାନାଳ, ୮।୪ (ସମିସ): ଠିକାଦାରଙ୍କ ଟଙ୍କାରେ ରାଜଧାନୀରେ ଗଢ଼ିଥିଲେ ୩ ମହଲା ପ୍ରାସାଦ, ଢେଙ୍କାନାଳରେ କରିଥିଲେ ଫାର୍ମ ହାଉସ୍। ଖାଲି ସେତିକି ନୁହେଁ; ଦାମୀ ହାତ ଘଣ୍ଟା ପିନ୍ଧିବା ସହ ବିମାନରେ ଦେଶବିଦେଶ ବୁଲୁଥିଲେ। ମାତ୍ର ୨ ହଜାର ଟଙ୍କାରୁ ଚାକିରି ଆରମ୍ଭ କରିଥିବା ବାବୁଙ୍କ ପାଖରେ ଏବେ କୋଟି କୋଟି ଟଙ୍କାର ସମ୍ପତ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଳସେଚନ ବିଭାଗର ବଡ଼ ମାଛ। ଜଳସେଚନ ବିଭାଗର କେନ୍ଦ୍ରୀୟ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସର ଟିମ୍ ବରମୁଣ୍ଡା, ଯାଜପୁର, ଢେଙ୍କାନାଳ, କଟକ ଓ ଅଫିସ୍ ଚାମ୍ବର ସମେତ ୬ଟି ସ୍ଥାନରେ ଚଢ଼ଉ କରିଥିଲା। ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ୩ ମହଲା ବିଶିଷ୍ଟ ପ୍ରାସାଦ (କୋଠା) ଓ ଢେଙ୍କାନାଳ ଭାପୁର ନିକଟସ୍ଥ ବିମ୍ବଳରେ ଦୁଇ ଏକର ପରିମିତ ଜମିର ଫାର୍ମ ହାଉସ୍ ଠାବ କରିଥିଲା। ଫାର୍ମ ହାଉସ୍




ପରିସରରେ ଦୁଇ ମହଲା ବିଶିଷ୍ଟ କୋଠା ମଧ୍ୟ ରହିଛି। ଭୁବନେଶ୍ୱର, ଯାଜପୁର ଓ ଢେଙ୍କାନାଳରେ ୮ଟି ବହୁମୂଲ୍ୟ ପ୍ଲଟ୍ , କୋଟିଏ ୭୦ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା, ୩୫୦ ଗ୍ରାମ ଓଜନର ସୁନାଗହଣା, ନଗଦ ୬ ଲକ୍ଷ ୨୩ ହଜାର ଟଙ୍କା, ୨ଟି କାର୍, ୨ଟି ବାଇକ୍ ଓ ୨୦ ଲକ୍ଷ ୬୧ ହଜାର ଟଙ୍କାର ଆସବାବପତ୍ର ଜବତ କରିଛି ଭିଜିଲାନ୍ସ।

ସେପଟେ ଘର ଭିତରୁ ପୁଳାଏ ଲଫାପା ପାଇଥିଲା ଭିଜିଲାନ୍ସ। ଲଫାପା ଉପରେ ବିଭିନ୍ନ ପ୍ରକଳ୍ପ ଓ ଚୁକ୍ତିନାମାର ନାମ ଲେଖା ଯାଇଥିବା

- ୧.୭ କୋଟିର ବ୍ୟାଙ୍କ ଜମା, ୧୩ ଲକ୍ଷର ବିମାନ ଟିକେଟ ଜବତ
- ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଘରୁ ମିଳିଲା ଠିକାଦାରଙ୍କ ଟଙ୍କାଦିଆ ଲଫାପା

ବେଳେ ଭିତରୁ ଟଙ୍କା ମିଳିଥିଲା। ରାଜେଶ ବିଭିନ୍ନ ଠିକାଦାରଙ୍କ ଠାରୁ ନିୟମିତ ଭାବେ ଟଙ୍କା ଆଦାୟ କରୁଥିବା ଏଥିରୁ ସ୍ପଷ୍ଟ ହୋଇଥିଲା। କେବଳ ଟଙ୍କା ଆଦାୟ କରୁ ନ ଥିଲେ; ବରଂ ସେହି ଟଙ୍କାରେ ସମ୍ପତ୍ତି ବଢ଼ାଇବା ସହ ଦେଶବିଦେଶ ଭ୍ରମଣ କରୁଥିଲେ। ଆଜି ଚଢ଼ଉ ବେଳେ ଘର ଭିତରୁ ପୁଳା ପୁଳା ବିମାନ ଟିକେଟ ମିଳିଥିଲା। ପ୍ରାୟ ୧୩ ଲକ୍ଷ ୪୭ ହଜାର ଟଙ୍କା ମୂଲ୍ୟର ବିମାନ ଟିକେଟକୁ ଜବତ କରିଛି ଭିଜିଲାନ୍ସ। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀ ମହାନ୍ତି ୧୯୯୪ ମସିହାରେ ମାତ୍ର ଦୁଇ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ପଦୋନ୍ନତି ପାଇଥିଲେ। ଶେଷଥର ୨୦୨୧ ମସିହାରେ ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟର ଭାବେ ପଦୋନ୍ନତି ପାଇବା ପରେ ଇଆଇସି ଅଫିସରେ ଡ୍ୟାମ୍ ସେଫ୍ଟି ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭାବେ କାମ କରୁଥିଲେ। ଭିଜିଲାନ୍ସର ବୈଷୟିକ ଟିମ୍ ରାଜେଶଙ୍କ ସମ୍ପତ୍ତିର ମୂଲ୍ୟ ଆକଳନ କରୁଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି।




ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଢେଙ୍କାନାଳସ୍ଥିତ ଫାର୍ମ ହାଉସ ଓ ବରମୁଣ୍ଡାସ୍ଥିତ ଅଟ୍ଟାଳିକା।

## ମେଟ୍ରୋ ବନ୍ଦ ପରେ ବର୍ଷିଲା ଯୁବ କଂଗ୍ରେସ

# ଭାଙ୍ଗିଲା ସ୍ୱପ୍ନର କୋଣାର୍କ; ପ୍ରକଳ୍ପର ଅକାଳ ମୃତ୍ୟୁ

ଭୁବନେଶ୍ୱର,୮।୪(ସମିସ): ଓଡ଼ିଶାର ବହୁ ପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରି ଭୁବନେଶ୍ୱରବାସୀଙ୍କ ସ୍ୱପ୍ନର କୋଣାର୍କକୁ ସରକାର ଧୂଳିସାତ କରିଦେଇଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛି ଯୁବ କଂଗ୍ରେସ। କଂଗ୍ରେସ ଭବନରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି, ଦେଶରେ ପାଖାପାଖି ୧୮ ଟି ସହରରେ ମେଟ୍ରୋ ରେଳ ସେବା ରହିଛି। ଓଡ଼ିଶାର ପୂର୍ବ ସରକାର ଭୁବନେଶ୍ୱରରେ ଷ୍ଟେସନ ରହିବା ସହିତ ତ୍ରିଶୁଳିଆ ଠାରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୨୬ କିମି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ୪ ବର୍ଷ ଭିତରେ ଏ କାର୍ଯ୍ୟ ସରିଥାନ୍ତା। ଦିଲ୍ଲୀ ମେଟ୍ରୋ ରେଳବାଇ କର୍ପୋରେସନ ସହିତ ଭୁବନେଶ୍ୱର ମେଟ୍ରୋ ରେଳବାଇ କର୍ପୋରେସନ ଏକ ରାଜିନାମା କରିଥିଲା। ୩୨୬ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ ମେଟ୍ରୋ ରେଳବାଇ ଏହାର କାର୍ଯ୍ୟ ପରିଚାଳନା ପାଇଁ ମୁଖ୍ୟ କନସଲଟାଣ୍ଟ ଭାବେ ଦାୟିତ୍ୱ ନେଇଥିଲା। ମାତ୍ର ଏତେ



- ଯୁବ କଂଗ୍ରେସ ଘେରିବ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀଙ୍କ ବାସଭବନ
- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜଧାନୀରେ ବିରୋଧ ହେବ

ମେଟ୍ରୋ ରେଲୱେ ପାଇଁ ସଂକଳ୍ପ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତାଙ୍କ ସରକାର ଚାଲିଯିବାରୁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସମ୍ଭବ ହୋଇପାରିଲା ନାହିଁ। ସେହ ସ୍ୱପ୍ନକୁ ମୋହନ ସରକାର ସାକାର କରିବାକୁ ଦେଲେ ନାହିଁ। ୨୦୨୪ ଜାନୁଆରୀ ୧ ତାରିଖରେ ୬୨୨୫ କୋଟି ଟଙ୍କା ବ୍ୟୟରେ ମେଟ୍ରୋ ପକଳ୍ପ ନିର୍ମାଣ ପାଇଁ ନବୀନ ସରକାର ତ୍ରିଶୁଳିଆ ଠାରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

ଏହାର ଡିପିଆରକୁ ରାଜ୍ୟ କ୍ୟାବିନେଟ ମଧ୍ୟ ୨୦୨୩ ରେ ଅନୁମୋଦନ କରିଥିଲା। ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଲିମିଟେଡ୍ ନାମରେ ଏକ ସ୍ୱତନ୍ତ୍ର ସଂସ୍ଥା କରାଯାଇ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ଏହା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ୨୦ଟି କାର୍ଯ୍ୟ ପରେ ମଧ୍ୟ କାହିଁକି ଏହି ପ୍ରକଳ୍ପକୁ ବନ୍ଦ କରାଗଲା ତାହା ସନ୍ଦେହ ସୃଷ୍ଟି କରିଛି ବୋଲି ଶ୍ରୀ ନୱାଜ କହିଛନ୍ତି।

ସେହିପରି ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଥିଲେ ଯେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାହା କହୁଛନ୍ତି ତାଙ୍କ କଥା ସହ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କର କଥାର କୌଣସି ସାମଞ୍ଜସ୍ୟ ରହୁନାହିଁ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ କଥାରେ କୌଣସି ତାଳମେଳ ରହୁନାହିଁ। ଯଦି ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ ନ କରାଯାଏ ତାହାଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜଧାନୀ ରାସ୍ତାରେ ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ୫୦ ପ୍ରତିଶତ ମାର୍କ ଅତ୍ୟାବଶ୍ୟକ

ଭୁବନେଶ୍ୱର, ୮ ।୪(ସମିସ): ପୋଷ୍ଟ-ମାଟ୍ରିକ୍ ସ୍କଲାରସିପ୍ ପାଇବା ପାଇଁ ଶେଷ ପରୀକ୍ଷାରେ ଅତି କମ୍‌ରେ ୫୦ ପ୍ରତିଶତ ମାର୍କ ପାଇଥିବା ଆବଶ୍ୟକ। ଏନେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ପୋଷ୍ଟ-ମାଟ୍ରିକ୍ ସ୍କଲାରଶିପ୍ ପାଇଁ ଛାତ୍ରଛାତ୍ରୀମାନେ ନିଜର ଶେଷ ପରୀକ୍ଷାରେ ଅତି କମରେ ୫୦ ପ୍ରତିଶତରୁ ଅଧିକ ନମ୍ବର ପାଇଥିବା ଆବଶ୍ୟକ। ଯଦି କୌଣସି ପିଲା +୩ ଦ୍ୱିତୀୟ ବର୍ଷରେ ୫୦% ଠାରୁ କମ୍ ନମ୍ବର ପାଉଛନ୍ତି, ତେବେ ସେ ତୃତୀୟ ବର୍ଷରେ ସ୍କଲାରଶିପ୍ ପାଇଁ ଯୋଗ୍ୟ ହେବେ ନାହିଁ। ପୂର୍ବରୁ ସେ +୨ ପରୀକ୍ଷାରେ ୫୦% ଠାରୁ ଅଧିକ ନମ୍ବର ପାଇଥିଲେ ମଧ୍ୟ ଯୋଗ୍ୟ ବିବେଚିତ ହେବେନାହିଁ। ପୂର୍ବରୁ ପ୍ରଚଳିତ ଏହି ନିୟମକୁ ବଳବତ୍ତର ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ନିୟମକୁ କଡାକଡି ପାଳନ କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଥଣ୍ଡା ପକାଇଲା କାଳବୈଶାଖୀ

ଭୁବନେଶ୍ୱର,୮।୪(ସମିସ): ଜାରି ରହିଥିବା କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ସାରା ରାଜ୍ୟରେ ତାପମାତ୍ରା ତଳ ମୁହାଁ ହୋଇଛି। ଏପ୍ରିଲ୍ ଆରମ୍ଭରୁ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁଥିବା ବେଳେ ପରବର୍ତ୍ତୀ ସମୟରେ ଆସିଥିବା କାଳବୈଶାଖୀ ଏଥିରେ ରୋକ୍ ଲଗାଇଛି। ଫଳରେ ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୬-୩୭ ଡିଗ୍ରୀ

- ୮ ଦିନରେ ୨୮ ପ୍ରତିଶତ ଅଧିକ ବର୍ଷା
- ଏଣିକି ବଦଳିବ ପାଗ, ୬ ଡିଗ୍ରୀ ବଢ଼ିବ ତାପମାତ୍ରା
- ୧୨ ତାରିଖ ବେଳକୁ ଭୀଷଣ ତାତି ଓ ଗୁଳୁଗୁଳି

ମଧ୍ୟରେ ସୀମିତ ରହିଛି। ଅନ୍ୟପଟେ କ୍ରମାଗତ ଭାବେ ଲାଗି ରହିଥିବା କାଳବୈଶାଖୀ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ୫ ଦିନ ହେବ ଏହି ସ୍ଥିତି ଲାଗି ରହିଥିବା ବେଳେ ଏପ୍ରିଲ୍ ମାସରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ତୁଳନାରେ ରାଜ୍ୟରେ ୨୮ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଏପ୍ରିଲ୍ ୧ ତାରିଖରୁ ୮ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ୫୦.୧ ମିମି ପରିମାଣ ଧାର୍ଯ୍ୟ କରାଯାଇଛି। ମାତ୍ର ଚଳିତ ଏହି ସମୟରେ ୬୮ ମିମି ବର୍ଷା ରେକର୍ଡ ହୋଇ ସାରିଛି। ଏଥିରେ ମୋଟ୍ ୧୩ ଟି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଯଥେଷ୍ଟ ଅଧିକ ରହିଥିବା ବେଳେ ୫ ଟି ଜିଲ୍ଲାକୁ ଛାଡ଼ି ବାକି ସବୁ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ଓ ସ୍ୱାଭାବିକ ରହିଛି।

ପାଣିପାଗ କେନ୍ଦ୍ର କହିଛି ଯେ ୯ ତାରିଖରେ ମଧ୍ୟ କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ପବନ ଆଶଙ୍କା ରହିଛି। ହେଲେ ଧୀରେ ଧୀରେ ସ୍ଥିତିରେ ପରିବର୍ତ୍ତନ ଆସିବ। ଏମିତି ଆସନ୍ତା ୩ ଦିନ ପର୍ଯ୍ୟନ୍ତ କାଁ ଭାଁ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ସହ ଏହା ପରେ ତାପମାତ୍ରାରେ ପ୍ରାୟ ୪-୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଫଳରେ ଏହାଦ୍ୱାରା ପୁଣି ଥରେ ରାଜ୍ୟକୁ ଗରମ ଗୁଳୁଗୁଳି ଫେରିବ। ଏମିତି କି ୧୨ ତାରିଖଠାରୁ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ କିଛି କିଛି ସ୍ଥାନରେ ଭୀଷଣ ଗୁଳୁଗୁଳି ଆଶଙ୍କା କରି ପାଣିପାଗ କେନ୍ଦ୍ର ପକ୍ଷରୁ ଆର୍ଦ୍ର ଉଷ୍ମ ପାଣିପାଗ ସ୍ଥିତି ନେଇ ଆଲର୍ଟ ଜାରି କରାଯାଇଛି। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ସ୍ଥିତି ଅଧିକ ପ୍ରଭାବ ପକାଇବ।

ଅନ୍ୟପଟେ ଗୁରୁବାର ରାଜ୍ୟର କିଛି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଆଦିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

## ବଜ୍ରପାତରେ ବାପା ମୃତ; ପୁଅ ଆହତ

କଣାସ,୮।୪(ସମିସ): ବୁଧବାର ଅପରାହ୍ନ ୪ଟାରେ କାଳବୈଶାଖୀ ପ୍ରଭାବରେ ଘନ ଘନ ବଜ୍ରପାତ ହେବାରୁ ସାହୁପଡ଼ା ଗ୍ରାମପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ଜଣୈକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଗ୍ରାମର ସିଦ୍ଧେଶ୍ୱର ବଳିୟାରସିଂହ (୬୦)। ଆହତ ଜଣକ ତାଙ୍କ ପୁଅ ସୁଦାମ ବଳିୟାରସିଂହ ବୋଲି ଜଣାପଡ଼ିଛି। ବୁଧବାର ଅପରାହ୍ନରେ ସିଦ୍ଧେଶ୍ୱର ଓ ତାଙ୍କ ପୁଅ ସୁଦାମ ଜମିରେ କାମ କରୁଥିବା ସମୟରେ ବଜ୍ରପାତ ହେବାରୁ ସିଦ୍ଧେଶ୍ୱର ଓ ପୁଅ ସୁଦାମ ଘଟଣାସ୍ଥଳରେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଦୁହିଁଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିଦ୍ଧେଶ୍ୱରଙ୍କୁ ମୃତ ଘୋଷଣା କରିଥିବାବେଳେ ପୁଅ ସୁଦାମଙ୍କର ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ଗଡ଼ିଶାଗୋଦା ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମୟୂରଭଞ୍ଜରେ ଘୂର୍ଣ୍ଣିଝଡ଼ର ତାଣ୍ଡବ
## ଭାଙ୍ଗିଲା ୧୨୮ କଚ୍ଚା ଘର

ବାରିପଦା, ୮।୪ (ସମିସ): ମଙ୍ଗଳବାର ରାତିରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା, ଗୋପବନ୍ଧୁନଗର, ବଡ଼ସାହି ଓ ରରୁଆଁ ଆଦି ୪ଟି ବ୍ଲକ୍‌ରେ ଘୂର୍ଣ୍ଣିଝଡ଼ ହୋଇଥିଲା। ଏହା ଦ୍ୱାରା ମୋଟ ୩୦ଟି ଗ୍ରାମ ପ୍ରଭାବିତ ହୋଇଛି। ଠାକୁରମୁଣ୍ଡା ବ୍ଲକର ୧୬ଟି ଗ୍ରାମ, ଗୋପବନ୍ଧୁନଗର ବ୍ଲକ୍‌ର ୨ଟି, ବଡ଼ସାହି ବ୍ଲକର ୮ଟି ଓ ରରୁଆଁ ବ୍ଲକ୍‌ର ୪ଟି ଗ୍ରାମରେ କ୍ଷୟକ୍ଷତି ହୋଇଛି। ଏଥିରେ ୧୨୮ଟି କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଛି। ବଡ଼ସାହି ବ୍ଲକର ମାଣତ୍ରୀ ଓ ଛେଳିଆ ଗ୍ରାମରେ କୁଆପଥର ମାଡ଼ରେ ୨ଟି ବଳଦ ଓ ଗାଈର ମୃତ୍ୟୁ ହୋଇଥିବା ବେଳେ ଦେଉଳିଆ ଗ୍ରାମର ଜଣେ ବାଳକ ବଜ୍ରପାତରେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏହିସବୁ ବ୍ଲକରେ କୁଆପଥର ମାଡ ଓ ପବନ ପାଇଁ ଖରାଟିଆ ଫସଲ ବ୍ୟାପକ କ୍ଷତି ହେବା ସହିତ କଚ୍ଚା ଓ ଆଜବେଷ୍ଟ ଘର କ୍ଷତି ପହଞ୍ଚିଛି।

# ଓଡ଼ିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ଖୋର୍ଦ୍ଧା/ବେଗୁନିଆ,୮।୪(ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୨୫ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୧୧ ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ୱର୍ଶ

- ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡଟେବୁଲ୍ ବୈଠକ
- ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇବା ନେଇ ଦେଲେ ପ୍ରତିଶ୍ରୁତି

ଅନୁଭବ କରୁଛି। ସମୃଦ୍ଧ ଓଡିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଆଜି ଏକ ନୂତନ କିନ୍ତୁ ଗୁରୁତପୁର୍ଣ୍ଣ ଫର୍ଦ୍ଦ ଯୋଡି ହୋଇଛି। ବର୍ତ୍ତମାନ ଓଡ଼ିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି। ଆମ ପ୍ରତିଶ୍ରୁତି, ଆମେ ନିଶ୍ଚୟ ପୂରଣ କରୁ ବୋଲି ମୁଖ୍ୟମନ୍ତ୍ରୀ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ , ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର



ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ। ଏହି ପ୍ରକଳ୍ପ ଗୁଡିକରେ ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଆଗାମୀ କିଛି ବର୍ଷ ମଧ୍ୟରେ ଆମରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ। ଗତ ୧୮-୨୦ ମାସ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି । ଯାହାଦ୍ୱାରା, ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ୍ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ୍‌ର ପରିଚାଳନା ନିର୍ଦ୍ଦେଶକ କରନ୍ ଆଦାନୀ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

- କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏରିଅର୍ ହଡ଼ପ ଘଟଣା

## ବରିଷ୍ଠ କିରାଣି ସମେତ ୫ଗିରଫ

ବ୍ରହ୍ମପୁର/କୋଦଳା,୮ ।୪(ସମିସ): କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ଅଢେଇ କୋଟି ଏରିଅର୍ ଟଙ୍କା ହଡ଼ପ ଘଟଣାରେ ବ୍ରହ୍ମପୁର ଭିଜିଲାନ୍ସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବରିଷ୍ଠ କିରାଣି ଜତିନ କୁମାର ଭୂୟାଁ, ଏମ୍‌ପିଏଚ ଡବ୍ଲୁ ଭାରତୀ ପ୍ରଧାନ, ପରିଚାରିକା ଗୋପାଳ ନାହାକ, ଝାଡୁଦାର ମନୁ ନାୟକ ଓ ବେଗୁନିଆପଡ଼ା



ପିଏଚ୍‌ସି ପରିଚାରିକା ରାମଚନ୍ଦ୍ର ମଲ୍ଲିକ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧୀକାରୀଙ୍କ ଡିଜିଟାଲ୍ ଦସ୍ତଖତକୁ ଜାଲ୍ କରି ଏଭଳି ହେରଫେର କରାଯାଇଥିବା ଅଭିଯୋଗ ଉଠିଥିଲା। ପରେ ତଦନ୍ତ ରିପୋର୍ଟ ଆଧାରରେ ତଦନ୍ତ କରି ଗତ ଶନିବାର ନିଲମ୍ବନ ଆଦେଶ ଦେଇଥିଲେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ। ଜାଲ୍ ଦସ୍ତଖତ କରି ଏହି ଘଟଣା ନେଇ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ୩ ଜଣିଆ ଟିମ୍ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଜାଣତରେ ମିଥ୍ୟା ବିଲ୍ କରି ତାଙ୍କ ବିନା ଅନୁମୋଦନରେ ଅଥଚ ତାଙ୍କ ଡିଜିଟାଲ୍ ସ୍ୱାକ୍ଷର ଜାଲ୍ କରି ୨୦୨୩ରୁ ୨୦୨୫ ମଧ୍ୟରେ ୨ କୋଟି ୫୧ ଲକ୍ଷ ୧୪ ହଜାର ଟଙ୍କା ଉଠାଯାଇଥିବା ସ୍ଥାନୀୟ ଟ୍ରେଜେରି ଦ୍ୱାରା ଅଡିଟ୍ ବେଳେ ଜଣାପଡ଼ିଥିଲା। ଅତିରିକ୍ତ ଟଙ୍କା ଭାବେ କର୍ମଚାରୀଙ୍କ ଆକାଉଣ୍ଟରେ ଜମା ହେବା ପରେ ସେମାନେ ଉଠାଇ ନେଇ ଯାଉଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଆଦିତ୍ୟ ପ୍ରସାଦ ସାହୁ ଏନେଇ ତନାଘନା କରି ଘଟଣା ଜାଣିବା ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ।

# ଯାନ୍ତ୍ରିକ ତ୍ରୁଟି; ମଝି ଚିଲିକାରେ ଅଟକିଲା ଭସାପୋଲ




ବ୍ରହ୍ମଗିରି,୮।୪(ସମିସ): ଜହ୍ନିକୁଦାରୁ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏବଂ ୧୫ରୁ ଅଧିକ ମୋଟରସାଇକଲ ନେଇ ସାତପଡ଼ା ଅଭିମୁଖେ ଯାଉଥିବା ଏକ ଭସା ପୋଲ (ମୋଟରଚାଳିତ ବଡ଼ ଡଙ୍ଗା) ବୁଧବାର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମଝି ଚିଲିକାରେ ଫସିଯାଇଛି। ଡଙ୍ଗା ଚାଳକଙ୍କ ବହୁ ଚେଷ୍ଟା ପରେ ଶେଷରେ ମୋଟର ନ ଚାଲିବା ଯୋଗୁଁ ଡଙ୍ଗାଟି ମହିଷା ନିକଟ ମଝି ଚିଲିକାରେ ଅଟକିଥିଲା। ଯାତ୍ରୀମାନେ ୧ ଘଣ୍ଟାରୁ ଅଧିକ ସମୟ ଜଳବନ୍ଦୀ ରହିବା ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟି କୂଳରେ ପହଞ୍ଚିଥିଲେ।

ତୀର୍ଥକ୍ଷେତ୍ର ପୁରୀ ତଥା କୃଷ୍ଣପ୍ରସାଦ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧ୍ୟରେ ବିପଜ୍ଜନକ ଯାତ୍ରା କରିଥା'ନ୍ତି। ଚିଲିକାର ଏହି ରାସ୍ତାରେ କେବେ ଭସାପୋଲ ତ କେବେ ଡଙ୍ଗା, ଏହିଭଳି ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ହୋଇଯାଇଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି।

## କୁଖ୍ୟାତ ଗୋ-ମାଫିଆ ଉପରେ ପ୍ରଶାସନର କଡ଼ା ପ୍ରହାର

# ସକିଲ୍ ଖାନ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ

କଟକ,୮।୪(ସମିସ): କଟକ ଜିଲ୍ଲାରେ ଅପରାଧୀ ଓ ମାଫିଆଙ୍କ ରାଜୁତି ଶେଷ କରିବା ପାଇଁ ପୁଲିସ ପ୍ରଶାସନ ଏକ ବଡ଼ ସଫଳତା ହାସଲ କରିଛି। ତିଗିରିଆ ଅଞ୍ଚଳର କୁଖ୍ୟାତ ଅପରାଧୀ ତଥା ଗୋ-ମାଫିଆ ସକିଲ୍ ଖାନଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ ବା ଏନଏସଏ ଲାଗୁ କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଏହି ପ୍ରସ୍ତାବକୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରିବା ପରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାଧାରଣ ଆଇନଗତ ପ୍ରକ୍ରିୟାରେ ସକିଲ୍‌ଙ୍କ ଅପରାଧିକ ସାମ୍ରାଜ୍ୟ ଉପରେ ରୋକ୍ ଲଗାଇବା କଷ୍ଟକର ହେଉଥିବାରୁ ଏହି ବିଶେଷ ଆଇନର ସାହାରା ନେଇଛି ପୁଲିସ।

ତିଗିରିଆ ଥାନା କରଡ଼ାପଲ୍ଲି ଗ୍ରାମର ବସିର ଖାନଙ୍କ ପୁଅ ସକିଲ୍ ଖାନଙ୍କ ନାମରେ ପୂର୍ବରୁ ଅନେକ ସାଂଘାତିକ ମାମଲା ରହିଛି। ବିଶେଷକରି ଗୋ-ମାଫିଆ ଭାବେ ରାଜ୍ୟ ତଥା ରାଜ୍ୟ ବାହାରକୁ ବେଆଇନ ଗୋରୁ ଚାଲାଣ କରିବା, ପଶୁ ନିର୍ଯାତନା, ପୁଲିସ ଆଇଆଇସି ଓ ସରକାରୀ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ, ଗୋଷ୍ଠୀ ସଂଘର୍ଷ ଏବଂ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଭଳି ପ୍ରାୟ ୧୦ଟି ଗୁରୁତର ମାମଲା ତାଙ୍କ ନାମରେ ରହିଛି। ତିଗିରିଆ, ଖୁଣ୍ଟୁଣୀ, ବଡ଼ମ୍ବା ଓ ନିମାପଡ଼ା ଭଳି ବିଭିନ୍ନ ଥାନାରେ ତାଙ୍କର ଅପରାଧିକ କାର୍ଯ୍ୟକଳାପ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କ ସୃଷ୍ଟି କରିଥିଲା। କଟକ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ସକିଲଙ୍କ ହିଂସାତ୍ମକ କାର୍ଯ୍ୟକଳାପ ଯୋଗୁଁ ସାମାଜିକ ଶାନ୍ତି ବାଧାପ୍ରାପ୍ତ ହେଉଥିବାରୁ ଗତ ଫେବୃଆରୀ ୬ ତାରିଖରେ ତାଙ୍କ ବିରୋଧରେ ଏନଏସଏ ଲାଗୁ କରିବାକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ସୁପାରିସ କରାଯାଇଥିଲା। ଫେବୃଆରୀ ୧୮ରେ ଗିରଫ ଆଦେଶ ଜାରି ହେବା ପରେ ଗତକାଲି ଗୃହ ବିଭାଗର ଚୂଡ଼ାନ୍ତ ମଞ୍ଜୁରୀ ମିଳିଥିଲା।



ସକିଲ ନାମରେ ରହିଛି ୧୦ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା

## ଦୁଷ୍କର୍ମ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

କଟକ,୮ ।୪(ସମିସ): ଜଣେ ମାନସିକ ଅନଗ୍ରସର ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ସହ ତାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଅଭିଯୁକ୍ତ ଚୌଦ୍ୱାର ଥାନାଞ୍ଚଳର ତପନ ପଲେଇ ଓରଫ ଡହରା (୩୧)କୁ ଆଜୀବନ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି କଟକ ଆଡ-ହକ୍ ଅତିରିକ୍ତ ଦୌରା ଅଦାଲତ। ଅଦାଲତ ଆଇପିସିର ଦଫା ୩୭୬(୨)(ଏନ)(ଆଇ) ଓ ୫୦୬ରେ ତପନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଓ ୧୨ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ପୀଡ଼ିତା ଜଣକ ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଉଥିଲେ। ସୁଯୋଗ ଦେଖି ଘର ପଛ ବାରିକୁ ଡାକି ନେଇ ତପନ ଦୁଷ୍କର୍ମ କରୁଥିଲା। ଏହି ଘଟଣା ସଂକ୍ରାନ୍ତରେ କାହାକୁ ନକହିବାକୁ ତପନ ଧମକ ଦେଇଥିଲା। ପୀଡିତାଙ୍କ ପରିବାର ସଦସ୍ୟ ଘଟଣା ବିଷୟରେ ଜାଣିବା ପରେ ଗତ ୨୦୧୮, ଜାନୁଆରୀ ୧୮ରେ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିବା ସହିତ ତପନକୁ ଗିରଫ କରିଥିଲା। ୨୦୧୮, ମେ ୧୮ରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତରେ ମାମଲା ବିଚାରାଧୀନ ଥିବା ବେଳେ ପୀଡିତା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ସାକ୍ଷ୍ୟପ୍ରମାଣକୁ ଅଦାଲତ ବିଚାରକୁ ନେଇ ତପନକୁ ମାମଲାରେ ଦୋଷୀସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ସକାଳ THE SAKALA



# ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାର ତୃତୀୟ ଦିବସ





**ସମ୍ବଲପୁର, ୮।୪ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୪ର୍ଥ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫-୨୬ର ଆଜି ତୃତୀୟ ଦିନରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ଇଭେଣ୍ଟ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଖେଳାଳିମାନେ ସକ୍ରିୟ ଭାଗ ନେଇ ତାଙ୍କର କୌଶଳ, ଶକ୍ତି ଓ ଦୃଢ଼ ସଙ୍କଳ୍ପର ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଏହି ପର୍ଯ୍ୟାୟରେ ଟ୍ରାକ୍ ଓ ଫିଲ୍ଡ ଦୁଇପ୍ରକାରର ପ୍ରତିଯୋଗିତା ସମାନ୍ତରାଳ ଭାବେ ଆୟୋଜିତ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଦୌଡ଼, ହଡଲ୍ସ, ରିଲେ ଦୌଡ଼ ଓ ହାଇଜମ୍ପ ପ୍ରତିଯୋଗିତା ହୋଇଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ସଟ୍‌ପୁଟ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଟ୍ରାକ୍ ଇଭେଣ୍ଟରେ ପୁରୁଷ ଓ ମହିଳା ବର୍ଗର ୧୫୦୦ ମିଟର ଦୌଡ଼, ମହିଳାମାନଙ୍କ ପାଇଁ ୧୦୦ ମିଟର ହଡଲ୍ସ ଓ ପୁରୁଷମାନଙ୍କ ପାଇଁ ୧୧୦ ମିଟର ହଡଲ୍ସ ଆୟୋଜିତ ହୋଇ ଶକ୍ତି ଓ ସାମର୍ଥ୍ୟତା ଉଦାହରଣ ପ୍ରଦାନ କରିଥିଲା। ରିଲେ ଇଭେଣ୍ଟରେ ବିଶେଷ କରି ମହିଳାମାନଙ୍କ ୪-୪୦୦ ମିଟର ରିଲେ ଦୌଡ଼ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା। ଫିଲ୍ଡ ଇଭେଣ୍ଟରେ ପୁରୁଷମାନଙ୍କ (୭.୨୬ କେଜି) ଓ ମହିଳାମାନଙ୍କ (୪ କେଜି) ସଟ୍‌ପୁଟ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାସହିତ ମହିଳାମାନଙ୍କ ହାଇଜମ୍ପ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଠାରେ ସମୟାନୁବର୍ତ୍ତିତା ଓ କ୍ରୀଡ଼ା କୌଶଳ ପ୍ରକାଶ ପାଇଥିଲା। ଅତିରିକ୍ତ ଭାବେ, ପୁରୁଷ ଓ ମହିଳା ଦୁଇଟି ବର୍ଗର ୪୦୦ ମିଟର ହଡଲ୍ସ ଇଭେଣ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ବୁଧବାର ମୋଟ ୧୬ଟି ଇଭେଣ୍ଟ ନିର୍ଦ୍ଧାରିତ ଥିଲା, ଯାହାରୁ ୧୪ଟି ଭିଏସ୍‌ଏସ୍ ଷ୍ଟାଡିୟମ୍ ଏବଂ ୨ଟି ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ୪ଟାରୁ ଆରମ୍ଭ ହୋଇ ପୁରୁଷମାନଙ୍କ ହାଇଜମ୍ପ ଏବଂ ମହିଳାମାନଙ୍କ ୪ କେଜି ହାମର୍ ଥ୍ରୋ ପରି ଫିଲ୍ଡ ଇଭେଣ୍ଟ ସହିତ ଆଗକୁ ବଢ଼ିଥିଲା। ଟ୍ରାକ୍ ଇଭେଣ୍ଟରେ ମହିଳାମାନଙ୍କ ୧୦୦ ମିଟର ହଡଲ୍ସ (୦.୮୩୮ ମିଟର) ଏବଂ ପୁରୁଷମାନଙ୍କ ୧୧୦ ମିଟର ହଡଲ୍ସ (୧.୦୬୭ ମିଟର) ଆୟୋଜିତ ହୋଇଥିଲା। ସେହି ସମୟରେ ପୁରୁଷ ଓ ମହିଳାଙ୍କ ଟ୍ରିପଲ୍ ଜମ୍ପ ଏବଂ ପୁରୁଷମାନଙ୍କ ୭.୨୬ କେଜି ହାମର୍ ଥ୍ରୋ ମଧ୍ୟ ହୋଇଥିଲା। ପରବର୍ତ୍ତୀ ଭାବେ ୪୦୦ ମିଟର ଦୌଡ଼, ୪-୧୦୦ ମିଟର ରିଲେ, ୨୦୦ ମିଟର ଦୌଡ଼ ଓ ୮୦୦ ମିଟର ଦୌଡ଼ ପରି ଉତ୍ସାହପୂର୍ଣ୍ଣ ଇଭେଣ୍ଟ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା। ଶେଷରେ ପୁରୁଷମାନଙ୍କ ୪୦୦ ମିଟର ହଡଲ୍ସ (୦.୯୧୪ ମିଟର) ସହିତ ପର୍ଯ୍ୟାୟଟି ସମାପ୍ତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଉଜ୍ଜୀବିତ କରିଥିଲା। ସମସ୍ତ ପ୍ରତିଯୋଗିତା ଯଥାଚିତ ନିରୀକ୍ଷଣ ଓ ବ୍ୟବସ୍ଥାପନା ଅଧୀନରେ ସୁଚାରୁ ଭାବେ ଆୟୋଜିତ ହୋଇଥିଲା, ଯାହା ଆୟୋଜକ ବିଶ୍ୱବିଦ୍ୟାଳୟର ଉତ୍କୃଷ୍ଟ ପରିକଳ୍ପନା ଓ ଶୃଙ୍ଖଳିତ ପରିଚାଳନାକୁ ପ୍ରତିଫଳିତ କରିଥିଲା।

# ଦେଓଗାଁରେ ଇଥାନଲ୍ କମ୍ପାନୀ ବନ୍ଦ ଦାବି

**ସମ୍ବଲପୁର, ୮।୪ (ସମିସ) :** ଦେଓଗାଁଠାରେ ଇଥାନଲ କାରଖାନାକୁ ବନ୍ଦ କରିବା ସହ ଅଞ୍ଚଳବାସୀଙ୍କ ଉପରେ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଜି ଗ୍ରାମବାସୀମାନେ ସମ୍ବଲପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଅଭିଯୋଗ ଅନୁଯାୟୀ, ସମ୍ବଲପୁର ଜିଲ୍ଲାର ଦେଓଗାଁ ଅଞ୍ଚଳରେ ମହାନଦୀ କୂଳରେ ସଂରକ୍ଷିତ ଜଙ୍ଗଲର କେବଳ ୪୦ ମିଟର ଦୂରରେ ଏବଂ ହାତୀ ଚଲାପଥ ଉପରେ ଏକ ଇଥାନଲ କାରଖାନା ବେଆଇନ ଭାବରେ ପ୍ରତିଷ୍ଠା କରାଯାଉଛି। ଏହା ପରିବେଶ, ବନ୍ୟଜନ୍ତୁ ଓ ସ୍ଥାନୀୟ ଲୋକଙ୍କ ଜୀବନ-ଜୀବିକା ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଏନେଇ ଦେଓଗାଁ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ, ପ୍ରତିବାଦ କରିଆସୁଛନ୍ତି। ଗତ ୬ ତାରିଖରେ ଦେଓଗାଁ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜିତ ହୋଇଥିଲା। ଏହି ସଭା ସମୟରେ ଯୋଜନାବଦ୍ଧ ଭାବରେ ଇଥାନଲ କାରଖାନା ପକ୍ଷରୁ କିଛି ଲୋକ ସଭାରେ ପ୍ରବେଶ କରି କମ୍ପାନୀ ସପକ୍ଷରେ ପ୍ରସ୍ତାବ ପାସ କରିବା ପାଇଁ ଜୋରଜବରଦସ୍ତି କରୁଥିଲେ। ଏହାର ବିରୋଧରେ ଗ୍ରାମର ମହିଳାମାନେ ଆଗକୁ ଆସିଥିବାବେଳେ, ଉକ୍ତ କମ୍ପାନୀ ସମର୍ଥିତ ଗୁଣ୍ଡାମାନେ ମହିଳାମାନଙ୍କୁ ଅଶାଳୀନ ବ୍ୟବହାର କରିବାସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏହାସହ ସଂରକ୍ଷିତ ଜଙ୍ଗଲ ଓ ହାତୀ ଚଲାପଥ ଉପରେ ଥିବା ଏହି ବେଆଇନ ଇଥାନଲ କାରଖାନାକୁ ତୁରନ୍ତ ବନ୍ଦ କରାଯିବା, ପରିବେଶ ଓ ଆଇନ ଉଲଂଘନ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଏବଂ ମହିଳାଙ୍କ ଉପରେ ଆକ୍ରମଣ ଘଟଣାରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗହଣ କରାଯିବାକୁ ଦାବି କରାଯାଇଛି। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଦେଓଗାଁ ଅଞ୍ଚଳବାସୀ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ସହ ଆଲୋଚନା କରିବାସହ ଦାବିପତ୍ର ପ୍ରଦାନ କରିଥିଲେ।



# ମହୁମାଛି ଆକ୍ରମଣରେ ପାଣିକୁ ଡେଇଁ ବୃଦ୍ଧ ମୃତ

**ସମ୍ବଲପୁର/ଜମନକିରା, ୮।୪ (ସମିସ):** ମହୁଲ ସଂଗ୍ରହ କରିବାକୁ ଯାଇ ବୃଦ୍ଧ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ମହୁମାଛିଙ୍କ ଠାରୁ ରକ୍ଷା ପାଇବାକୁ ପାଣିକୁ ଡେଇଁ ପଡ଼ିଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଗୁଲଜିପାଲି ଗ୍ରାମର ବାସୁଦେବ କିଷାନ(୬୨) ମହୁଲ ସଂଗ୍ରହ କରିବାକୁ ଝରିଆମୁଣ୍ଡା ଯାଇଥିଲେ। ସେହି ସମୟରେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ମହୁମାଛିଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ସେ ନିକଟସ୍ଥ ନଦୀକୁ ଡେଇଁ ପଡ଼ିଥିଲେ, କିନ୍ତୁ ନଦୀ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ଜମନକିରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଜମନକିରା ପୁଲିସ ଅପମୃତ୍ୟୁ ମାମଲା ୪/୨୦୨୬ ରୁଜୁ କରି ତଦନ୍ତ କରୁଛି।

# ନାଗାବଳୀ ଓ ସମ୍ବଲପୁର-ଇରୋଡ୍ ଏକ୍ସପ୍ରେସ୍‌ରେ କୋଚ୍ ବୃଦ୍ଧି

**ସମ୍ବଲପୁର, ୮।୪(ସମିସ):** ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଯାତ୍ରା ଆରାମ ବୃଦ୍ଧି କରିବା ପାଇଁ, ଭାରତୀୟ ରେଳବାଇ ସମ୍ବଲପୁର-ନାନ୍ଦେଡ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ୍ ଏବଂ ସମ୍ବଲପୁର-ଇରୋଡ୍-ସମ୍ବଲପୁର ଏକ୍ସପ୍ରେସ୍‌ରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି କୋଚ୍ ସ୍ଥାୟୀ ଭାବରେ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେନ ନମ୍ବର ୨୦୮୦୯ ସମ୍ବଲପୁର-ନାନ୍ଦେଡ ନାଗାବଳୀ ଏକ୍ସପ୍ରେସକୁ ୧୦ ଏପ୍ରିଲ ଠାରୁ ସ୍ଥାୟୀ ଭାବରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି କୋଚ୍ ସହିତ ବୃଦ୍ଧି କରାଯିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୨୦୮୧୦ ନାନ୍ଦେଡ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସରେ ୧୧ ଏପ୍ରିଲଠାରୁ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ଉପଲବ୍ଧ ରହିବ। ସେହିପରି, ଟ୍ରେନ ନମ୍ବର ୦୮୩୧୧ ସମ୍ବଲପୁର-ଇରୋଡ୍ ଏକ୍ସପ୍ରେସକୁ ୧୫ ଏପ୍ରିଲଠାରୁ ଗୋଟିଏ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ସହିତ ବୃଦ୍ଧି କରାଯିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୦୮୩୧୨ ଇରୋଡ୍-ସମ୍ବଲପୁର ଏକ୍ସପ୍ରେସରେ ୧୭ ଏପ୍ରିଲଠାରୁ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ଉପଲବ୍ଧ ରହିବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ କୋଚ୍ ଏବଂ ଯାତ୍ରୀଙ୍କ ସୁବିଧାକୁ ଉନ୍ନତ କରାଯାଇଥିବା ରେଳବାଇ ସୂତ୍ରରୁ ପ୍ରକାଶ।

# ଜମନକିରା ବାଇପାସ୍ ରାସ୍ତା ମରଣଯନ୍ତା

**ଜମନକିରା, ୮।୪(ସମିସ):** ଦେବଗଡ଼ ପଟୁ ଜମନକିରାକୁ ପସିବା ଓ ଜମନକିରାରୁ ଦେବଗଡ଼ ରାସ୍ତାକୁ ବାହାରିବା ରାସ୍ତାରେ ମରଣଯନ୍ତା ପକାଇଛି ଏନ୍‌ଏଚ୍‌ଏଆଇ।ଯାହାକୁ ନେଇ ଅନେକ ଥର ଜିଲ୍ଲାପାଳଙ୍କ ଜମନକିରା ବ୍ଲକରେ ହେଉଥିବା ଯୁଗ୍ମ ଜଣଶୁଣାଣିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ଣ୍ଣପାତ କରୁନାହିଁ। ଅଳ୍ପ କିଛି ରାସ୍ତା ଖୋଳି ମେଟାଲ ବିଛାଇ ଛାଡ଼ି ଚାଲି ଯାଇ ଥିବା ବେଳେ ବର୍ଷ ବର୍ଷ ଧରି ଅଧା ପନ୍ତରିଆ ଭାବରେ ଛାଡ଼ି ଦେଇଛି। ଉକ୍ତ ରାସ୍ତାରେ ପ୍ରତି ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଏନ୍‌ଏଚ୍‌ଏଆଇ ନିରବ ଦ୍ରଷ୍ଟା ସାଜିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଅତି ଶିଘ୍ର ସମାଧାନ ଲାଗି ପଦକ୍ଷେପ ନେବା ପାଇଁ ସଚେତନ ନାଗରିକ ମହଲରେ ଦାବି ହେଉଛି।

# ଆର୍‌ପିଏସ୍ ସ୍କୁଲର ବାର୍ଷିକୋତ୍ସବ

**ସମ୍ବଲପୁର, ୮।୪(ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆର୍‌ପିଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ଜଗନ୍ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ବେଣୁଧର ଦାସ ଓ ବୈଦିକ ଇଣ୍ଟରନେସନାଲ ସ୍କୁଲର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଗୌତମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲର ପ୍ରଶାସିକା ସୁଦିପା ପରିଜାଙ୍କ ମାର୍ଗଦର୍ଶନରେ ବାର୍ଷିକ ଉତ୍ସବ ପରିଚାଳନା କରାଯାଇଥିଲା।

# ଲାରିପାଲି ହତ୍ୟା ଘଟଣାରେ ୪ ଗିରଫ

**ରେଙ୍ଗାଲି, ୮।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଲାରିପାଲି ଛକରେ ଗତ ୫ ତାରିଖ ରାତିରେ ଦୁଇ ଗୋଷ୍ଠୀ ମାର୍‌ପିଟରେ ରେଙ୍ଗାଲି ପୁରୁଣାବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ରେଙ୍ଗାଲି ପୁଲିସ ଥାନା କେସ ନଂ. ୭୪/୨୦୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୫ ତାରିଖ ରାତିରେ ହୋଇଥିବା ଆକ୍ରମଣରେ ସୌମ୍ୟରଞ୍ଜନ ବିଶ୍ୱାଳ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୁଲିସ ରୋହନ ଦୀପ, ସୁନୀଲ ବାଗ, ରିଙ୍କୁ ମିର୍ଦ୍ଧା ଏବଂ ନିଖିଲ ଦୀପଙ୍କୁ ଗିରଫ କରିଛି। ସେମାନଙ୍କ ବୟସ ୨୫ରୁ୩୦ ବର୍ଷ ହେବ ବୋଲି ପୁଲିସ କହିଛି। ତଦନ୍ତ ସମୟରେ ସେମାନେ ବ୍ୟବହାର କରିଥିବା ଅପରାଧର ଅସ୍ତ୍ରଶସ୍ତ୍ର (କାଠ ଲାଠି), ରକ୍ତ ଲଗା ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବାବେଳେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ରବିବାର ଦିନ ରାତିରେ ରେଙ୍ଗାଲି ଥାନା ଲାରିପାଲି ଛକ ନିକଟରେ ବାଇକ୍ ଚୋରିକୁ ନେଇ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ, ଟିକୁନ ପଧାନଙ୍କ ଅନ୍ୟ ତିନିଜଣ ଯୁବକ ରିଙ୍କୁ ମିର୍ଦ୍ଧା, ସୁନିଲ ବାଗ, ରୋହନ ଦୀପଙ୍କ ସହ ଝଗଡ଼ା ହୋଇ ମାଡ଼ପିଟ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନ ଓ ଟିକୁନ ଗୁରୁତର ଆହତ ହୋଇଥିଲେ। ଦୁଇଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ଟିକୁନ ଅତି ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।



# ସ୍ୱାଧୀନତା ସଂଗ୍ରାମୀ ପୀଠ ନବୀକରଣ ଦାବି

**ସମ୍ବଲପୁର, ୮।୪ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବରପୁତ୍ର ମାନଙ୍କ ପୀଠ ଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏଗୁଡ଼ିକର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରିଛି ସମ୍ବଲପୁର ବିଚାର ମଞ୍ଚ। ମହାନଗର ନିଗମର ପ୍ରମୁଖ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ଅବସ୍ଥିତ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ପୀଠସ୍ଥଳୀ ଗୁଡ଼ିକର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି। ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାଲିସବିହୀନ ସଂଗ୍ରାମ କରି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିବା ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀଗଣ, ପୀଢ଼ି ପରେ ପୀଢ଼ିକୁ ପ୍ରେରଣା ଦେଇ ତ୍ୟାଗ ଏବଂ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ କରିଛନ୍ତି। ମହାନ୍ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଦୟାନନ୍ଦ ଶତପଥୀ, ଭାଗିରଥୀ ପଟ୍ଟନାୟକ, ଜମ୍ବୁବତୀ ଦେବୀ, ପ୍ରଫୁଲ୍ଲ ପଟ୍ଟନାୟକ, ଚନ୍ଦ୍ରଶେଖର ବେହେରା, ନୃସିଂହ ଗୁରୁ ପ୍ରମୁଖ ସମ୍ବଲପୁରର ସମୃଦ୍ଧ ଐତିହ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସେମାନଙ୍କ ପ୍ରତିମୂର୍ତ୍ତି କେବଳ ପ୍ରତିମୂର୍ତ୍ତି ନୁହେଁ, ବରଂ ଆମର ଗର୍ବ ଓ ଗୌରବର ଜୀବନ୍ତ ପ୍ରତୀକ। ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠସ୍ଥଳୀ ଗୁଡ଼ିକର ସୌନ୍ଦର୍ଯ୍ୟକରଣ, ପ୍ରତିମାଗୁଡ଼ିକୁ ନିୟମିତ ସଫା କରିବା, ରାତ୍ରିକାଳୀନ ଆଲୋକୀକରଣ ପାଇଁ ଅଳ୍ପ ଆଲୁଅର ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା, ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରୁଥିବା ସୂଚନା ଫଳକ ଏବଂ ଦୟାନନ୍ଦ ଶତପଥୀଙ୍କର ସହରର ଏକ ପ୍ରମୁଖ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ସମ୍ବଲପୁର ବିଚାର ମଞ୍ଚ ଦାବି ଜଣାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଚାର ମଞ୍ଚ ଆବାହକ ବେଣୁଧର ଦାସ, ଅମୂଲ୍ୟ କୁମାର ମିଶ୍ର, ବିରେନ୍ଦ୍ର ରାଏ, ଯୁଗ୍ମ ଆବାହକ ଦୁର୍ଗାମାଧବ ମିଶ୍ର, ସଞ୍ଜିବ ବେହେରା, ଦିଲ୍ଲୀପ କୁଅଁର, ସୁବାଷ ନନ୍ଦ, ପ୍ରଦୋଷ ମହାନ୍ତି (ଝୁପୁନା), ଅରୁଣ ଦାସ, ପ୍ରହଲ୍ଲାଦ ଗୁରୁ, ସୁକେଶ ସିଂ, ସଞ୍ଜୟ ବର୍ମା, କିଶୋର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ଶିକ୍ଷା ସଚେତନତା ରଥକୁ ବିପୁଳ ସ୍ୱାଗତ



**ରେଢ଼ାଖୋଲ, ୮।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କୁକୁଡାବାହାଲି ପଞ୍ଚାୟତ ଅଧିନ ଶିଶୁପର୍ଣ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେଶିକ୍ଷା ସଚେତନତା ରଥକୁ ବୁଧବାର ଦିନ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।ରେଢାଖୋଲ ବ୍ଲକ ସଦର ମହକୁମା ଠାରୁ ବାହାରି ଥିବା ରଥ ପ୍ରଥମେ ବଡବାହାଳ ଓ ପରେ ପରେ କଦଳୀଗଡ଼ ଦେଇ କୁକୁଡାବାହାଲି କ୍ଲଷ୍ଟରର ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ମଧ ଦେଇ ଶେଷରେ ସରକାରୀ ଉ.ପ୍ରା ବିଦ୍ୟାଳୟ ଶିଶୁପର୍ଣ୍ଣ ଠାରେ ପହଞ୍ଚିଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଗଣ ସ୍ୱତନ୍ତ୍ର ଢ଼ଙ୍ଗରେ ମୁରୁଜ ଓ କଳସ ସ୍ଥାପନ କରି ଧୂପ ଦୀପ ଫୁଲ ଚନ୍ଦନ ଦେଇ ରଥ ଓ ରଥାରୁଢ ରଥୀ, ସାରଥୀ ଓ ସହଯୋଗୀଙ୍କୁ ପୂଜାର୍ଚ୍ଚନା କରିଥିଲେ।ଶିକ୍ଷୟିତ୍ରୀ ମମତା ପ୍ରଧାନ, ଲିଳିବତୀ ପ୍ରଧାନ, ପଙ୍କଜିନୀ ଲୁହୁରା ଓ ଇତିଶ୍ରୀ ନାଗ ପ୍ରମୁଖ ସମେତ ଅନ୍ୟ ଗ୍ରାମବାସୀ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

**ସମ୍ବଲପୁର, ୮।୪ (ସମିସ) :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଓଡ଼ିଆ ପକ୍ଷର ଅଷ୍ଟମ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ଓଏସ୍‌ଓୟୁ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଉଦ୍‌ଘାଟନ କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଡ. ଉମାଚରଣ ପତି, ଉପକୁଳସଚିବ ସରୋଜକାନ୍ତ ନାୟକ, ବିଦ୍ୟାଳୟ ସମୂହର ଅଧକ୍ଷ ମୁଖ୍ୟ ଡ. ସଚ୍ଚିଦାନନ୍ଦ ବକ୍ସି, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କେନ୍ଦ୍ର ନିର୍ଦ୍ଦେଶକ ଡ. ଆଶିଷ ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ନାଗରିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଷୟଗତ ଦିବସ ପାଳନ କରାଯାଉଛି। ଓଡ଼ିଆ ପକ୍ଷର ୬ଷ୍ଠ ଦିବସରେ କ୍ୟାମ୍ପସ ମଧ୍ୟରେ ସ୍ୱଚ୍ଛତା ଅଭିଯାନ କରାଯାଇଥିବାବେଳେ ସପ୍ତମ ଦିବସରେ ଶିଶୁ କଥା ଦିବସ ଯୁବ ପିଢ଼ିଙ୍କ ମଧ୍ୟରେ କାହାଣୀ କହିବା ଏବଂ ସାଂସ୍କୃତିକ ପ୍ରସାରକୁ ପ୍ରୋତ୍ସାହିତ କରାଯାଇ ବାଜି ରାଉତଙ୍କ ଜୀବନୀକୁ ନେଇ ଏକ ପୋଡ଼କାଷ୍ଟ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରସାରିତ କରାଯାଇଥିଲା।




# ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ

**ସମ୍ବଲପୁର, ୮।୪ (ସମିସ) :** ସମ୍ବଲପୁର ଜିଲ୍ଲାକୁ ତିନୋଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ ମିଳିଛି। ସେଗୁଡ଼ିକ ହେଲା ଧନକଉଡ଼ା ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଅଇଁଠାପାଲି, ବାମରା ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୁର୍ଲ୍ଲା ଏବଂ ରେଢ଼ାଖୋଲ ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଚାରମାଳକୁ ଏନକ୍ୟୁଏଏସ୍ ସାର୍ଟିଫିକେସନ୍ ମିଳିଛି। ଏଥିରେ ଜାତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ବଳ କେନ୍ଦ୍ର (ଏନ୍‌ଏଚ୍‌ଏସ୍‌ଆର୍‌ସି) ରୁ ଟିମ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରର ସବୁ ବିଭାଗ ସହିତ ୧୨ଟି ସେବା କୁ ମୂଲ୍ୟାଙ୍କନ କରାଯାଇଥିଲା। ଏହି ସମ୍ମାନ ପାଇବା ପାଇଁ ଅତିରିକ୍ତ ଜିଲ୍ଲା ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ଦାସ, ମେଡିକାଲ ଅଫିସର ଡାକ୍ତର ପି ହେମାଶ୍ରୀ, ସିପିଏମ୍ ନିକୁଞ୍ଜ ପ୍ରତିହାରୀ, ଏପିଏମ୍ ମଳୟ ରଞ୍ଜନ ପାଣିଗ୍ରାହୀ, ପିଏଚ୍‌ଏମ୍ ବିଜୟ କୁମାର ସାହୁ ତଥା ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉଦ୍ୟମ କରିଥିଲେ। ତାହା ସହିତ ବାମରା ବ୍ଲକର ସିଏଚ୍‌ଓ ସୂର୍ଯ୍ୟକାନ୍ତି ମାଝୀ, ଏମ୍‌ପିଏଚ୍‌ଡବ୍ଲୁ(ଏଫ୍) ପ୍ରିୟମ୍ବଦା ଗୁରୁ, ଏମ୍‌ପିଏଚ୍‌ଡବ୍ଲୁ ରାଜକୁମାର ବାଘ ଏବଂ ରେଢ଼ାଖୋଲ ବ୍ଲକର ଚାରମାଳ ସ୍ୱାସ୍ଥ୍ୟ କେନ୍ଦ୍ରର ସିଏଚ୍‌ଓ ଇଭାପ୍ରିୟା ତିର୍କି, ଏମ୍‌ପିଏଚ୍‌ଡବ୍ଲୁ(ଏଫ୍) ସୁନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ହୋତା, କ୍ୱାଲିଟି ନୋଡାଲ ଅଫିସର ଡାକ୍ତର ସୁଧାଂଶୁ ଶେଖର ପଣ୍ଡା, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲ୍ଲା କ୍ୱାଲିଟି ମ୍ୟାନେଜର ବୈଶାଳିନୀ ସାହୁ ପ୍ରମୁଖଙ୍କ ମୁଖ୍ୟ ଭୂମିକା ରହିଛି।

## ୫ କେଜି ଗ୍ୟାସ୍ ବ୍ୟବହାରକାରୀ ହନ୍ତସନ୍ତ

# ମିଳୁନି ଗ୍ୟାସ୍, ହେଉନି ରିଫିଲିଂ

**ସମ୍ବଲପୁର, ୮।୪ (ସମିସ)**

ସମ୍ବଲପୁରରେ ଚ୍ୟାମ୍ବର ମାନଙ୍କରେ ରହୁଥିବା ହଜାର ହଜାର ଛାତ୍ରଛାତ୍ରୀ ଏବଂ ବାହାରୁ ଆସି ଏକାକୀ ରହି ଚାକିରୀ କରୁଥିବା ପୁରୁଷ ଓ ମହିଳା ଏବେ ରାନ୍ଧିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ବ୍ୟବହାର ସାଧାରଣତଃ ୫ ଲିଟର ଚୂଲାଯୁକ୍ତ ଗ୍ୟାସ ବ୍ୟବହାର କରନ୍ତି। ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସ୍ ସମସ୍ୟା ତୀବ୍ର ହୋଇଥିବାବେଳେ ରିଫିଲିଂ ହୋଇପାରୁନାହିଁ। ପୁଣି, ପୂର୍ବରୁ ଯେତେ ଆବଶ୍ୟକ ଗ୍ୟାସ ଭର୍ତ୍ତି କରୁଥିବାବେଳେ ଏବେ କେଉଁଠି ବି ୧ କେଜିରୁ ଅଧିକ ରିଫିଲିଂ ହେଉନାହିଁ। ଲାଇସେନ୍ସ-ବିନା ଚଢ଼ଉ ଭୟରେ ଦୋକାନୀମାନେ ଲୁଚିଚପି ବିକ୍ରୟ କରୁଛନ୍ତି। ତାହା ବି କେଜି ପିଛା ୯୦ ଟଙ୍କାରୁ ଏବେ କେଜିପିଛା ୩୦୦ ଟଙ୍କାରେ ପହଞ୍ଚିଲାଣି। ବହୁସମୟରେ ତାହା ମଧ୍ୟ ଉପଲବ୍ଧ ହେଉନାହିଁ। ଅନ୍ୟପକ୍ଷରେ ଗ୍ୟାସ ସିଲିଣ୍ଡର ନମିଳିଲେ ତାହା ବନ୍ଦ ହେବା ଆଶଙ୍କା ରହିଛି। ଛାତ୍ରଛାତ୍ରୀ ଓ ବାହାରୁ ଆସିଥିବା ଚାକିରିଆ ହନ୍ତସନ୍ତ ହେଉଛନ୍ତି। ମୁଢ଼ି, ଚୂଡ଼ା ଭଳି ଶୁଖିଲା ଖାଦ୍ୟ ଖାଇ ଦିନ କାଟୁଥିବା ଦେଖାଯାଉଛି। ଏପରିକି ଛାତ୍ରଛାତ୍ରୀମାନେ କେତେକାଂଶରେ ଚ୍ୟାମ୍ବର ଛାଡ଼ି ନିଜ ଘରକୁ ଫେରି ଯାଉଛନ୍ତି। ସରକାରୀ ନିୟମ ଅନୁସାରେ କାହାରିକୁ ଏଭଳି ଗ୍ୟାସ ଖୁଚୁରା ଦେବାକୁ ନିୟମ ନାହିଁ, ସରକାର ମଧ ୫ ଲିଟର ଚୂଲାଯୁକ୍ତ ଗ୍ୟାସ ଭର୍ତ୍ତି କରିବାକୁ ଲାଇସେନ୍ସ ଦେଇନାହାନ୍ତି। ୫ ଲିଟର ଗ୍ୟାସ ରିଫିଲିଂ ବ୍ୟବସ୍ଥା ସରକାରୀ ନିୟମାନୁସାରେ ନଥିବାରୁ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ଅସହାୟତା ପ୍ରକାଶ କରାଯାଇଛି।

ଅନ୍ୟପକ୍ଷରେ, ଘରୋଇ ରନ୍ଧନ ଗ୍ୟାସ୍ ବୁକିଂ କଳାପରେ ଲୋକେ ଗ୍ୟାସ ଦୋକାନ ସାମ୍ନାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହେଉଛନ୍ତି। ବିତରକମାନଙ୍କୁ ବୁକିଂ ତୁଳନାରେ କମ୍‌ସଂଖ୍ୟାରେ ସିଲିଣ୍ଡର ଯୋଗାଣ ହେଉଥିବା ଦେଖାଯାଉଛି। ସଂସ୍ଥା ଗୁଡ଼ିକ ଆଜି ଆସିବ, କାଲି ଆସିବ କହି ଗ୍ରାହକକୁ ଫେରାଇ ଦେଉଛନ୍ତି। ଗ୍ୟାସ ସିଲିଣ୍ଡର ପାଇଁ ହନ୍ତସନ୍ତ ହେଉଛି ସାଧାରଣ ଉପଭୋକ୍ତା। ଅନ୍ୟପକ୍ଷରେ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ୟାସ ସିଲିଣ୍ଡର ଉପଲବ୍ଧ ରହିଥିବା କୁହାଯାଉଛି। ସମ୍ବଲପୁରରେ କଳାବଜାରରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ୩୦୦୦ ଟଙ୍କାରୁ ଅଧିକ ଦରରେ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି। ରାସ୍ତାକଡ଼ ଦୋକାନ ଓ ହୋଟେଲମାନେ ତିନିଗୁଣା ଦରରେ ସିଲିଣ୍ଡର କିଣୁଥିବା କହି ମନଇଚ୍ଛା ଦରରେ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଛନ୍ତି।




ଜିଲ୍ଲା ପ୍ରଶାସନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆଜି ଏପ୍ରିଲ ୮ ତାରିଖ ତିନୋଟି ସଂସ୍ଥାକୁ ମିଶାଇ ଘରୋଇ ଗ୍ୟାସ (୧୪.୨ କେଜି) ଷ୍ଟକ୍ ୫୩୩୭ଟି ଗ୍ୟାସ୍ ସିଲିଣ୍ଡର ମହଜୁଦ ଥିବାବେଳେ ରାସ୍ତାରେ ଆସୁଥିବା ବା ଇନ୍-ଟ୍ରାନ୍‌ଜିଟ୍ ୩୬୨୩ଟି ଏହିପରି ମୋଟ ୮୯୬୦ଟି ସିଲିଣ୍ଡର ଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ସେହିପରି ଆଜି ବ୍ୟବସାୟିକ ସିଲିଣ୍ଡର (୧୯ କେଜି) ୩୪୫ଟି ଷ୍ଟକ୍ ଏବଂ ୧୦୧ଟି ଟ୍ରାନ୍‌ଜିଟ୍‌ରେ ଏହିଭଳି ମୋଟ ୪୪୬ଟି ସିଲିଣ୍ଡର ସୂଚନା ମିଳିଛି। ଦୈନିକ ବିତରକଙ୍କ ଜରିଆରେ ମୋଟ ୩୪୧୨ଟି ସିଲିଣ୍ଡର ବିକ୍ରୟ ହେଉଥିବାରୁ ହାରାହାରି ୨.୬୩ ଦିନର ଷ୍ଟକ୍ ଥିବା କୁହାଯାଇଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ଉପଭୋକ୍ତା ସଂଖ୍ୟା ୨୩୪୨୪୭ ଜଣ ଏବଂ ୨୮ ଜଣ ବିତରକ ଅଛନ୍ତି। ତିନୋଟି ସଂସ୍ଥା ମଧ୍ୟରୁ ଆଇଓସିଏଲ୍‌ର ୧୩ ଜଣ ବିତରକ ଥିବାବେଳେ ୯୯୨୯୯ ଜଣ ଉପଭୋକ୍ତା ଏବଂ ବିପିସିଏଲ୍‌ର ୭ ଜଣ (୫୮୪୮୮) ଓ ଏଚ୍‌ପିସିଏଲ୍‌ର ୮ ଜଣ (୭୬୪୬୦) ବିତରକ ରହିଛନ୍ତି।

## ମାଦକଦ୍ରବ୍ୟର କୁପ୍ରଭାବ ଉପରେ ସଚେତନତା



ଦେବଗଡ,୮।୪(ସମିସ): ତିଲେଇବଣି ବ୍ଲକ ସୁଗୁଡା ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେବଗଡ ଆଦର୍ଶ ଥାନା ପୁଲିସ ପକ୍ଷରୁ ଆଜି ମାଦକଦ୍ରବ୍ୟର କୁପ୍ରଭାବ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ମାହାନା ଏବଂ ଉପଆରକ୍ଷୀ ନିରୀକ୍ଷକ ଅସିତ କୁମାର ସାହୁ ଯୋଗଦେଇ ନିଶା ସେବନ ଭଳି କୁଅଭ୍ୟାସରୁ ନିବୃତ୍ତ ରହି ଭଲ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଲବଣୀକାନ୍ତ ପ୍ରଧାନ, ସିଆରସିସି ପ୍ରାଣବନ୍ଧୁ ଘଡେଇ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସୂର୍ଯ୍ୟକାନ୍ତ ମହନ୍ତ, ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପୁଲିସ ବିଭାଗ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚକଲେଟ ଦେଇ ଉତ୍ସାହିତ କରାଯାଇଥିଲା। ସିଆରସିସି ପ୍ରାଣବନ୍ଧୁ ଘଡେଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୮।୪(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଭାଲୁପତ୍ରା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାଦୋବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଶେଶ୍ୱର ଜୟପୁରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ ଜୟନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଶିକ୍ଷକ ତ୍ରିଲୋକ୍ୟନାଥ ମହାପାତ୍ର ମୁଖ୍ୟବକ୍ତା, ଏବିଇଓ ହିରଣ୍ୟ ରୋହିଦାସ, ପିଏମଶ୍ରୀ କିର୍ମିରା ହାଇସ୍କୁଲ ପ୍ରଧାନଶିକ୍ଷକ ସୌରନାରାୟଣ ସିଂହ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟେଲ, ଅଡର୍ା ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଜୈତିମୟ ସଦୁଆଲ, ବାଗଡ଼ିହି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା କିସାନ, ଭଉଁରା ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେର, ଭାଲୁପତ୍ରା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରିନାରାୟଣ ମହାନ୍ତି, ସ୍କୁଲର ଅବସରଶିକ୍ଷକ ଚିତ୍ରକର ରଣା ଉପସ୍ଥିତ ଥିଲେ। ଖେଳଶିକ୍ଷକ ଅକ୍ଷୟ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍କୁଲ କର୍ମଚାରୀ ଲକ୍ଷ୍ମଣ ନାଏକ ଅନ୍ୟବାଦ ଦେଇଥିଲେ।

## ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ଦେବଗଡ଼, ୮।୪(ସମିସ): ଭଗବାନ ପର୍ଶୁରାମଙ୍କ ପବିତ୍ର ଜୟନ୍ତୀ ପାଳନ ପାଇଁ ଆଜି ଜିଲ୍ଲା ବରିଷ୍ଠ ନାଗରିକ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ବାହିନୀ ଜିଲ୍ଲା ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ୧୯ ତାରିଖ ଦିନ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ତିଥିରେ ପୁରୁଣାପୋଷ୍ଟ ଅଫିସ ଛକଠାରେ ଭଗବାନ ପର୍ଶୁରାମଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଭୂମୀ ପୂଜନ ଓ ଧ୍ୱଜା ସ୍ଥାପନ କାର୍ଯ୍ୟକ୍ରମ ସହ ନଗରରେ ଧାର୍ମିକ ଶୋଭାଯାତ୍ରା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ସୁରଞ୍ଜିତ ମହାପାତ୍ର, ଉପ ସଭାପତି ଦେବାଶିଷ କର, ଆଇନ ପରାମର୍ଶଦାତା ସିଦ୍ଧେଶ୍ୱର ଗୁରୁ ଓ ତରଣିକାନ୍ତ ଦାଶ, ବାମଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅଶୋକ କୁମାର ମିଶ୍ର, ସମ୍ପାଦକ ଗୌରହରି ଷଡ଼ଙ୍ଗୀ, ଡ. ରାମଚନ୍ଦ୍ର ମହାପାତ୍ର, ଯୁଧିଷ୍ଠିର ଦାଶ, ପ୍ରଣବ କିଶୋର ଗୁରୁ, ମାନସ ଦ୍ୱିବେଦୀ, ଅଶୋକ କୁମାର ଗୁରୁ, ବିରେନ କୁମାର ନାୟକ ଓ ସରୋଜ କୁମାର ପାଢ଼ୀଙ୍କ ସମେତ ଜିଲ୍ଲା ପର୍ଶୁରାମ ବାହିନୀର ବହୁ କର୍ମକର୍ତ୍ତା ଓ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ; ଜଣେ ଗିରଫ

ଇବଥର୍ମାଲ,୮।୪(ସମିସ): ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଧୀନ ଟେମ୍ପରୀପଡ଼ା ଗ୍ରାମର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଆଜି ବନହରପାଲି ପୁଲିସ କୁମ୍ଭାରବନ୍ଧ ଗ୍ରାମର ଚକାନୟନ ବିଶ୍ୱାଳ(୩୩) ଙ୍କୁ ଗିରଫ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୋଗ ଅନୁସାରେ ପୀଡ଼ିତା ଜଣକ ଚାଉଳ ନେବାକୁ କୁମ୍ଭାର ବନ୍ଧ ପଞ୍ଚାୟତ ଅଫିସ୍ ଆସିଥିଲେ। ଚାଉଳ ନେଇ ସନ୍ଧ୍ୟାରେ ଫେରୁଥିବା ବେଳେ କୁମ୍ଭାରବନ୍ଧ ସମଲେଇ ମନ୍ଦିର ନିକଟ ଚିଙ୍ଗିରାବନ୍ଧ (ପୋଖରୀ) ପାଖରେ ଅଭିଯୁକ୍ତ ଚକାନୟନ ତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ଯୁବତୀ ଜଣକ ଘରକୁ ଫେରି ସବୁକଥା ତାଙ୍କ ମାଁ ଙ୍କୁ କହିଥିଲେ। ସେହିଦିନ ରାତିରେ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଆଜି ଚକାନୟନକୁ ଗିରଫ କରି ମେଡିକାଲ ଯାଞ୍ଚ କରିବାପରେ କୋର୍ଟଚାଲାଣ କରିଥିବା ବନହରପାଲି ଆଇଆଇସି ବିନୋଦ କୁମାର ରାଓଙ୍କ ପ୍ରକାଶ କରିଛନ୍ତି।

### ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମୀକ୍ଷା ବୈଠକ

# ଗର୍ଭବତୀଙ୍କ ଟିବି ସ୍କ୍ରିନିଂ ଓ ପୁଷ୍ଟିହୀନତା ଦୂର ପାଇଁ ଗୁରୁତ୍ୱ

ଝାରସୁଗୁଡ଼ା,୮।୪(ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବା ଉପରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗାର୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସମନ୍ୱୟରେ ଜିଲ୍ଲାରେ ଚାଲିଥିବା ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାରେ ଫେବୃଆରୀ ମାସରେ ରିପୋର୍ଟ ହୋଇଥିବା ଜଣେ ମାତୃ ମୃତ୍ୟୁ ଏବଂ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ରିପୋର୍ଟ ହୋଇଥିବା ୭ ଜଣ ଶିଶୁ ମୃତ୍ୟୁ ଘଟଣାର ତଦନ୍ତ କରାଯାଇଥିଲା। ଜିଲ୍ଲାପାଳ ତୃଣମୂଳସ୍ତରରେ କାର୍ଯ୍ୟକୁ ଅଧିକ ଜୋର୍ କରିବାକୁ ପରାମର୍ଶ ଦେଇଥିଲେ। ବିପଦପୂର୍ଣ୍ଣ ଗର୍ଭବତୀଙ୍କ ଏକ ସଠିକ୍ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିୟମିତ ଟ୍ରାକିଂ କରିବା ସହ ସମସ୍ତ ଗର୍ଭବତୀ ମହିଳା ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ବାଧ୍ୟତାମୂଳକ ଯକ୍ଷ୍ମା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସର୍ଭିକାଲ୍ କ୍ୟାନ୍ସର ପ୍ରତିରୋଧ ପାଇଁ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ଓ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୁଷ୍ଟିହୀନତା ଦୂରୀକରଣ କ୍ଷେତ୍ରରେ ବିଭିନ୍ନ ଶ୍ରେଣୀର ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ଏନ୍.ଆର୍.ସି କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ସହ ମାଆ ଓ ଶିଶୁଙ୍କ ପାଇଁ ପୃଥକ ପୃଥକ ଟେକ୍ ହୋମ୍ ରାସନ ପ୍ୟାକେଜିଂ ବ୍ୟବସ୍ଥା ଆରମ୍ଭ କରିବାକୁ ସେ ଗୁରୁତ୍ୱ ଦେଇଥିଲେ।

## ପାଉଁଶପୋଖରୀ ନିର୍ମାଣ ପାଇଁ ଜନ ଶୁଣାଣି




ଝାରସୁଗୁଡ଼ା,୮।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ତିଲେଇମାଲ ଗ୍ରାମରେ ଏନ୍‌ଟିପିସି ଲିମିଟେଡ ଦର୍ଲିପାଲି ପକ୍ଷରୁ ପ୍ରସ୍ତାବିତ ପାଉଁଶ ପୋଖରୀ ନିର୍ମାଣ ପାଇଁ ସାମାଜିକ ଆକଳନ ସମ୍ବନ୍ଧୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହ ପଞ୍ଚାୟତ ଅଧୀନ ତିଲେଇମାଲ ଗ୍ରାମରେ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ପ୍ରସ୍ତାବିତ ପାଉଁଶ ପୋଖରୀ ନିର୍ମାଣ ସକାଶେ ଜମି ଅଧିଗ୍ରହଣ ପାଇଁ ସାମାଜିକ ଆକଳନ ସମ୍ବନ୍ଧୀୟ ଜନ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ପାଉଁଶ ପୋଖରୀ ପାଇଁ ଝାରସୁଗୁଡ଼ା ତହସିଲ ଅଧୀନ ତିଲେଇମାଲ ଗ୍ରାମରେ ପାଉଁଶ ପୋଖରୀ ନିର୍ମାଣ ପାଇଁ ୬୮.୪୮ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ଏଥିପାଇଁ ପରିବେଶ ଗତ ମଞ୍ଜୁରୀ ମିଳି ସାରିଥିବାବେଳେ ସାମଜିକ ପ୍ରଭାବ ବିଷୟରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡ଼ି ପକ୍ଷରୁ କରାଯାଇଥିବା ଆକଳନର ସମୀକ୍ଷା କରାଯାଇଛି। ବିଶେଷ କରି ତିଲେଇମାଲ ମୌଜାକୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରିବା, ତିଲେଇମାଲରୁ ଜାତୀୟ ରାଜପଥ -୪୯ କୁ ଚାରି ଲେନ୍ ବିଶିଷ୍ଟ ବାଇପାସ ରାସ୍ତା ନିର୍ମାଣ କରିବା, ନିର୍ମାଣ ହେବାକୁ ଥିବା ପାଉଁଶ ପୋଖରୀ ଚାରି ପାଖରେ ଗ୍ରୀନ୍ ଫେନସିଂ କରିବା, ଏହା ସହ ତିଲେଇମାଲ ଏବଂ ଲୋଇସିଂହ ପଞ୍ଚାୟତ ଓ ପ୍ରଭାବିତ ଅଞ୍ଚଳରେ ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥା, ପୋଖରୀ, ରାସ୍ତା ନିର୍ମାଣ ପରି ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟକରିବା ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ସମାଜିକ ପ୍ରଭାବ ଆକଳନ ତଥା ଏସଆଇଏ ରିପୋର୍ଟକୁ ସାର୍ବଜନୀନ କରାଯିବା ପରେ ଏହି ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏନ୍‌ଟିପିସି କମ୍ପାନୀ ଲିମିଟେଡ଼ ଦରଲିପାଲି ପକ୍ଷରୁ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଆଦିକୁ ନେଇ ସ୍ଥାନୀୟ ଜନସାଧାରଣ ଉପସ୍ଥାପନ କରିଥିଲେ। ଏହି ଜନଶୁଣାଣି ଝାରସୁଗୁଡା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ଝାରସୁଗୁଡା ଜମି ଅଧିଗ୍ରହଣ ଅଧିକାରୀ, ପ୍ରୋଜେକ୍ଟ ଡାଇରେକ୍ଟର(ଆର ଏଣ୍ଡ ଆର)ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ଏନ୍‌ଟିପିସି ଏବଂ ପ୍ରଭାବିତ ଅଞ୍ଚଳର ଅନେକ ଜନସାଧାରଣ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଏହାକୁ ଲୋଇସିଂହ, ରାଜପୁର, ଚାନ୍ଦନିମାଲ, ଗୌଡ଼ମାଲ ସରପଞ୍ଚ ବିରୋଧ କରିଛନ୍ତି।

## ଜୀବିକା ରକ୍ଷା ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଠିକାଦାର



ଦେବଗଡ଼, ୮।୪(ସମିସ): ଦେବଗଡ ଡିଷ୍ଟ୍ରିକ୍ଟ କଣ୍ଟ୍ରାକ୍ଟର୍ସ ୟୁନିଅନ ପକ୍ଷରୁ ସ୍ଥାନୀୟ ଠିକାଦାରଙ୍କ ଜୀବିକା ସୁରକ୍ଷିତ ରଖିବା ଏବଂ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ରାସ୍ତା ଓ ଗୃହ ବିଭାଜନ, ଗ୍ରାମ୍ୟ ଉନ୍ନୟନ ବିଭାଜନ, ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ମାଧ୍ୟମରେ ସଂଘ ପକ୍ଷରୁ ଜିଲ୍ଲାରେ ହେଉଥିବା ୨୦ କୋଟି ଟଙ୍କା ପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ବାହାର ଜିଲ୍ଲାର ଠିକାଦାରଙ୍କୁ ଅନୁମତି ନଦେବା ପାଇଁ ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲା ମଧ୍ୟରେ ଏକ ସନ୍ତୁଳିତ ଏବଂ ସ୍ଥାୟୀ ଠିକାଦାରୀ ପରିବେଶ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ଅତ୍ୟନ୍ତ ଆବଶ୍ୟକ ବୋଲି ସଙ୍ଘର ସଭାପତି ଇଂ ସୁଜିତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

ଝାରସୁଗୁଡ଼ା,୮।୪(ସମିସ): ଓଡ଼ିଆ ଭାଷା ପକ୍ଷ-୨୦୨୬' ପାଳନ ଅବସରରେ ଆଜି ଝାରସୁଗୁଡ଼ା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି ଅବସରରେ ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଟିମ୍ ଏବଂ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା।




## ଗାଁ ଲୋକଙ୍କ ତାଗିଦ ପରେ ନଇଁଲା ଗେଲ୍ ଇଣ୍ଡିଆ

### ପାଣି ପାଇପ ବିଛାଇବା ପାଇଁ ଛାଡ଼ିଲା ରାସ୍ତା



କୁଣ୍ଢେଇଗୋଲା,୮।୪(ସମିସ): ରିଆମାଳ ବ୍ଲକରେ ମେଗା ଜଳ ଯୋଗାଣ ପ୍ରକଳ୍ପରେ ପିଇବା ପାଣି ଯୋଗାଣ କାର୍ଯ୍ୟ ବିଳମ୍ବିତ ହୋଇ ଚାଲିଛି। ଆଜକୁ ଚାରିମାସ ହେବ ନାଉଲିପଡା ପଞ୍ଚାୟତସ୍ଥିତ ଗେଲ ଇଣ୍ଡିଆ କମ୍ପାନୀ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ବଳିଦେଇ ମାତ୍ର ୧୫ ମିଟର ରାସ୍ତା ପାଇଁ ଜଗା ନ ଛାଡି ନାଲି ଆଖି ଦେଖେଇ ଆସୁଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଅନୁରୋଧ ପରେ ମଧ ଗେଲ ଇଣ୍ଡିଆ ଅଧିକାରୀ ମାନେ ଆଦୌ କର୍ଣ୍ଣପାତ କରୁ ନ ଥିଲେ। ଓଲଟା ପୁଲିସ ଓ ଅଦାଲତର ଧମକ ଦେଇ ଆସୁଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାଦାଗିରି ବିରୋଧରେ ବୁଧବାର ବହୁ ସଂଖ୍ୟକ ମହିଳା ପୁରୁଷ ଉକ୍ତ ସ୍ଥାନକୁ ଆସିବା ସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପାଣି ପାଇପ ବିଛାଇବା ପାଇଁ କହିଥିଲେ। ଗ୍ରାମବାସୀଙ୍କ ଏକତା ଦେଖି ଗେଲ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବାଧ୍ୟ ହୋଇ ପାଇପ ବିଛାଇବା ପାଇଁ ରାଜି ହୋଇଥିଲେ।

ସୂଚନା ଯୋଗ୍ୟ, ପାଇପ ବିଛା କାମ ସରିବା ପରେ ରେଙ୍ଗାଲି ଜଳ ଭଣ୍ଡାରରୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପିଇବା ପାଣି ରିଆମାଳ ସଦର ସମେତ ବ୍ଲକର ବହୁ ଅଞ୍ଚଳର ଜନସାଧାରଣ ସୁବିଧାରେ ପାଇପାରିବେ। ଏହାଦ୍ୱାରା ବହୁ ଦିନରୁ ଲାଗି ରହିଥିବା ପାନୀୟ ଜଳ ସଙ୍କଟ ଉକ୍ତ ଅଞ୍ଚଳରୁ ଦୂରହୋଇ ପାରିବ। ଆଜି ଉକ୍ତ ସ୍ଥାନରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜନ୍ମେଜୟ ହାଁସଦାଙ୍କ ସମେତ କମ୍ପାନୀର ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି

# ୪୯୨ ଜଳଛତ୍ର, ୫୪୯ ସ୍ଥାନରେ ପାଣି ଯୋଗାଣ ପାଇଁ ବ୍ୟବସ୍ଥା

ଝାରସୁଗୁଡ଼ା,୮।୪(ସମିସ)



ଜିଲ୍ଲାରେ ବଢୁଥିବା ତାପମାତ୍ରା ଓ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଏସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଡି.ଏମ୍.ଏଫ୍ ଅଡିଟୋରିୟମ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ପଥିକ ଓ ସାଧାରଣ ଜନତାଙ୍କ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମୋଟ ୪୯୨ଟି ଜଳଛତ୍ର ଖୋଲାଯିବ। ସେହିପରି ଜଳାଭାବ ଅନୁଭୂତ ହେଉଥିବା ୫୪୯ଟି ସ୍ଥାନରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ୧୯୨ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଓ ୭୭୭୭ଟି ନଳକୂପକୁ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ ସେବାକୁ ବ୍ୟାହତ ନକରିବା ପାଇଁ ୧୩,୫୦୦ଟି ଟ୍ରାନ୍ସଫର୍ମର କାର୍ଯ୍ୟ କରୁଥିବାବେଳେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ବଦଳାଇବା ପାଇଁ ୭୦ଟି ଅତିରିକ୍ତ ଟ୍ରାନ୍ସଫର୍ମର ମହଜୁଦ ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର 'ହିଟ୍ ଷ୍ଟ୍ରୋକ ରୁମ୍' ପ୍ରସ୍ତୁତ କରାଯାଇଛି ଏବଂ ଅଙ୍ଗନବାଡ଼ି କର୍ମୀ ଓ ବିଦ୍ୟାଳୟଗୁଡ଼ିକୁ ପ୍ରର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ ଯୋଗାଇ ଦିଆଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ସମୟ ନିର୍ଦ୍ଧାରିତ କରାଯାଇଛି। ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ କଡ଼ା ନଜର ରଖାଯିବ। ସଚେତନତା ସୃଷ୍ଟି ପାଇଁ ୪୦୦୦ ପୋଷ୍ଟର ଓ ୧୫୦ ବ୍ୟାନର ବଣ୍ଟନ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଓ ରକ୍ତଦାନ ଶିବିର



ଦେବଗଡ଼,୮।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅଷ୍ଟମ ଦିବସରେ ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠା ପରିସରସ୍ଥିତ ରକ୍ତ ଭଣ୍ଡାରଠାରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନୁର୍ଜୟ ମହନ୍ତ ଯୋଗଦେଇ ଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୨୨ଜଣ ରକ୍ତଦାତାଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ଡେପୁଟି କଲେକ୍ଟର ପ୍ରିୟା ତିର୍କି, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ନିଃସଙ୍ଗତା ଓ ଅପ୍ରିୟ ହେବାର ଅନୁଭବ ମଣିଷ ଜୀବନର ସବୁଠାରୁ ବଡ଼ ଦାରିଦ୍ର୍ୟ।
-ମଦର ଟେରେସା

## ମଦ ବେପାରର ଭେଦ

ମଦ ଓ ଅପରାଧ ପରସ୍ପର ସହିତ ଏଭଳି ସଂଶ୍ଳିଷ୍ଟ ଯେ ଗୋଟିକୁ ପ୍ରସାରଣର ସୁଯୋଗ ମିଳିଲେ ଅନ୍ୟଟି ସବୁ ପ୍ରତିବନ୍ଧକୁ ଅତିକ୍ରମ କରି ମାଡ଼ିଚାଲିବ। ରାଜ୍ୟରେ ଅପରାଧ ତତ୍ତ୍ୱଙ୍କୁ ନିୟନ୍ତ୍ରଣ କରାଯାଇ ପାରୁ ନଥିବାରୁ ନିରାପଦ ଜୀବନଯାତ୍ରା ଅସମ୍ଭବ ହୋଇପଡ଼ିଛି। ନିକଟରେ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଶ୍ୱେତପତ୍ରର କଳା ଚିଠା ସଂପର୍କରେ ପାଠକ ଅବଗତ ଥିବାରୁ ସେ ସଂକ୍ରାନ୍ତରେ ଅଧିକ ଆଲୋଚନା ଅନାବଶ୍ୟକ। ରାଜ୍ୟରେ ପହିଲା ତାରିଖରୁ କାର୍ଯ୍ୟକାରୀ ହେଉଥିବା ଅବକାରୀ ନୀତିରେ ଏମିତି କେତୋଟି ଦିଗ ଅଛି, ଯାହା ସଂପ୍ରତି ଉପୁଜିଥିବା ଅସୁରକ୍ଷିତ ବାତାବରଣକୁ ଆହୁରି ସଙ୍ଗିନ କରିଦେବ। ସରକାରଙ୍କ ଆର୍ଥିକ ଅବସ୍ଥା ପ୍ରବଳ ଚାପର ସମ୍ମୁଖୀନ ହୋଇଥିବାରୁ ଅତିରିକ୍ତ ରାଜସ୍ୱ ଆଦାୟର ମାଧ୍ୟମ ପାଲଟିଛି ଅବକାରୀ ବିଭାଗ। ବ୍ୟକ୍ତି, ପାରିବାରିକ ଓ ସାମାଜିକ ଜୀବନକୁ କଳୁଷିତ କରୁଥିବାରୁ ରାଜ୍ୟର ମହିଳା ସମୁଦାୟ ପକ୍ଷରୁ ମଦ ବିରୋଧୀ ଆନ୍ଦୋଳନ ଚାଲିଥିବା ବେଳେ ସରକାର ଏହି ନୂଆ ଅବକାରୀ ନୀତିରୁ ୧୦,୦୦୦ କୋଟି ରାଜସ୍ୱ ଆଦାୟର ଲକ୍ଷ୍ୟ ରଖିଥିବା ଭଳି ମନେ ହୁଏ। ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ଆଳରେ ମଦ ବେପାରର ଅନ୍ୟତମ ମାଧ୍ୟମ ରୂପେ ଓଟିଡିସିକୁ ସାମିଲ କରି 'ମଦକୁଡ଼ିଆ'ର ଶୁଭାରମ୍ଭ କରିବାକୁ ଯାଉଛନ୍ତି ସରକାର। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ପ୍ରଚଳିତ ନୀତିରେ 'ବିଚସ୍ନାକ୍ସ' ଓ 'ୱାଇନ ଟେଷ୍ଟିଙ୍ଗ ରୁମ' ପ୍ରୟୋଗ ହେବ କଟକଣାମୁକ୍ତ ମଦ ପ୍ରସାର ପାଇଁ। ତଥାକଥିତ କଟକଣା କେବଳ ଲୋକଦେଖାଣିଆ।

ବେଳାଭୂମିରେ ଠିପିଖୋଲା ମଦ ବିକ୍ରି ପ୍ରସ୍ତାବକୁ ବିରୋଧ କରି ଏବର ଅବକାରୀ ମନ୍ତ୍ରୀ ୨୦୨୧ ଜୁଲାଇରେ କରିଥିବା ଟ୍ୱିଟକୁ ପଢ଼ିଥିବା ପାଠକେ ନିଶ୍ଚୟ ଅନୁମାନ କରିପାରୁଥିବେ ଅତିରିକ୍ତ ରାଜସ୍ୱ ଆଦାୟ ପାଇଁ ଏହି ସରକାର ନିଜ ନୀତିରୁ କିଭଳି ଓହରିଯାଉଛନ୍ତି। ନିୟମ ଅନୁସାରେ ପୁରୀ ପୌରାଞ୍ଚଳକୁ ବାଦଦେଇ ଅନ୍ୟ ସମସ୍ତ ଅଞ୍ଚଳର ବେଳାଭୂମି, ନଦୀପଠା, ଜଳଭଣ୍ଡାର ଓ ହ୍ରଦ ନିକଟରେ ମଦକୁଡ଼ିଆ ଖୋଲାଯାଇ ପାରିବ। ଏହି ତଥାକଥିତ 'ବିଚ ସ୍ନାକ୍ସ' ମାଧ୍ୟମରେ ଠିପିଖୋଲା ମଦବିକ୍ରିକୁ ସୁଯୋଗ ମିଳିବ। ହେଲେ ଏସବୁର ମାର୍ଫତଦାର ହେବ ଓଟିଡିସି। ପର୍ଯ୍ୟଟନର ବିକାଶ ପାଇଁ ଏହି ମଦକୁଡ଼ିଆ ଖୋଲାଯିବା କ'ଣ ଜରୁରୀ? ଏହି ବ୍ୟବସ୍ଥା ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ କରିବା ଅପେକ୍ଷା ଗୁଣ୍ଡା ଓ ଦାଦାପାର୍ଟି ରାଜୁତି ସେଠାରେ ଚାଲିବ। ଶେଷରେ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମନେକରି ସେଠାରୁ ମୁହଁ ଫେରାଇବାକୁ ଉଚିତ୍ ମନେ କରିବେ। ପୁରୀ ପୌରାଞ୍ଚଳ ସୀମା ଭିତରେ ଥିବା ବେଳାଭୂମିକୁ ମଦମୁକ୍ତ କରାଯିବ ବୋଲି କୁହାଯାଉଥିବା ବେଳେ ମେରାଇନ ଡ୍ରାଇଭ ଓ ପୁରୀରୁ ସାତପଡ଼ା ରାସ୍ତାରେ ଥିବା ବେଳାଭୂମିରେ ମଦକୁଡ଼ିଆ ଖୋଲାଯାଇ ପାରିବ। ପୁରୀ ଭଳି ଏକ ଧାର୍ମିକ ପୀଠକୁ ବର୍ତ୍ତମାନର ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଥିବା ବେଳେ ଏବର ଏହି ନିଷ୍ପତ୍ତି ତାହାର ପବିତ୍ରତାକୁ ନଷ୍ଟ କରିବ। ପୂର୍ବ ସରକାର ମଧ୍ୟ ଅନୁରୂପ ପ୍ରସ୍ତାବ ରଖିଥିବା ବେଳେ ବିଜେପି ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରିବାରୁ ତାହା କାର୍ଯ୍ୟକାରୀ କରାଯାଇନଥିଲା। ସରକାର ନୀତି ନିର୍ଦ୍ଧାରଣ କଲା ବେଳେ ସେହି ପୁରୁଣା କଥାକୁ କେମିତି ଭୁଲିଗଲେ ବୋଲି ଲୋକେ ପ୍ରଶ୍ନ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ଓଟିଡିସି ମାଧ୍ୟମରେ ଏହି ମଦକୁଡ଼ିଆ ଖୋଲିବାକୁ ଲାଇସେନ୍ସ ପ୍ରଦାନରେ ଯେଉଁ କୋହଳ ନୀତି ଅବଲମ୍ବନ କରାଯାଇଛି ସେଥିରେ କଟକଣାମୁକ୍ତ ମଦ ବେପାର ପାଇଁ ପରୋକ୍ଷରେ ସୁଯୋଗ ସୃଷ୍ଟି ହେବ।

ଆଗାମୀ ଦିନରେ ଓଟିଡିସି ପର୍ଯ୍ୟଟକଙ୍କ ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ଅପେକ୍ଷା ମଦବେପାରକୁ ଅଧିକ ଗୁରୁତ୍ୱ ଦେବ। ମକୁଡ଼ିଆ ଲାଇସେନ୍ସ ଫି ବାବଦରେ ଓଟିଡିସିକୁ ବାର୍ଷିକ ୭୫ ହଜାର ଟଙ୍କା ଦେବାକୁ ପଡ଼ିବ। ପର୍ଯ୍ୟଟନ ବିଭାଗ ହାତରେ ଏହାର ସଂପୂର୍ଣ୍ଣ ଦାୟିତ୍ୱ ଟେକିଦିଆଯାଇଛି। ମଦ କୁଡ଼ିଆକୁ ଏକ ସ୍ୱତନ୍ତ୍ର ଧରଣର ରେସ୍ତୋରାଁର ମାନ୍ୟତା ଦିଆଯିବ, ଯେଉଁଠାରେ ଠିପିଖୋଲା ମଦ ସହ ସ୍ନାକ୍ସ ମିଳିବ। ଏହି ନୂଆ ପ୍ରକାରର ଯେଉଁ ମଦ ସଂସ୍କୃତିକୁ ପ୍ରୋତ୍ସାହନ ସରକାର ଦେଉଛନ୍ତି ଏବଂ ତାହା ଯେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ କରିବାର ନାହିଁ। କ୍ଷମତାସୀନ ଦଳର ଅନୁଗତ ଓ ଦାଦାପାର୍ଟିଙ୍କ ପାଇଁ ଏହା କେବଳ ଉପାର୍ଜନର ସୁଯୋଗ ସୃଷ୍ଟି କରିବ ନାହିଁ, ସେଠାରେ ଯେଉଁ ବିଭ୍ରାଟ ଓ କେଳେଙ୍କାରୀ ହେବ ତାହାକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସ୍ଥାନୀୟ ପୁଲିସ ଅସମର୍ଥ ହେବ। ଶେଷରେ ପରିସ୍ଥିତି ଏପରି ହେବ ଯେ ପରିବାର ସହ ଛୁଟି କଟାଇବା ସକାଶେ ସେଠାରେ ହେଉଥିବା ଜନସମାଗମ କ୍ରମେ ହ୍ରାସ ପାଇବ। କାରଣ ରାଜ୍ୟବାସୀ ଏପ୍ରକାର ଅପସଂସ୍କୃତି ଆଦରି ନେବା ପରିବର୍ତ୍ତେ ଭର୍ତ୍ସନା କରିବେ।

ସେହିଭଳି ଠିପି ଖୋଲା ଓ ଠିପିବନ୍ଦ ମଦ ଦୋକାନକୁ ନେଇ ନିର୍ଦ୍ଧାରଣ କରାଯାଇଥିବା ନୂଆ ଅବକାରୀ ନୀତିରେ ମଧ୍ୟ ନାନା ପେଞ୍ଚ ରହିଛି। ମନ୍ତ୍ରୀ କହିଥିଲେ, ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯିବ ନାହିଁ। ତେବେ ଶିଳ୍ପାଞ୍ଚଳରେ ଥିବା ତିନି ତାରକା ହୋଟେଲ ଓ କ୍ଲବରେ ଠିପିଖୋଲା ମଦ ବିକ୍ରି ହୋଇପାରିବ। ରାଜ୍ୟର ମହାନଗରଗୁଡ଼ିକରେ ସୁପର ପ୍ରିମିୟମ ଠିପିବନ୍ଦ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ। କୌତୁହଳର ବିଷୟ ହେଉଛି ଏହି ଦୋକାନରେ ଗୋଟିଏ ଲେଖାଏଁ ମଦ ଚଖା କୋଠରି ରହିବ, ଯାହାକୁ କି ୱାଇନ ଟେଷ୍ଟିଂ ରୁମ କୁହାଯାଇଛି। ପରୋକ୍ଷରେ ଏହାକୁ ଖୋଲାଠିପି ମଦ ଦୋକାନ କହିଲେ ଭୁଲ ହେବ ନାହିଁ। ଏସବୁ କଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ଅବକାରୀ ନୀତିରେ ନିର୍ଦ୍ଦିଷ୍ଟ କୌଣସି ଆଭିମୁଖ୍ୟ ନାହିଁ। ବ୍ୟବସ୍ଥାରେ କଟକଣା ଥିଲେ ମଧ୍ୟ ତାହାର ଉଲ୍ଲଙ୍ଘନ ପାଇଁ ପଥ ପରିଷ୍କାର କରାଯାଇଛି। ଏମିତି ସରକାରୀ ହିସାବ ଦେଖିଲେ ୫ ବର୍ଷିଆ ଲାଇସେନ୍ସ ଫି ୫୦ ଲକ୍ଷ ଟଙ୍କା ଓ ଆବେଦନ ଫି ୫ ଲକ୍ଷ ଟଙ୍କା। ପ୍ରତିବର୍ଷ ପୁଣି ଟିକସ ୧୦ ପ୍ରତିଶତ ବୃଦ୍ଧି କରାଯିବ। ବ୍ୟବସ୍ଥାକୁ ତର୍ଜମା କଲେ ମନେହୁଏ ଅବକାରୀ ରାଜସ୍ୱ ବୃଦ୍ଧି କୁ ହିଁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

କ୍ଷମତା ବାହାରେ ରହିବା ଓ କ୍ଷମତାରେ ରହିବା ଦୁଇଟି ଭିନ୍ନ ଦିଗ ଓ ଭିନ୍ନ ବିଚାର ସର୍ବସ୍ୱ। ବିରୋଧୀଦଳ ଭୂମିକାର ଦୃଷ୍ଟାନ୍ତ ଦେଇ ଏବର ସରକାରଙ୍କ ଆଭିମୁଖ୍ୟକୁ ବିଚାର କଲେ ଦୋଷ ଦୁର୍ବଳତା ତ ଜଳ ଜଳ ହୋଇ ଦେଖାଯିବ। ହେଲେ କ୍ଷମତା ବଦଳିଲେ ମଧ୍ୟ ସେ ବ୍ୟବସ୍ଥାରୁ ଊର୍ଦ୍ଧ୍ୱରେ ନୁହନ୍ତି। ତେଣୁ ସବୁ ସମାଲୋଚନା ସତ୍ତ୍ୱେ ସରକାର ଓ ଶାସନ ପରିଚାଳନା ପାଇଁ କିଛି ଅପ୍ରିୟ ନିଷ୍ପତ୍ତି ନେବାକୁ ପଡ଼ିବ। ଏବର ଅବକାରୀ ନୀତି ତାହାର ଅଂଶବିଶେଷ। ●

## ଆମ ଗଣତନ୍ତ୍ରକୁ ରକ୍ଷା କରିବ କିଏ?

ଡ. ପଦ୍ମଲୋଚନ ରାଉତ

ଆମ ଗଣତନ୍ତ୍ରକୁ ରକ୍ଷା କରିବ କିଏ? ଏହା କେବଳ ଏକ ସାଧାରଣ ପ୍ରଶ୍ନ ନୁହେଁ, ବରଂ ଏକ ଗଭୀର ଜାଗୃତିର ଆହ୍ୱାନ, ଯାହା ପ୍ରତ୍ୟେକ ନାଗରିକଙ୍କ ମନ ଓ ବିବେକକୁ ଦୋହଲାଇ ଦେଇଥାଏ। ଗଣତନ୍ତ୍ରର ସଂଜ୍ଞା ହେଉଛି ଲୋକଙ୍କ ଶାସନ, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ; କିନ୍ତୁ ଏହାର ଅର୍ଥ କେବଳ ଏକ ରାଜନୈତିକ ବ୍ୟବସ୍ଥାରେ ସୀମିତ ନୁହେଁ। ଗଣତନ୍ତ୍ର ଏକ ଜୀବନ୍ତ ଚେତନା, ଏକ ନୀତିମୂଳକ ଶକ୍ତି ଓ ଏକ ସମାଜିକ ସମ୍ବିଧାନ, ଯାହା ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା ଭଳି ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ। ଏହି ପବିତ୍ର ପ୍ରଣାଳୀକୁ ରକ୍ଷା କରିବା ଦାୟିତ୍ୱ କାହାର? ସରକାରଙ୍କର? ନେତାମାନଙ୍କର? କିମ୍ବା କୌଣସି ବିଶେଷ ସଂସ୍ଥାର? ଏହାର ସଠିକ ଉତ୍ତର ହେଉଛି, ଆମ ସମସ୍ତଙ୍କର ସଂଯୁକ୍ତ ଓ ସଚେତନ ପ୍ରୟାସର।

ଗଣତନ୍ତ୍ରର ମୂଳ ଶକ୍ତି ହେଉଛନ୍ତି ନାଗରିକ। ଯଦି ନାଗରିକମାନେ ନିଜ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅବଗତ ନୁହନ୍ତି, ତେବେ ଗଣତନ୍ତ୍ର କେବଳ ଭାଷଣବାଜି ହୋଇ ପଡ଼େ। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଆବଶ୍ୟକ ଶିକ୍ଷିତ ଓ ସଚେତନ ଭୋଟଦାତା, ସତ୍ୟନିଷ୍ଠ ଓ ଦାୟିତ୍ୱଶୀଳ ନେତୃତ୍ୱ, ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟବ୍ୟବସ୍ଥା ଏବଂ ସ୍ୱତନ୍ତ୍ର ଓ ନିର୍ଭୀକ ଗଣମାଧ୍ୟମ। ଯେତେବେଳେ ଏହି ସମସ୍ତ ଉପାଦାନ ସମନ୍ୱୟରେ କାମ କରେ, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ଓ ସୁଦୃଢ଼ ହୁଏ। କିନ୍ତୁ ଆଜିର ସମାଜରେ ଗଣତନ୍ତ୍ର ବିଭିନ୍ନ ଆହ୍ୱାନର ସାମ୍ନା କରୁଛି। ଦୁର୍ନୀତି, ଅସହିଷ୍ଣୁତା, ଭ୍ରାନ୍ତ ସୂଚନାର ପ୍ରସାର, ଧର୍ମ ଓ ଜାତି ନାମରେ ବିଭେଦ ଓ ବ୍ୟକ୍ତିଗତ ସ୍ୱାର୍ଥର ପ୍ରାଧାନ୍ୟ ଗଣତନ୍ତ୍ରରେ ଦେଖିବାକୁ ମିଳୁଛି। ଏହି ସମସ୍ତ କାରକ ଗଣତନ୍ତ୍ରର ଭିତ୍ତିକୁ ଦୁର୍ବଳ କରିଦେଉଛି। ଏମିତି ସମୟରେ ଆମର ନିର୍ବାକ ଓ ଉଦାସୀନତା ହେଉଛି ସବୁଠାରୁ ବଡ଼ ଶତ୍ରୁ। ଯଦି ଆମେ ଅନ୍ୟାୟ ଦେଖି ଚୁପ୍ ରହିବା, ଭୁଲକୁ ସହିବା ଓ ସତ୍ୟକୁ ଅବହେଳା କରିବା, ତେବେ ଗଣତନ୍ତ୍ର ନିଶ୍ଚିତ ଭାବେ ଦୁର୍ବଳ ହୋଇଯିବ।

ବର୍ତ୍ତମାନର ଆମ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ ଦ୍ରୁତ ବେଗରେ ହ୍ରାସ ପାଉଛି। ପ୍ରଥମତଃ, ନିର୍ବାଚନର ନିରପେକ୍ଷତା, ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ କରାଯାଉ ନାହିଁ। ଭାରତରେ ବିଗତ ଏକ ଦଶନ୍ଧି ଧରି ନିର୍ବାଚନ ଆୟୋଗ ଦଳୀୟ ଆନୁଗତ୍ୟ ଭିତ୍ତିରେ କ୍ଷମତା ବଜାୟ ରଖିବା ପାଇଁ କ୍ଷମତାରେ ଥିବା ସରକାର ନିଯୁକ୍ତି କରୁଛନ୍ତି। ଯାହାଫଳରେ ନିର୍ବାଚନ ଏକତରଫା ହେଉଛି। ନିର୍ବାଚନ ଆୟୋଗ କଳେବଳେକୌଶଳେ ଜନମତକୁ ସରକାରଙ୍କ ସପକ୍ଷରେ ନେବା ପାଇଁ ପ୍ରୟାସ କରୁଥିବା ଅଭିଯୋଗ ଆସୁଛି। ନିର୍ବାଚନରେ କିଭଳି ଇଭିଏମ୍ ଅଦଳ ବଦଳ ହେଉଛି, ନିଶବ୍ଦ ରାତ୍ରିରେ କିଭଳି ଭାବରେ ଭୋଟ ଇଭିଏମ୍‌ରେ ଦିଆଯାଉଛି, ପ୍ରିଜାଇଡିଂ ଅଫିସରଙ୍କ ୧୭ସି ଫର୍ମର ତଥ୍ୟକୁ କିଭଳି ନିର୍ବାଚନ ଆୟୋଗର ଦାୟିତ୍ୱରେ ଥିବା ଅଧିକାରୀମାନେ ଗାଏବ କରୁଛନ୍ତି ଏହାର ସତ୍ୟତା ଧୀରେ ଧୀରେ ଲୋକଲୋଚନକୁ ଆସିବାରେ ଲାଗିଛି। ଏହା ସତ୍ୟ ଯେ, କ୍ଷମତାପ୍ରାପ୍ତ ସରକାରଙ୍କ ନିର୍ଦ୍ଦେଶ ମାନି ଏହା ତା'ର କାର୍ଯ୍ୟ କରି ଚାଲିଛି। ବର୍ତ୍ତମାନ ଆମ ଗଣତନ୍ତ୍ରରେ ନିରପେକ୍ଷତା ଏକ ସାମ୍ବିଧାନିକ ଶବ୍ଦ ମାତ୍ର। ଏଠି ଗଣତନ୍ତ୍ରର ସମସ୍ତ ବ୍ୟବସ୍ଥା 'ବର୍ଷା ଯୁଆଡ଼େ ଛତା ସିଆଡ଼େ ' ନୀତିରେ ପରିଚାଳିତ। ଯେଉଁଠାରେ ଦଳୀୟ ଆନୁଗତ୍ୟ ଭିତ୍ତିରେ ନିଯୁକ୍ତି ଦିଆଯାଉଛି, ସେଠାରେ ଏସବୁ ପ୍ରଶ୍ନ ମୂଲ୍ୟହୀନ।

ଗଣତନ୍ତ୍ରର ଆଧାର ହେଉଛି ସତ୍ୟ ଆଉ ନିରପେକ୍ଷତା। କିନ୍ତୁ ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କର ସ୍ୱାଧୀନତା ନାହିଁ। ସରକାରଙ୍କ ଆଜ୍ଞାବହ ହୋଇ ଏମାନେ ସରକାରଙ୍କ କ୍ଷମତା ବଜାୟରଖିବାରେ ସତତ ଚେଷ୍ଟିତ। ଏଭଳି ବ୍ୟବସ୍ଥା ଭିତରେ ଆମ ଗଣତନ୍ତ୍ର କେତେଦିନ ତିଷ୍ଠିବ? ସତ୍ୟ କେବେ ଲୁଚି ରହେନା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୃଷ୍ଟି ହୋଇସାରିଥିବା ଏହି ବିଭ୍ରାଟ ଧୀରେ ଧୀରେ ଲୋକଲୋଚନକୁ ଆସିବାରେ ଲାଗିଛି। ଅବଶ୍ୟ ସତ୍ୟ ପ୍ରକାଶିତ ହେବା ବେଳକୁ ଗଣତନ୍ତ୍ରରେ ନେଡ଼ି ଗୁଡ଼ କହୁଣୀକୁ ବୋହି ଯାଇଥିବ। ଦେଶର ସାଧାରଣ ଜନତା ଭକୁଆ ହୋଇ ଚାହିଁ ରହିଥିବେ। ଦେଶର ଇତିହାସ, ସଂସ୍କୃତି, ସାହିତ୍ୟ ଓ ସଂହତି ପ୍ରତି ଯେଉଁମାନଙ୍କର ସାମାନ୍ୟତମ ଜ୍ଞାନ ଓ ଯୋଗ୍ୟତା ନାହିଁ ସେହିମାନେ ଅର୍ଥବଳରେ ଅନୈତିକ ଉପାୟରେ ନିର୍ବାଚିତ ହେଉଛନ୍ତି। ଏହି ଧରଣର ଲୋକପ୍ରତିନିଧିମାନେ ରାଷ୍ଟ୍ରର ସାମୂହିକ ହିତ କଥା ଚିନ୍ତା ନ କରି, ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରି ନିଜର ଫାଇଦା ଉଠାଉଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଏମାନେ ଆମ ଜାତୀୟ ସଂହତି ଉପରକୁ ବିପଦ ଡାକି ଆଣୁଛନ୍ତି। ରାଷ୍ଟ୍ରର ମଙ୍ଗଳ ଅପେକ୍ଷା କ୍ଷମତା ଦଖଲ ଏମାନଙ୍କର ଏକମାତ୍ର ଲକ୍ଷ୍ୟ ପାଲଟିଛି।

ବର୍ତ୍ତମାନ ସମୟରେ ଗଣତନ୍ତ୍ରୀୟ ବ୍ୟବସ୍ଥାରେ ଜନସଚେତନତାର ଅଭାବ ଏକ ଗୁରୁତର ସମସ୍ୟା ଭାବେ ପରିଲକ୍ଷିତ ହୋଇଛି। ଗଣତନ୍ତ୍ରର ସଫଳତା ପୂର୍ଣ୍ଣ ଭାବରେ ନିର୍ଭର କରେ ନାଗରିକମାନଙ୍କର ସଚେତନତା, ଦାୟିତ୍ୱବୋଧ ଓ ସକ୍ରିୟ ଅଂଶଗ୍ରହଣ ଉପରେ। କିନ୍ତୁ ଦୁଃଖର ବିଷୟ, ଆମ ସମାଜର ଏକ ବଡ଼ଅଂଶ ସାଧାରଣ ଜନତା ଏପର୍ଯ୍ୟନ୍ତ ନିଜ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ପୂର୍ଣ୍ଣ ଭାବେ ସଚେତନ ହୋଇ ପାରିନାହାନ୍ତି, ଯାହା ଗଣତନ୍ତ୍ରକୁ ଦୁର୍ବଳ କରୁଛି। ପ୍ରଥମତଃ, ଅନେକଲୋକ ଭୋଟର ମୂଲ୍ୟକୁ ଭଲଭାବେ ବୁଝି ନ ଥା'ନ୍ତି। ନିର୍ବାଚନ ସମୟରେ ଅନେକେ ଭୋଟ ଦେବାରୁ ଦୂରେଇ ରହିଥା'ନ୍ତି କିମ୍ବା ଅନ୍ୟର ପ୍ରଭାବରେ ଭୋଟ ଦେଇଥା'ନ୍ତି। କେହି କେହି ଧନ, ଲୋଭ ବା ଭ୍ରାନ୍ତ ପ୍ରଚାରରେ ପଡ଼ି ଭୁଲ ନିଷ୍ପତ୍ତି ନେଇଥା'ନ୍ତି। ଏହା ଗଣତନ୍ତ୍ରର ଆଧାରକୁ ଦୁର୍ବଳ କରେ। କାରଣ ଯେତେବେଳେ ସଚେତନ ଭୋଟ ହୁଏ ନାହିଁ, ସେତେବେଳେ ଯୋଗ୍ୟ ନେତୃତ୍ୱ ଆସିପାରେ ନାହିଁ। ଦ୍ୱିତୀୟତଃ, ଅଧିକାଂଶ ନାଗରିକ ସମାଜିକ ଓ ରାଜନୈତିକ ପ୍ରସଙ୍ଗରେ ଅନାଗ୍ରହୀ ହୋଇ ପଡୁଛନ୍ତି। ସେମାନେ ଦେଶର ଘଟଣାବଳୀ, ନୀତି ନିର୍ଦ୍ଦେଶ ଓ ଶାସନ ପ୍ରକ୍ରିୟା ବିଷୟରେ ଜାଣିବାରେ ରୁଚି ରଖୁନାହାନ୍ତି। ଏହି ଉଦାସୀନତା ଗଣତନ୍ତ୍ର ପାଇଁ ଏକ ବଡ଼ ବିପଦ। କାରଣ ଯେଉଁଠାରେ ଜନମତ ଶକ୍ତିଶାଳୀ ହେବା ଉଚିତ, ସେଠାରେ ନିର୍ବାକ ଓ ଅନାଗ୍ରହ ବଢ଼ିଯାଉଛି। ତୃତୀୟତଃ, ଭ୍ରାନ୍ତ ସୂଚନାର ପ୍ରଭାବ ମଧ୍ୟ ଜନସଚେତନତାର ଅଭାବକୁ ବଢ଼ାଇ ଦେଉଛି। ଗଣମାଧ୍ୟମ ଓ ଅନ୍ୟ ମାଧ୍ୟମରେ ଅନେକ ଅସତ୍ୟ ଓ ଭ୍ରମକାରୀ ତଥ୍ୟ ପ୍ରଚାରିତ ହେଉଛି, ଯାହାକୁ ଅନେକେ ସତ୍ୟ ଭାବି ଗ୍ରହଣ କରୁଛନ୍ତି। ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ ବୁଝି ପାରିବାର ଅଭାବ ନାଗରିକମାନଙ୍କୁ ଭ୍ରମିତ କରୁଛି ଏବଂ ସଠିକ ନିଷ୍ପତ୍ତି ନେବାରୁ ଅଟକାଉଛି।

ଯେଉଁଠାରେ ଶିକ୍ଷାର ଅଭାବ ରହିଛି, ସେଠାରେ ଲୋକମାନେ ସହଜରେ ପ୍ରଭାବିତ ହୋଇପାରନ୍ତି ଏବଂ ନିଜ ଅଧିକାର ବିଷୟରେ ଅବଗତ ହୋଇପାରନ୍ତି ନାହିଁ। ତେଣୁ ଶିକ୍ଷାର ପ୍ରସାର ଓ ସଚେତନତା ଅଭିଯାନ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବାରେ ଅତ୍ୟନ୍ତ ଆବଶ୍ୟକ। ଏହାସହିତ ଅନେକ ନାଗରିକ ନିଜ କର୍ତ୍ତବ୍ୟ ପ୍ରତି ଅବହେଳା କରୁଛନ୍ତି। ସେମାନେ କେବଳ ଅଧିକାର ଦାବି କରନ୍ତି, କିନ୍ତୁ ସମାଜ ପ୍ରତି ନିଜ ଦାୟିତ୍ୱକୁ ପାଳନ କରିବାରେ ଅସଫଳ ହୁଅନ୍ତି। ଏହି ମନୋଭାବ ଗଣତନ୍ତ୍ରର ସ୍ୱସ୍ଥ ବିକାଶରେ ବାଧା ସୃଷ୍ଟି କରୁଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ସମସ୍ତଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଶିକ୍ଷା ପ୍ରସାର, ସଠିକ ସୂଚନାର ଉପଲବ୍ଧତା, ନାଗରିକ ଶିକ୍ଷା କାର୍ଯ୍ୟକ୍ରମ ଓ ସମାଜିକ ଅଭିଯାନ ମାଧ୍ୟମରେ ଲୋକମାନେ ସଚେତନ ହୋଇପାରିବେ। ସେହିପରି ନିରପେକ୍ଷ ଗଣମାଧ୍ୟମ ଓ ଶିକ୍ଷା ସଂସ୍ଥାମାନଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।

ଶେଷରେ କୁହାଯାଇପାରେ ଯେ, ଜନସଚେତନତାର ଅଭାବ ଗଣତନ୍ତ୍ର ପାଇଁ ଏକ ନିରବ ବିପଦ। ଯଦି ନାଗରିକମାନେ ସଚେତନ, ଶିକ୍ଷିତ ଓ ସକ୍ରିୟ ହେବେ, ତେବେ ଗଣତନ୍ତ୍ର ଦୃଢ଼ ହେବ; ନଚେତ ଏହା ଦୁର୍ବଳ ହୋଇପଡ଼ିବ। ତେଣୁ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ନିଜେ ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା। ଆମେ ସଚେତନ ନାଗରିକ ଭାବେ ଆଗକୁ ଆସିବା। ନିଜ ମତାଧିକାରକୁ ସଠିକ ଭାବେ ବ୍ୟବହାର କରିବା, ସଠିକ ନେତା ବାଛିବା, ନୀତି ଓ ନ୍ୟାୟ ପକ୍ଷରେ ଦୃଢ଼ ହେବା ଏବଂ ସମାଜରେ ସହିଷ୍ଣୁତା ଓ ସମ୍ମିଳନକୁ ବଢ଼ାଇବା। ଗଣତନ୍ତ୍ରକୁ ରକ୍ଷା କରିବା ମାନେ କେବଳ ଭୋଟ ଦେବା ନୁହେଁ; ଏହା ମାନେ ସତ୍ୟ ପାଇଁ ଦୃଢ଼ ହେବା, ଅନ୍ୟାୟ ବିରୋଧରେ ଶବ୍ଦ ଉଠାଇବା ଓ ସମାଜର ଉନ୍ନତି ପାଇଁ ସଂଯୁକ୍ତ ଭାବେ କାମ କରିବା। ଆଲୋଚନାର ପ୍ରଥମ ଭାଗରେ ପଚରାଯାଇଥିବା ପ୍ରଶ୍ନ - 'ଆମ ଗଣତନ୍ତ୍ରକୁ ରକ୍ଷା କରିବ କିଏ?'ର ଉତ୍ତର ହେଉଛି 'ଆମେ ସମସ୍ତେ'। ଯଦି ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱକୁ ବୁଝି ସତ୍ୟ, ନ୍ୟାୟ ଓ ନୀତିର ପଥରେ ଚାଲିବେ, ତେବେ ଗଣତନ୍ତ୍ର ଅବିଚଳ ଓ ଅକ୍ଷୟ ରହିବ। ଗଣତନ୍ତ୍ରକୁ ରକ୍ଷା କରିବାର ଶକ୍ତି କୌଣସି ବାହ୍ୟତତ୍ତ୍ୱରେ ନୁହେଁ, ଏହା ଲୁଚି ରହିଛି ଆମ ମନରେ, ଆମର ସଚେତନତା, ସାହସ ଓ ନିଷ୍ଠାରେ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୯୮୦୯୧୩୦୦

## ଚେଇଁ ଶୋଇଥିବ ଯିଏ

ସୁମିତ୍ରା ମିଶ୍ର

ଗୋଟିଏ ଜଟିଳ ସମସ୍ୟା ଘେରିଛି ଓଡ଼ିଆ ସଂସ୍କୃତିକୁ ଓ ଚେତନାକୁ। ତାହା ହେଉଛି ନିସ୍ପୃହତା। ତାହାରି ଉପରେ କିଛି ମତଦେବାକୁ ଚାହୁଁଛି। ଅତିଥିରେ ରଥଯାତ୍ରାର ଆୟୋଜନ ଏବଂ ଦୀଘାର ଜଗନ୍ନାଥ ମନ୍ଦିର ପରିସରକୁ 'ଜଗନ୍ନାଥଧାମ' ଭାବେ ନାମିତ କରିବା ସମ୍ବନ୍ଧରେ ବହୁ ବାଦବିବାଦ ଓ ତର୍କବିତର୍କ ଚାଲିଛି। କିଛିଦିନ ତଳେ ଶ୍ରୀକ୍ଷେତ୍ରରେ ଏକ ସଭା ଆୟୋଜିତ ହୋଇ ବହୁ ପଣ୍ଡିତ ସ୍ୱମତ ରଖିଥିଲେ। କିନ୍ତୁ ତାହାର ପ୍ରଭାବ ନା ଇସକନ ନା ମମତା ଦିଦିଙ୍କ ଉପରେ ପଡ଼ିଲା! ବହୁ ଆପତ୍ତି, ଆଲୋଚନା, ସମାଲୋଚନା, ପ୍ରତିବାଦ ପରେ ବି କୌଣସି ଲାଭ ମିଳିଲା ନାହିଁ। ମମତା ବାନାର୍ଜି ଦୀଘାରେ ସୁବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ କରି ସେହି ସ୍ଥାନକୁ 'ଜଗନ୍ନାଥଧାମ' ଆଖ୍ୟା ଦେଲେ। ଓଡ଼ିଆଏ କୋଡ଼ିକଚାଡ଼ି ହେଲେ, ମାତ୍ର ପ୍ରକୃତ କ୍ଷେତ୍ରରେ କୌଣସି ଉଚିତ ବିରୋଧ ବା ଯୁଦ୍ଧଂଦେହି ଡାକରା ଦେଇ ପାରିଲେ ନାହିଁ। ଫଳରେ ମମତା ଦିଦି ନିଜର ତୁଣ୍ଡବଳରେ ବଳୀୟାନ ହୋଇ ଓଡ଼ିଆଙ୍କ କାନ୍ଦଣାକୁ ଫୁଁ କରିଦେଲେ।

ପୂର୍ବ, ପଶ୍ଚିମ, ଦକ୍ଷିଣ ସବୁଦିଗରୁ ପଡ଼ୋଶୀଏ ମାଡ଼ି ଆସି କଳେବଳେ ଆମ ସମ୍ପତ୍ତି ପ୍ରତିପତ୍ତିକୁ କବ୍‌ଜା କରୁଛନ୍ତି। ଆମେ କିଛି କରିପାରୁନୁ। କରୁଛୁ ବୋଲି ଦେଖେଇ ହଉଛୁ। କୋଟିଆ, ମହାନଦୀ କି ଚିଲିକା ମାଛ ସବୁ ହରେଇ ସାରିଲୁଣି। ଭାଷା ଆମର ଶାସ୍ତ୍ରୀୟ ମାନ୍ୟତା ପାଇଲା ବୋଲି 'ଅସ୍ମିତା' ନାମକ ମାନପତ୍ରକୁ ଦେଖେଇ ନିଜକୁ ବହଲଉଛୁଁ। ଏଥିରୁ କ'ଣ ଜଣାପଡୁଛି? ଆମେ ସବୁ ନିଷ୍ପ୍ରାଣ, ନିର୍ବଳ, ନିଥର, ନିର୍ବେଦ ହୋଇପଡ଼ିଛୁ। ଆଗ ଶତାବ୍ଦୀରେ ଉଠିଥିଲୁ କିଛି ସିଂହଙ୍କ ରଡ଼ି ଆଉ ପିକଙ୍କ ସ୍ୱନ ଶୁଣି। ଆଉ କାହାନ୍ତି ସେମିତି ସିଂହ, ବାଘ କି ଚତୁର ଶୃଗାଳ? କିଏ ପିଏଇବ ଜାତିପ୍ରେମ ସୁଧା? କାହାନ୍ତି ମଧୁବାବୁ ପରି ଜଣେ ଓଡ଼ିଆ? କାହିଁ ମଧୁବାବୁ ବାରିଷ୍ଟରଙ୍କ ପରି ଦୃଢ଼ ମନୋବଳ, ଜାତିପ୍ରେମ, ବୁଦ୍ଧି ଆଉ ଲଢ଼ିବା ଶକ୍ତି?

ଓଡ଼ିଆ ଜାତି ଅର୍ଦ୍ଧସୁପ୍ତ, ଅର୍ଦ୍ଧମୃତ। ଖାଲି ଜାତୀୟସ୍ତରରେ ପଦପଦବୀରେ ରହି ଆସ୍ଫାଳନ ଓ ଭୋଟ୍ ହାତେଇବା ପାଇଁ ଟଙ୍କା ଚାଉଳ ବାଣ୍ଟି ବାହାବା ନେବାରେ କି ବାହାଦୂରୀ? ମାଆର ଅଙ୍ଗରୁ ପଡ଼ୋଶୀମାନେ ପଳେ ପଳେ କାଟିନେଉଛନ୍ତି କୌଶଳରେ। ଆମ ସମ୍ପତ୍ତି ଉପରେ ନିଜ ପ୍ରତିପତ୍ତି ଜାହିର କରୁଛନ୍ତି ଓଡ଼ିଆଙ୍କୁ କୁଲି ମଜୁରିଆ ଦାଦନ ଭାବି। ଆମେ ଶାନ୍ତିର ଭକ୍ତ, ଠିକ୍ ଅଛି। ତା' ବୋଲି ଭୀରୁ ହୋଇ ନିଜର ଅସ୍ତିତ୍ୱ ହରାଇ ବସିବା? ଗାନ୍ଧିଜୀ ଅହିଂସା ଆନ୍ଦୋଳନ ବଳରେ ମହାବଳୀୟାନ ବ୍ରିଟିଶ ସରକାରକୁ ତଡ଼ି ଦେଲେ। ଆମେ ସେହି ଅସ୍ତ୍ର ବି ଧରିବାକୁ ସାହସ କୁଳେଇ ପାରୁନୁ। କାରଣ ଆମେ ନିଜ ସ୍ୱାର୍ଥପାଳନରେ ବ୍ୟସ୍ତ। କେହି ମାତୃଭୂମିକୁ ସତ୍ ପ୍ରେମ କରୁନାହାନ୍ତି। ଯେପରି ଘରେ ଘରେ ମାତାଙ୍କୁ ଅବହେଳା, ଅତ୍ୟାଚାରର ଶିକାର ହେବାକୁ ପଡୁଛି। ସେହିପରି ମାତୃଭୂମି ମଧ୍ୟ ଅବହେଳିତା ଆଉ ଉପେକ୍ଷିତା ହୋଇରହୁଛି। ଆମେ ଟିକେ ଗର୍ଜନ ତର୍ଜନ କି ତମ୍ବିତୋଫାନ କରିବା ପାଇଁ ନିଜ ସ୍ୱରକୁ ଶାଣିତ ବା ଉଦ୍ଦାତ୍ତ କରିପାରୁ ନାହୁଁ।

ମୋ ମତରେ ଇସ୍କନ୍ସ କେବେ ରଥଯାତ୍ରା କଲା ତାହା ଯେତେ ମହତ୍ୱପୂର୍ଣ୍ଣ ନୁହେଁ, ଆମ ଓଡ଼ିଶାର ଜଳ, ମାଟି, ଖଣି, ଖାଦାନ ଧନ, ଜନ, ମାନ ପ୍ରତିବେଶୀ ଦ୍ୱାରା ହରଣକୁ ପ୍ରତିବାଦ କରିବା ଓ ଚୋରକୁ ଉପଯୁକ୍ତ ଶିକ୍ଷା ତଥା ଶାସ୍ତି ଦେବା ତା'ଠାରୁ ବେଶୀ ଜରୁରୀ। କାହିଁ ସେ ବୀରତ୍ୱ? କାହାନ୍ତି ସେ 'କଳିଙ୍ଗା ସାହସିକାଃ?' ଶାସ୍ତ୍ରୀୟ ଭାଷା ମର୍ଯ୍ୟାଦା ରୂପକ ଭେଳିକିକୁ ଭେଦ କରି ଅସଲ ମାନମର୍ଯ୍ୟାଦାକୁ ରକ୍ଷା କରିବା ପାଇଁ କେବେ ଉଠିବ ଓଡ଼ିଆ ଜାତି? ସବୁ ନଦୀ ନାଳ ଶୁଖି ଗଲେଣି, ଯେମିତି ଓଡ଼ିଆଙ୍କ ହୃଦୟରେ ମଧୁବାବୁଙ୍କ ଦ୍ୱାରା ବୋହି ଆସିଥିବା ପବିତ୍ର ଜାତିପ୍ରେମ ଧାରା ଶୁଖିଗଲାଣି। ଗୋପବନ୍ଧୁଙ୍କ ଆଖିରୁ ଝରୁଥିବା ସମ୍ବେଦନାର ଧାରା ବି ଶୁଖିଗଲାଣି। ମିଛ ମାୟା ଓ ପ୍ରହସନରେ ସମୟ ନଷ୍ଟ ନକରି ନେତା ଓ ଜନତା ବୀର ପାଇକ ସାଜି ରଣକ୍ଷେତ୍ରରେ ଲଢ଼େଇ ପାଇଁ ପ୍ରସ୍ତୁତ ହେବେ କି? କାହାନ୍ତି ନେତା କି ନେତ୍ରୀ, ଯିଏ ଉପବାସ, କାରାଦଣ୍ଡ, କୋରଡ଼ା ମାଡ଼ ଖାଇ ମା'ର ସମ୍ମାନ ରକ୍ଷା କରିବାକୁ ଆଗେଇ ଆସିବ?

ଆମେ କୁଲିରୁ ଦାଦନ ପାଲଟିଛୁ। ମୂକ ବଳଦ ପରି ପାଞ୍ଚଣ ମାଡ଼ ଖାଇ, ପ୍ରତିବେଶୀଙ୍କ ଅଇଁଠା କୁଟା ଚୋବାଇ ଲଙ୍ଗଳ ଚଷିବୁ ବିଲରେ ଗୀତ ଗାଇ, ନିଜ ଘର ପଖାଳ ଖାଇ ନୁହେଁ। ତେଲେଙ୍ଗାଙ୍କ ବୋକଚାବୁହା ସିକୁରିଟି ଗାର୍ଡ କି ଇଟାଭାଟିର ଦରିଦ୍ର ମଜୁରିଆ ହୋଇ। ସରକାର ବିକାଶ ରଥରେ ଚଢ଼ି, ବଡ଼ବଡ଼ ଫୁଲମାଳ ପିନ୍ଧି, ରେଳ ସଡ଼କ ପାଇଁ କଳି କରୁଥା'ନ୍ତୁ। କାଳିଆ, ବଳିଆ, ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ଜନତାଙ୍କ ପାଣ୍ଠି ଲୁଟି, ସେମାନଙ୍କୁ ବୃହନ୍ନଳା କରି, କୋଡ଼ି ଛତରଖିଆ କରି ଭୋଟ୍ ଗୋଟଉ ଥା'ନ୍ତୁ। ଦିବାଲୋକରେ ଓଡ଼ିଆଙ୍କ ପାଦତଳୁ ମାଟି, ନାକତଳୁ ନିଶ ନେଇ ଗଲେଣି ଦିଦି, ଭାଇମାନେ। କିନ୍ତୁ ଚେଇଁ ଶୋଇଥିବ ସିଏ, ତାକୁ ଜଗେଇବ କିଏ? ●

(ଭୁବନେଶ୍ୱର, ମୋ: ୯୯୨୦୬୯୬୮୧୫)

## ନାଟ୍ୟଜଗତର ଭରସା ଗୋପାଳ ଛୋଟରାୟ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଦର୍ଶକପ୍ରାଣକୁ କ୍ଷଣକାଳ ପାଇଁ ସମ୍ମୋହିତ କରିଦେଇ ପାରୁଥିବା ନାଟକ ଅସଂଖ୍ୟ। ତାହା ଆମ ବିଚାର ପରିସରଭୁକ୍ତ ନୁହେଁ। ଯାହା ଏକାଧାରରେ ବିସ୍ମୟଜନକ ଓ ଅବିସ୍ମରଣୀୟ ସେଭଳି ନାଟକ ସମ୍ପର୍କରେ ଚିନ୍ତା କଲେ ନାଟ୍ୟକାର ଗୋପାଳ ଛୋଟରାୟ ମନ୍ଥିତ କରିଦିଅନ୍ତି ହୃଦୟକୁ। ଏହାର ମୂଳରହସ୍ୟ ଉନ୍ମୋଚନ ସହଜସାଧ୍ୟ ବ୍ୟାପାର ହୋଇ ନ ପାରେ। ତଥାପି ଆନ୍ତରିକ ଅନୁସନ୍ଧାନ ଦ୍ୱାରା ତା'ର ନିକଟବର୍ତ୍ତୀ ହେବା ଅନେକାଂଶରେ ସମ୍ଭବ - ଏହି ପ୍ରତ୍ୟୟ ପରିହାର କରିବା କାହିଁକି?

ନାଟ୍ୟ ସମାଲୋଚକମାନେ ଏକ ସାର୍ଥକ ନାଟ୍ୟ ରଚନା କିପରି ସମ୍ଭବ ତାହାର ସୁଦୀର୍ଘ ବିଚାର ଓ ବ୍ୟାଖ୍ୟା ପ୍ରସ୍ତୁତ କରିଦେଇଛନ୍ତି। ସେହି ନାଟକ ତତ୍ତ୍ୱ କଣ୍ଠସ୍ଥ ବା ଆତ୍ମସ୍ଥ କରିଦେଇ ପାରିଲେ କେହି କ'ଣ ଉଚ୍ଚକୋଟୀର ନାଟ୍ୟକାର ହେବା ସମ୍ଭବ? ବିଷୟବସ୍ତୁ, ଚରିତ୍ର ଚୟନଠାରୁ ଆରମ୍ଭ କରି ସଂଳାପ ସଂଯୋଜନା, ଉତ୍କଣ୍ଠା ସୃଷ୍ଟି ଓ ଶେଷପରିଣତି ପର୍ଯ୍ୟନ୍ତ ସବୁକିଛି ନିଖୁଣ ଭାବରେ ରୂପାୟିତ ହେଲେ ମଧ୍ୟ ସବୁ ନାଟକ ଅନ୍ତରରେ ଚିରନ୍ତନ ରେଖା ଟାଣି ଦେଇପାରନ୍ତି ନାହିଁ। ଗୋପାଳ ଛୋଟରାୟଙ୍କ ନାଟକ ମଧ୍ୟରେ କି ଶାଶ୍ୱତ ଉପାଦାନ ନିହିତ? ଯାହା ଫଳରେ 'ଫେରିଆ', 'ପରକଲମ', 'ଭରସା', 'ଅର୍ଦ୍ଧାଙ୍ଗିନୀ', 'ଶ୍ରୀମତୀ ସମାର୍ଜନୀ' ଆଦି ସବୁ କିଛି ହୋଇପାରିଛି ଏତେ ପ୍ରେରଣାପୂର୍ଣ୍ଣ। ମଞ୍ଚ ନାଟକ, ଗୀତିନାଟ୍ୟ, ଗଳ୍ପ ଓ ଉପନ୍ୟାସ ଆଧାରିତ ନାଟକ, ବେତାର ନାଟକ ପୁଣି ଅନୁବାଦ ନାଟକ କ୍ଷେତ୍ରରେ ସେ ଯେଉଁ ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ପ୍ରକୃତରେ ତାହା ଅତୁଳନୀୟ।

'ସତ୍ୟବାଦୀ ହରିଶ୍ଚନ୍ଦ୍ର' ଓ 'ଶ୍ରବଣ ପିତୃଭକ୍ତି' ନାଟକ ଦୁଇଟିର ଲେଖକ କିଏ ତାହା ଆମେ ଜାଣୁନା। କିନ୍ତୁ ଗାନ୍ଧୀ ଆତ୍ମାର ଜାଗରଣ ଦିଗରେ ତାହାର ଅବଦାନ ଅବିସମ୍ବାଦିତ। ଯାହା ଗାନ୍ଧିଜୀଙ୍କ ଜୀବନର ଥିଲା ପରମ ଆଦର୍ଶ ଗୋପାଳ ଛୋଟରାୟଙ୍କ ସୂକ୍ଷ୍ମ ସମ୍ପର୍କ ରହିଥିଲା ତା' ସହିତ। ଯେଉଁ ଆଦର୍ଶ ନେଇ ଜୀବନ ନିର୍ବାହ କରିଛନ୍ତି, ତଦନୁରୂପ ଚରିତ୍ର ଚିତ୍ରାୟନ କରିଛନ୍ତି ନାଟକରେ। ସଂଳାପ ରଚନା କ୍ଷେତ୍ରରେ ସେ ଥିଲେ ସବ୍ୟସାଚୀ। ସେସବୁ ଅଗଣିତ ଦର୍ଶକ ଓ ଶ୍ରୋତାଙ୍କ ଅନ୍ତରକୁ ଭେଦ କରିଯିବାର ମୂଳକାରଣ ହେଉଛି ତାଙ୍କ ଆତ୍ମାର ସତ୍ୟଶୀଳତା।

ନାଟକ ତାଙ୍କ ପାଇଁ ଏକ ତପସ୍ୟା। ସମାଜର ସମସ୍ତ ଅସାମଞ୍ଜସ୍ୟ ବିରୁଦ୍ଧରେ ଏକ ପ୍ରତିବାଦ। ତାହା ଥିଲା ନିଜକୁ ପରସ୍ତ ପରସ୍ତ କରି ଉନ୍ମୋଚନ କରିଦେଉଥିବାର ଏକ ଅନ୍ତର୍ଗତ ଆନନ୍ଦ। ତୁଚ୍ଛା ଚିତ୍ତବିନୋଦନ ତାହାର ଉଦ୍ଦେଶ୍ୟ ନଥିଲା। ଗୋଟିଏ ପାଖରେ ନାଟକ ପାଇଁ ମହତ ଚେତନାର ଚରିତ୍ର ନିର୍ବାଚନ କରିବା ଏବଂ ଅପରପକ୍ଷରେ ଏକ ନିମ୍ନତର ଜୀବନ ବଞ୍ଚିବା ପରି ବ୍ୟବଧାନ ନଥିଲା ତାଙ୍କ ଜୀବନାୟନରେ। ଏହି ଅନ୍ତର୍ନିହିତ ରହସ୍ୟ ହିଁ ତାଙ୍କ ନାଟକକୁ କରିଛି କାଳଜୟୀ। ଆଦର୍ଶ ଚରିତ୍ର ସୃଜନରେ ବିଚକ୍ଷଣତା ଓ ଗଠନକଳା ସମ୍ପର୍କରେ ପୂର୍ଣ୍ଣ ସଚେତନତା ସତ୍ତ୍ୱେ ଯଦି ନାଟ୍ୟକାରଙ୍କ ଜୀବନଯାତ୍ରା ଜଟିଳ ବିରୋଧାଭାସରେ ହୋଇଥାଏ ସଂକୀର୍ଣ୍ଣ, ତା'ହେଲେ ନାଟକ ସେଭଳି କ୍ଷେତ୍ରରେ ଜୀବନବିହୀନ ବୋଲି କାହାକୁ ପ୍ରମାଣ କରିବାକୁ ପଡ଼େ ନାହିଁ। ସ୍ୱୟଂ ମହାକାଳ ହିଁ ତା'କୁ କରିଦିଏ ନିଷ୍ପ୍ରଭ ଓ ନିରର୍ଥକ।

ଗୋପାଳ ଛୋଟରାୟ ଥିଲେ ସମୁଚ୍ଚସ୍ତରର ସିଦ୍ଧ-ସାଧକ। ନାଟ୍ୟଯୋଗୀ। ଜଣେ ନାଟ୍ୟକାରର ସାମାଜିକ ଅଙ୍ଗୀକାରବଦ୍ଧତା ହେଉଛି ପ୍ରକୃତ ଶକ୍ତି, ତାହାରି ଅଧିକାରୀ ଥିଲେ ସେ। 'ପରକଲମ' ନାଟକରେ ସ୍ୱଚ୍ଛ ରାଜନୈତିକ ଆଚରଣ ପାଇଁ କି ବିଦ୍ୟୁତସଂଚାରୀ ସଂଳାପ ସଂରଚନା କରିଛନ୍ତି ସେ!

ଶିଳ୍ପୀଜୀବନରଆଦର୍ଶ-ସ୍ପନ୍ଦନରେ'ଭରସା'ଚିରକାଳ ପାଇଁ ପ୍ରେରଣାଦୀପ୍ତ। ତେଣୁ ସେ ମର୍ମେ ମର୍ମେ ଅନୁଭବ କରିଛନ୍ତି ଆମ କଥାସାହିତ୍ୟର ଅମରକୀର୍ତ୍ତିଗୁଡ଼ିକର ନାଟ୍ୟ ରୂପାୟନ ହୋଇପାରିଲେ ତାହା ଅଧିକ ଲୋକାଭିମୁଖୀ ହୋଇପାରିବ। ଏହି କଲ୍ୟାଣକର ଅଭୀପ୍ସା ଚରିତାର୍ଥ କରିବା ପାଇଁ 'ପେଟେଣ୍ଟ ମେଡିସିନ', 'ମଲାଜହ୍ନ', 'ଅମଡ଼ା ବାଟ', 'ଝଞ୍ଜା', 'ପ୍ରତିଭା' ଆଦି ନାଟ୍ୟରୂପରେ ଉପସ୍ଥାପନା କଲେ। ଗୀତିନାଟ୍ୟ ରଚନା କରି ପ୍ରାଚୀନ ସଂସ୍କୃତି ସହ ଲୋକରୁଚିକୁ ସେ ଯୋଡ଼ିଦେଲେ ଅପୂର୍ବଶୈଳୀରେ। ଆଉ ବେତାର ମାଧ୍ୟମରେ ତାଙ୍କ ନାଟକର ଅନୁପମତ୍ୱ ବ୍ୟାପ୍ତ ହୋଇଯାଇଛି ପୁରପଲ୍ଲୀରେ। ଓଡ଼ିଆ ନାଟକକୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିଦେବାରେ ତାଙ୍କ ଭୂମିକା ଅତୁଳନୀୟ। ନାଟକ ରଚନା ଓ ଅଭିନୟ ମାଧ୍ୟମରେ ସେ ଛଳନାର ବହୁ କୃତ୍ରିମମୁଖା ଖୋଲି ଦେଇଛନ୍ତି ଆଉ ଏପରି ଅନିଷ୍ଟକର ମନୋବୃତ୍ତିର ମୂଳୋତ୍ପାଟନ ପାଇଁ ସମାଜକୁ ପ୍ରଦାନ କରିଛନ୍ତି ଶକ୍ତିଶାଳୀ ଦିଗଦର୍ଶନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ରାଜ୍ୟସ୍ତରୀୟ ବଜେଟ ସଚେତନତା କର୍ମଶାଳା**

## 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ ପାରଦର୍ଶୀ ଶାସନର ନୂତନ ପରିଚୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୪(ସମିସ): ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବଜେଟ ସଚେତନତା ସମ୍ପର୍କିତ ଏକ କର୍ମଶାଳା 'ଆମେ ଜାଣିବା, ଆମ ବଜେଟ' ଆୟୋଜିତ ହୋଇଯାଇଛି। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବଜେଟ କେବଳ ଆୟବ୍ୟୟର ତାଲିକା ନୁହେଁ; ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନପୂରଣର ଏକ ସୁଦୃଢ଼ ରୋଡମ୍ୟାପ୍ ଅଟେ। ଦେଶର ଭିଜନ ସହିତ ତାଳ ମିଳାଇ ଆମ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳ ଭିତ୍ତିକୁ ସୁଦୃଢ଼ କରିବ। ଚଳିତ ବଜେଟରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ଅସମ୍ଭବ ଲାଗୁଥିଲେ ମଧ୍ୟ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଓଡ଼ିଆ ମାନଙ୍କ ପାଖରେ ଅଛି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିନ୍ତ ରୂପେ ସମ୍ଭବ ହେବ। ସେ କହିଥିଲେ ଯେ ଏହି ବଜେଟରେ ଭିତ୍ତିଭୂମି, ଶିଳ୍ପ, ପର୍ଯ୍ୟଟନ, କୃଷି, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର , ଜାତୀୟ ଜଳପଥ-୫, ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରାଯିବ। ପୁରୀରେ ଶାମୁକା ପ୍ରକଳ୍ପ ଏବଂ ଚିଲିକା ପୁନରୁଦ୍ଧାର ଯୋଜନା ରାଜ୍ୟର ପର୍ଯ୍ୟଟନକୁ ନୂତନ ଦିଗ ଦେବ। ଏହି ବଜେଟରେ ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆସନ୍ତା ୧୪ ଏପ୍ରିଲ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍ତରରେ 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇ ବଜେଟର ବିଭିନ୍ନ ପାର୍ଶ୍ୱକୁ ସରଳ ଭାଷାରେ ଲୋକଙ୍କ ନିକଟକୁ ପହଞ୍ଚାଯିବ। ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ନିମନ୍ତ୍ରିତ ଅତିଥିବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଆସାମ...

ତାଙ୍କ ପତ୍ନୀଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରିଥିବା ବେଳେ ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ପବନ ଖେରା। ଏହାକୁ ନେଇ ଦୁଇ ନେତା ମୁହାଁମୁହିଁ ହୋଇଛନ୍ତି। ରାଜ୍ୟରେ ବିଜେପି ଏକପାଖିଆ ଭାବେ ବିଜୟୀ ହେବ ବୋଲି କେତେକ ସଂସ୍ଥା କହୁଥିବା ବେଳେ ଅନ୍ୟ କେତେକ ସଂସ୍ଥା ଆକଳନ କରିଛନ୍ତି ଯେ ବିଜେପିକୁ ଏଥର କଂଗ୍ରେସ କଡ଼ା ଟକ୍କର ଦେବ।

ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ୩୦ଟି ଆସନ ପାଇଁ ନିର୍ବାଚନ ହେବ। ଏନ୍ ରଙ୍ଗାସାମୀଙ୍କ ନେତୃତ୍ୱରେ ଏଆଇଏନ୍‌ଆରସି-ବିଜେପି ମେଣ୍ଟ ପୁଣିଥରେ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି। ଏଠାରେ ଆସନ ସଂଖ୍ୟା କମ୍ ଥିବାରୁ ବଡ଼ ରାଜନୈତିକ ଏଜେଣ୍ଡା ଅପେକ୍ଷା ପ୍ରାର୍ଥିମାନଙ୍କର ବ୍ୟକ୍ତିଗତ ପରିଚିତି ଓ ପ୍ରଭାବ ନିର୍ବାଚନ ଫଳାଫଳ ଉପରେ ଅଧିକ ପ୍ରଭାବ ପକାଇବାର ସମ୍ଭାବନା ରହିଛି।

### ଅନିଶ୍ଚିତତାରେ ଯୁଦ୍ଧ...

ଇରାନ ନିଜ ଜିଦରେ ଅଟଳ ରହିବାରୁ ପରିସ୍ଥିତି ବିସ୍ଫୋରକ ହେବାକୁ ଯାଉଥିବା ବେଳେ ଇରାନକୁ ରାଜି କରାଇବା ଲାଗି ପାକିସ୍ତାନର ସହାୟତା ନେଇଥିଲେ ଟ୍ରମ୍ପ। ଆମେରିକା ପ୍ରାୟୋଜିତ ପାକିସ୍ତାନ ଅନୁରୋଧକୁ ତତକ୍ଷଣାତ୍ ଗ୍ରହଣ କରିନେଇଥିଲେ ଟ୍ରମ୍ପ। ଏହାସହିତ ଦୀର୍ଘ ୪୦ ଦିନର ଘମାଘୋଟ ଲଢ଼େଇ ପରେ ଶାନ୍ତ ପଡ଼ିଛି ମଧ୍ୟପ୍ରାଚ୍ୟ। ଦୁଇ ସପ୍ତାହ ଲାଗି ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣା ଅନୁଯାୟୀ ହର୍ମୁଜ ପ୍ରଣାଳୀ ଖୋଲିବ, କିନ୍ତୁ ଏହି ସମୁଦ୍ର ପଥ ଦେଇ ଯାଉଥିବା ଜାହାଜ ପିଛା ୨୦ ଲକ୍ଷ ଡଲାର ଆଦାୟ କରିବ ଇରାନ। ସ୍ଥାୟୀ ଯୁଦ୍ଧବିରତି ସହିତ ଇରାନ ଉପରେ ଥିବା କଟକଣାକୁ ହଟାଇବା ଲାଗି ଇରାନ ରଖିଥିବା ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆସନ୍ତା ୧୦ ତାରିଖରେ ପାକିସ୍ତାନ ରାଜଧାନୀ ଇସଲାମାବାଦରେ ଇରାନ ସହିତ ହେବାକୁ ଥିବା ଆଲୋଚନାରେ ଆମେରିକାର ପ୍ରତିନିଧିତ୍ୱ କରିବେ ଉପରାଷ୍ଟ୍ରପତି ଜେଡି ଭାନ୍ସ।

ଆମେରିକୀୟ ସମୟ ରାତି ୮ଟା ପରେ ଇରାନ ଉପରେ ବିନାଶକାରୀ ଆକ୍ରମଣ ପାଇଁ ଅଶାନ୍ତ ଟ୍ରମ୍ପଙ୍କ ଧମକ ଯୋଗୁଁ ସାରା ବିଶ୍ୱ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଶେଷମୁହୂର୍ତ୍ତରେ ଯୁଦ୍ଧବିରତି ଘୋଷଣା ଆଶ୍ୱସ୍ତି ଆଣିଦେଇଛି। ଯୁଦ୍ଧବିରତି ଫଳରେ ବିଶ୍ୱ ବାଣିଜ୍ୟର ପ୍ରାଣକେନ୍ଦ୍ର କୁହାଯାଉଥିବା 'ହର୍ମୁଜ ପ୍ରଣାଳୀ' ପୁଣି ଥରେ ଖୋଲିବାକୁ ଯାଉଛି। ଇରାନ ଏଥିପାଇଁ ସମ୍ମତି ପ୍ରକାଶ କରିଛି। ଏହି ଖବର ପ୍ରଚାରିତ ହେବାପରେ ବିଶ୍ୱ ବଜାରରେ ତେଲ ଦର ୧୦୯ରୁ ୯୦ ଡଲାରକୁ ହ୍ରାସ ପାଇଛି। ବିଭିନ୍ନ ଦେଶରେ ସେୟାର ବଜାରରେ ମଧ୍ୟ ଉତ୍ସାହ ଦେଖାଦେଇଛି। ଇରାନ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ଆଧାରରେ ହର୍ମୁଜ ପ୍ରଣାଳୀକୁ ଜଳପଥ ପରିବହନ ପାଇଁ ଖୋଲିବାକୁ ରାଜି ହୋଇଛି। ଏହି ପ୍ରଣାଳୀ ଦେଇ ଯାଉଥିବା ଜାହଜାଗୁଡ଼ିକର ସୁରକ୍ଷା ପାଇଁ ଇରାନର ସଶସ୍ତ୍ର ବାହିନୀ ସହ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ। ଏଥିସହ ଇରାନ ବାଟ ଦେଇ ଯାଉଥିବା ଜାହାଜଗୁଡ଼ିକ ଠାରୁ ଟ୍ରାନଜିଟ ଫି ଆଦାୟ କରିବାକୁ ଯୋଜନା କରାଯାଉଛି, ଯାହା ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ବ୍ୟବହାର ହେବ। ଆମେରିକା ଓ ଇରାନ ମଧ୍ୟରେ ଶେଷ ମୁହୂର୍ତ୍ତରେ ଯୁଦ୍ଧବିରତି ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫ୍ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଭୟ ଟ୍ରମ୍ପ ଏବଂ ଇରାନ ବୈଦେଶିକ ମନ୍ତ୍ରୀ ଏହା ସ୍ୱୀକାର କରିଛନ୍ତି। ତେବେ ମିଳିଥିବା ଖବର ଅନୁଯାୟୀ ଯୁଦ୍ଧବିରତି ଲାଗି ବ୍ୟାକୁଳ ଥିବା ଟ୍ରମ୍ପ ସମ୍ମାନ ବଞ୍ଚାଇବା ଲାଗି ପାକିସ୍ତାନକୁ ମଧ୍ୟସ୍ଥତା କରିବାକୁ କହିଥିଲେ। ପାକିସ୍ତାନ ଅନୁରୋଧ କରିବା ମାତ୍ରେ ଟ୍ରମ୍ପ ଯୁଦ୍ଧବିରତି ପାଇଁ ରାଜି ହୋଇଯାଇଥିଲେ।

ସୂଚନାଯୋଗ୍ୟ ଯେ, ଏହି ୪୦ ଦିନର ଯୁଦ୍ଧରେ ୫, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ସମେତ ଇରାନର ଅନେକ ବଡ଼ ବଡ଼ ନେତା ନିହତ ହୋଇଛନ୍ତି। ଅନ୍ୟପଟେ ଏହି ଯୁଦ୍ଧରେ ଆମେରିକା ସହ ଇରାନ ବିପକ୍ଷରେ ଲଢ଼େଇ କରିଥିବା ଇସ୍ରାଏଲ ଏହି ଦୁଇ ସପ୍ତାହର ଯୁଦ୍ଧ ବିରତିକୁ ସମର୍ଥନ ଜଣାଇଥିଲେ ହେଁ ସ୍ପଷ୍ଟ କରିଛି ଯେ ଲେବାନନ୍‌ରେ ତା'ର ସାମରିକ ଅଭିଯାନ ଜାରି ରହିବ। ଅନ୍ୟପଟେ ଇରାନ ଦାବି କରିଛି ଯେ ଏହି ଯୁଦ୍ଧ ବିରତିରେ ଲେବାନନ୍‌କୁ ମଧ୍ୟ ସାମିଲ କରାଯିବା ଆବଶ୍ୟକ। ଇତିମଧ୍ୟରେ ଉଭୟ ଇରାନ ଏବଂ ଆମେରିକା ଏହି ଯୁଦ୍ଧବିରତି ପାଇଁ ନିଜକୁ ବିଜୟୀ ଘୋଷଣା କରିଛନ୍ତି। ଇରାନ ଦେଇଥିବା ୧୦-ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ଗ୍ରହଣ କରିବା ସହ ଏହା ବିଚାରଯୋଗ୍ୟ ବୋଲି କହିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ।

### ୟୁଏଇ ବିଶ୍ୱର...

ଏହି ଅତି-ଦ୍ରୁତ ଇଣ୍ଟରନେଟ୍ ସେବା ସାଧାରଣ ଉପଭୋକ୍ତାଙ୍କ ସହିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ, ସ୍ମାର୍ଟ ସିଟି ଏବଂ ସ୍ୱୟଂଚାଳିତ ପ୍ରଣାଳୀ ଭଳି ଆଧୁନିକ ବୈଷୟିକ ଆବଶ୍ୟକତା ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରିବ।

### ଚାଷୀଙ୍କୁ ମିଳିବ...

ସାର ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସାର ଏବଂ ୟୁରିଆ, ଡିଏପି, ଏମ୍‌ଓପି ଓ ସଲଫର ଭଳି ଅନ୍ୟାନ୍ୟ ଇନପୁଟ୍‌ର ଅନ୍ତର୍ଜାତୀୟ ମୂଲ୍ୟରେ ସାମ୍ପ୍ରତିକ ଦରକୁ ଧ୍ୟାନରେ ରଖି ସରକାର ଖରିଫ ୨୦୨୬ ପାଇଁ ଫସଫେଟ୍ ଓ ପଟାସ୍ (ପି ଆଣ୍ଡ କେ) ସାର (ଡିଏପି ଓ ଏନପିକେଏସ ଗ୍ରେଡ୍ ସମେତ) ଉପରେ ଜାତୀୟ ସବ୍‌ସିଡି ହାର ଅନୁମୋଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ୧ ଏପ୍ରିଲ ୨୦୨୬ରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଲାଗୁ ହେବ।

### ମହଙ୍ଗା ହେବନି ଋଣ...

ଏବଂ ଅଣମୌସୁମୀ ବର୍ଷା ଯୋଗୁ ଫଳ, ପନିପରିବା ଏବଂ ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ଆଶଙ୍କା କରାଯାଉଛି। ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରୁଛି। ଆର୍‌ବିଆଇ ବର୍ତ୍ତମାନ 'ୱେଟ୍ ଆଣ୍ଡ ୱାଚ୍' ନୀତି ଅବଲମ୍ବନ କରୁଛି। ବିଶ୍ୱ ବଜାରରେ ଅସ୍ଥିରତାକୁ ଦୃଷ୍ଟିରେ ରଖି, ରିଜର୍ଭ ବ୍ୟାଙ୍କ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ବ୍ୟାଙ୍କ ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଉପରେ ନଜର ରଖିବାକୁ ଚାହୁଁଛି। ଏହି କାରଣରୁ ସୁଧ ହାର ପରିବର୍ତ୍ତନ କରାଯାଇନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଆରବିଆଇ ବ୍ୟାଙ୍କଗୁଡ଼ିକୁ ଯେଉଁ ହାରରେ ଋଣ ଦିଏ ତାହାକୁ 'ରେପୋ ହାର' କୁହାଯାଏ। ଯେତେବେଳେ ଆରବିଆଇ ରେପୋ ହାର ହ୍ରାସ କରେ, ସେତେବେଳେ ବ୍ୟାଙ୍କଗୁଡ଼ିକ ଏହି ଲାଭ ସେମାନଙ୍କ ଗ୍ରାହକମାନଙ୍କୁ ଦେଇଥାନ୍ତି। ସେମାନେ ବି ଋଣ ଉପରେ ସୁଧ ହ୍ରାସ କରନ୍ତି। ରେପୋ ହାର ଅପରିବର୍ତ୍ତିତ ରଖିବା ସହିତ ଦେଶରେ ଅଭିବୃଦ୍ଧି ନେଇ ମଧ୍ୟ ଆକଳନ କରିଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଆରବିଆଇ ଗଭର୍ଣ୍ଣର କହିଛନ୍ତି ଯେ ଚଳିତବର୍ଷ ପାଇଁ ବାସ୍ତବ ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେପଟେ ବାହ୍ୟ କ୍ଷେତ୍ରରେ ଉପୁଜିଥିବା ନା ନା ସମସ୍ୟା ଯୋଗୁ ସାମଗ୍ରୀ ରପ୍ତାନୀ ବାଧାପ୍ରାପ୍ତ ପାଇଛି। ପ୍ରମୁଖ ଜାହାଜ ଚଳାଚଳ ମାର୍ଗରେ ବାଧା ସୃଷ୍ଟି ହେବା, ଅଧିକ ମାଲ ପରିବହନ ଏବଂ ବୀମା ମୂଲ୍ୟ ବୃଦ୍ଧି ଓ ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଚାହିଦାରେ ହ୍ରାସ ଭଳି ସମସ୍ୟା ସାମଗ୍ରୀ ରପ୍ତାନିକୁ କ୍ଷତି ପହଞ୍ଚାଇପାରେ ବୋଲି ରିଜର୍ଭ ବ୍ୟାଙ୍କ ସେ କହିଛନ୍ତି।

### ବୁଲିବୁଲି ପୁଣି...

ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କମିଟି ବସି ପୋଷାକ ବିତରଣ ପାଇଁ ପ୍ରସ୍ତୁତି କରିବେ। ଆସନ୍ତା ୧୦ ତାରିଖ ସୁଦ୍ଧା ଛାତ୍ରଛାତ୍ରୀଙ୍କ ତଥ୍ୟ ବିଦ୍ୟାଳୟଗୁଡ଼ିକ ଦାଖଲ କରିବେ। ୧୨ ତାରିଖ ମଧ୍ୟ ସେ ସବୁକୁ ଯାଞ୍ଚ କରିବା ସହ ପୂର୍ବରୁ ମନୋନୀତ ସଂସ୍ଥାକୁ ପୋଷାକ ଯୋଗାଇବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଆସନ୍ତା ୨୭ ତାରିଖ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ସୁନିଶ୍ଚିତ କରାଯିବ। ପୋଷାକ ମାନ ଯାଞ୍ଚ ସହ ଆସିଥିବା ସମସ୍ତ ଅଭିଯୋଗକୁ ୩୦ ତାରିଖ ମଧ୍ୟରେ ସମାଧାନ କରି ମେ ୨ ତାରିଖ ସୁଦ୍ଧା ଓସେପାକୁ ବିଦ୍ୟାଳୟଗୁଡ଼ିକ ରିପୋର୍ଟ କରିବେ। ଏହି ସମୟ ଅବଧିର ଯେପରି ଖିଲାପ ନ ହୁଏ, ସେଥିପାଇଁ କଡ଼ା ତାଗିଦ କରାଯାଇଛି। ସଠିକ୍ ସମୟରେ ପୋଷାକ ବଣ୍ଟନ ପାଇଁ ଡିଇଓମାନେ ନିୟମିତ ଭାବେ ସମୀକ୍ଷା କରିବେ। ବ୍ଲକ୍ ଶିକ୍ଷା ଅଧିକାରୀମାନେ ପ୍ରତିଦିନ କାର୍ଯ୍ୟାନ୍ୱୟନ ସମ୍ପର୍କିତ ତଥ୍ୟ ଡିଇଓଙ୍କୁ ପ୍ରଦାନ କରିବେ। ସେହିପରି ପ୍ରତି ୩ ଦିନରେ ଥରେ ଡିଇଓମାନେ ଓସେପାକୁ ରିପୋର୍ଟ କରିବାକୁ କୁହାଯାଇଛି। ମାତ୍ର ୨୦ ଦିନରେ ସମଗ୍ର ପୋଷାକ ବଣ୍ଟନ ପ୍ରକ୍ରିୟା ସରିବା ନେଇ ଅଭିଭାବକ ଓ ଶିକ୍ଷାବିତମାନେ ଆଶଙ୍କା ପ୍ରକାଶ କରିଥିବାବେଳେ ପୋଷାକର ମାନକୁ ନେଇ ମଧ୍ୟ ସନ୍ଦେହ ପ୍ରକଟ କରୁଛନ୍ତି।

### ଏ ବର୍ଷ ୬ ପ୍ରତିଶତ...

ଏଲ ନିନୋ ଦ୍ୱାରା ସମୁଦ୍ରର ତାପମାତ୍ରା ବୃଦ୍ଧି ପାଏ, ଯାହାଫଳରେ ମୌସୁମୀ ବାୟୁ ଦୁର୍ବଳ ହୋଇଯାଏ ଓ ବୃଷ୍ଟିପାତ କମ୍ ହୁଏ। ଗତବର୍ଷ ମୌସୁମୀ ନିର୍ଦ୍ଧାରିତ ସମୟର ୮ ଦିନ ପୂର୍ବରୁ ଅର୍ଥାତ ମେ ୨୪ ତାରିଖରେ କେରଳ ଛୁଇଁ ଥିଲା। କିନ୍ତୁ ଏଥର ସ୍ଥିତି ଭିନ୍ନ ହେବାର ସୂଚନା ମିଳିଛି। ସାଧାରଣତଃ ଦୀର୍ଘକାଳୀନ ହାରାହାରି ୮୭ ସେମି ବା ୮୭୯ ମିମି ବର୍ଷାକୁ ସ୍ୱାଭାବିକ୍ ମୌସୁମୀ ବୋଲି ଧରାଯାଏ। ଏହାଠାରୁ କମ୍ ବର୍ଷା ହେଲେ ଚାଷ କାର୍ଯ୍ୟ ଏବଂ ଜଳ ସଂରକ୍ଷଣ ଉପରେ ଏହାର ପ୍ରଭାବ ପଡ଼ିଥାଏ।

### ସଞ୍ଚୟ ନା...

କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ମାତ୍ର ୫୭ ପ୍ରତିଶତ ବଜେଟ୍ ଅର୍ଥ ଖର୍ଚ୍ଚ ହୋଇଥିବା ସଚିବସ୍ତରୀୟ ବୈଠକରୁ ଜଣାପଡ଼ିଥିଲା। ଏପରିକି ରାଜ୍ୟର ୪୪ଟି ବିଭାଗ ମଧ୍ୟରୁ ୨୨ଟି ବିଭାଗ ମାତ୍ର ୫୦ ପ୍ରତିଶତରୁ କମ୍ ଅର୍ଥ ଖର୍ଚ୍ଚ କରି ପାରିଥିବା ସେତେବେଳେ ବୈଠକରେ ସୂଚନା ମିଳିବା ପରେ ଏହାକୁ ନେଇ ମୁଖ୍ୟ ସଚିବ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ବିଜେଡି ସରକାର ତୀବ୍ର ସମାଲୋଚନା କରିବା ସହ ସରକାର ଗଠନ ପରେ ଗତ ତିନୋଟି ବଜେଟରେ ବିଜେପି ସରକାର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ମଧ୍ୟ ବିଫଳ ହେଉଥିବା ନେଇ ବିରୋଧୀ ଅଭିଯୋଗ କରୁଛନ୍ତି। ଏହାଦ୍ୱାରା ଗାଁ ଗାଁରେ ବିକାଶ କାମ ଅଟକି ପଡ଼ିଛି। ଚଳିତ ବର୍ଷ ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ଆସିଥିଲେ ମଧ୍ୟ ଏହାକୁ ନେଇ ବିଭିନ୍ନ ଦଳ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟର ଋଣ ବୋଝ ବଢ଼ୁଥିବା ବେଳେ ଖର୍ଚ୍ଚ କ୍ଷମତା କମ୍ ହେଉଛି। କ୍ରୀଡ଼ା ଓ ଯୁବସେବା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ। ମାତ୍ର ସରକାର ଏହାକୁ ମାନିବାକୁ ନାରାଜ। ଏହି ପରିପ୍ରେକ୍ଷୀରେ ରାଜ୍ୟର ଆର୍ଥିକ ବିକାଶ ଏବଂ ଜନକଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିବାରେ ସରକାରଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ଗତ ବିଧାନସଭା ଅଧିବେଶନରେ ରାଜ୍ୟ ସରକାର ବଜେଟ୍‌କୁ ନେଇ ବାହାବା ନେବାକୁ ଉଦ୍ୟମ କରୁଥିବା ବେଳେ ବିରୋଧୀଦଳର ବିଧାୟକମାନେ ବଜେଟ୍ ଖର୍ଚ୍ଚ କରିବାରେ ସରକାରଙ୍କ ଅପରାଗତାକୁ କଠୋର ସମାଲୋଚନା କରିଥିଲେ। ଏହାସହିତ ସରକାରଙ୍କ ଅନୁଦାନ ନୁହେଁ ବରଂ କାର୍ଯ୍ୟ ଶେଷ ପରେ ୟୁସି ଦାଖଲ ପରେ ହିଁ ଏହାକୁ ସଠିକ୍ ଖର୍ଚ୍ଚ ବୋଲି ଧରାଯାଏ ବୋଲି ସେ ସରକାରଙ୍କୁ ସୂଚାଇଥିଲେ।


**AFFIDAVIT**

By virtue of an affidavit (CF No. 160, date: 07.04.2026) sworn before The Executive Magistrate, Bhubaneswar. I, **Monissa Behra** (new name), aged about 44 years, D/o Durga Charan Behera, resident of Plot No.21, Unit-4, Madhusudan Nagar, PO: GPO, PS: Kharvel Nagar, Bhubaneswar, Dist: Khordha, PIN: 751001, State: Odisha declare that I have changed my name from **Monisa Behera** (old name) to **Monissa Behra** (new name). Henceforth, I shall be known as **Monissa Behra** (new name) for all official, non-official, and legal purposes.

**AFFIDAVIT**

I, Abhaykumar Gajendranath Mohanty, aged about 62 years, S/o- Gajendranath Mohanty, resident of At- Plot No.12, Lane-1, Adarsh Vihar, Near KIITS Square, Patia, PO: Kalarahanga, PS: Infocity, Bhubaneswar, Dist- Khordha, PIN-751024, Odisha declared by this affidavit No. 721, dtd- 08/04/2026 that now onwards I shall be known as **ABHAYA KUMAR MOHANTY** for all future purposes.

E-mail: eeboudhrb@gmail.com 34001/31/2627

**OFFICE OF THE SUPERINTENDING ENGINEER BOUDH (R & B) DIVISION, BOUDH**

**INVITATION FOR BIDS (IFB)**

No. 1689 Dated. 06.04.2026

**Cancellation of tender call Notice no. SE BDH-33/2025-26 dated 31.03.2026**

The tender invited vide Bid Identification No. SE BDH-33/2025-26 dated 31.03.2026 for Sl. No. 02 i.e., "Providing 3 phase power supply at 440 volts with proposed 27 kW load of Transit House at Marjakud in the District of Boudh" is hereby canceled due to technical reason.

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0002

E-mail: eeboudhrb@gmail.com 34001/41/2627

**OFFICE OF THE SUPERINTENDING ENGINEER BOUDH (R & B) DIVISION, BOUDH**

**INVITITAON FOR BIDS (IFB)**

No. 1676 Dated. 06.04.2026

**Cancellation of tender call Notice no. SE BDH-33/2025-26 dated 31.03.2026**

The tender invited vide Bid Identification No. SE BDH-33/2025-26 dated 31.03.2026 for Sl. No. 01 i.e., "Construction of Manamunda PACS Ltd. New office building (1st Floor) at Manamunda in the District of Boudh" is hereby canceled due to technical reason.

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0003

**SUPERINTENDENT PRM MCH, BARIPADA, MAYURBHANJ**

**TENDER CALL NOTICE**

Notice No.: 1816, Dated: 07.04.2026 10001/23/2627

Sealed tenders are invited from interested agencies having adequate experience in taking up the **"Printing & Supply of different formats & register"**. Details regarding the items and terms & conditions may be downloaded from the website: **https://mayurbhanj.odisha.gov.in.** The tender should reach in the office of the undersigned as per the date mentioned in the tender paper through registered post/Speed post/courier only. The last date of bid submission on **Dt. 21.04.2026 till 5.30 PM** and Tender will be opened on **Dt. 22.04.2026 at 11.30 AM** in the **Committee Hall of PRM MCH, Baripada.** The undersigned will not be held responsible for any postal delay and reserves the right to reject any or all the quotations without assigning any reason thereof.

Sd/-Superintendent, PRM MCH Baripada, Mayurbhanj

OIPR-10001/10120/1/26-27/0001

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**

(ଭୂ-ଅର୍ଜନ ଉପବିଭାଗ)

**ସର୍ବସାଧାରଣ ନୋଟିସ**

24001/13/2627

ଜ୍ଞାପକ ସଂଖ୍ୟା ୬୯/୨୦୨୬ ତାରିଖ: ୨୦.୦୧.୨୦୨୬

ଏତଦ୍ୱାରା ବୋରିଗୁମା ତହସିଲ ଅନ୍ତର୍ଗତ ଝିଲିମିଲି, ବୋରିଗୁମା ଓ ଖୁଡିଗୁଡା ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୋରିଗୁମା ସହର ବାହ୍ୟ ଦେଇ ଯାଉଥିବା "Boriguma Bypass" ନିର୍ମାଣ ପାଇଁ ଉକ୍ତ ଗ୍ରାମ ଗୁଡିକର ର ଜମି ଅଧୀଗ୍ରହଣ କରାଯାଇ ଅର୍ଜିତ ହୋଇଥିବା ଭୂମି ପାଇଁ Right to Fair Compensation and Transparency in Land Acquisition, Rehabilitation and Resettlement Act, 2013 ଅନୁଯାୟୀ କ୍ଷତିପୂରଣ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଆୱାର୍ଡ ପ୍ରସ୍ତୁତ କରାଯାଇଛି।

ଏଣୁ ଯେଉଁ ଦାବିଦାରମାନେ ଏଯାବତ କୌଣସି କାରଣ ବଶତଃ କ୍ଷତିପୂରଣ ରାଶି ଗ୍ରହଣ କରିନାହାନ୍ତି ସେମାନଙ୍କୁ ସୂଚିତ କରିଦିଆଯାଉଛି ଯେ, ଏହି ସୂଚନା ପ୍ରକାଶ ପାଇବାର ୦୭ (ସାତ) ଦିନ ମଧ୍ୟରେ ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ ରେ ଉପସ୍ଥିତ ହୋଇ ନିଜ ପରିଚୟ, ମାଲିକାନା ପ୍ରମାଣ ଓ ବ୍ୟାଙ୍କ ଖାତା ବିବରଣୀ ଦାଖଲ କରି କ୍ଷତିପୂରଣ ରାଶି ଗ୍ରହଣ କରନ୍ତୁ। ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦାବିଦାର ଉପସ୍ଥିତ ନହୁଅନ୍ତି, କିମ୍ବା କ୍ଷତିପୂରଣ ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି, କିମ୍ବା ମାଲିକାନା ବିବାଦ ଥାଏ, ତେବେ NH Act 1956 ଆଇନର ଧାରା 3-H(4), ଅନୁଯାୟୀ ସମ୍ପୃକ୍ତ କ୍ଷତିପୂରଣ ରାଶି Principal Civil Court ରେ ଜମା କରାଯିବ। ଏହା ପରେ କୌଣସି ଅଭିଯୋଗ କିମ୍ବା ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ।

ଡେପୁଟି କଲେକ୍ଟର (ରାଜସ୍ୱ) -ତଥା-ଭୂ-ଅର୍ଜନ ଅଧିକାରୀ (କ୍ଷମତାପ୍ରାପ୍ତ ଅଧିକାରୀ), କୋରାପୁଟ,

OIPR-24001/24385/3/26-27/0002

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

**ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୨୮.୦୪.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକାରେ ।**

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୩,୫୦,୦୦୦/- |
| ଷ୍କ୍ୟାର୍ଡ- ପାତ୍ରପଡା ଷ୍କ୍ୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୨,୪୫,୦୦୦/- |
| ଷ୍କ୍ୟାର୍ଡ- ପଦ୍ମା ଷ୍କ୍ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| କଳାରାହାଙ୍ଗ ଶାଖା / ୮୨୪୯୦୩୭୧୫୦ | ଶ୍ରୀ ରାଜ କିଶୋର ଦାସ ୨୨୮୯୦୩୭୦୮୦୦୦୦୪୨ | MARUTI ALTO LXI OD02BH2502 | OD02BH2502 F8DN6225033 MA3EUA61500E72148 | ଟ.୧,୦୫,୦୦୦/- |
| କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଯୋଗାଯୋଗ : ୮୨୪୯୦୩୭୧୫୦ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭

**ଗାଡିକୁ ତା.୨୭.୦୪.୨୦୨୬ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୨୭.୦୪.୨୦୨୬ରିଖ ସୁଦ୍ଧା ଦାଖଲ କରିପାରିବେ।**

**ନିଲାମର ନିୟମ ଓ ସର୍ତ୍ତାବଳୀ: ୧)** ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ **୧୦,୦୦୦/- (ଦଶ ହଜାର)** ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। **୨)** ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। **୩)** ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। **୪)** ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। **୫)** ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। **୬)** ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ୍, କ୍ରେତାମାନେ ରୋଡ଼ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। **୭)** ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। **୮)** ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। **୯)** ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସ୍‌ଟି, ଯଦି କିଛି ଥାଏ ତାହା ବହନ କରିବେ। **୧୦)** ବିଡ଼ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। **୧୧)** ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ଼ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୧୨)** ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। **୧୩)** ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। **୧୪)** ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ଼ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। **୧୫)** ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। **୧୬)** ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। **୧୭)** ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। **୧୮)** ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତ୍ତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। **୧୯)** ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୂଡାନ୍ତ ହେବା ଆବଶ୍ୟକ। **୨୦)** ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। **୨୧)** ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୮.୦୪.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**AFFIDAVIT**

By virtue of an affidavit before the Executive Magistrate, Rairakhol, dt.07.04.2026, I, Ranju Palia, Vill- Tribhanpur, P.O.-Tribhanpur, P.S.-Rairakhol, Dist-Sambalpur -768106, do hereby declare that I have changed the name of my minor daughter from Mancini Palia to Nandini Palia. Henceforth, she shall be known as **Nandini Palia** for all purposes.

**Sd/- Ranju Palia**

**NOTICE**

By virtue of an affidavit sworn before Executive Magistrate, Bhubaneswar, On dtd 25.03.2026, CFN/148. I, JHARANA SAHOO, D/o Prasanna Sahoo , Address-Tarini Nagar, Salia Sahi, Jayadev Vihar, Bhubaneswar, Khordha, Pin-751013, declare that I have changed my name from LIJA SAHOO to JHARANA SAHOO. Henceforth, I shall be known as **JHARANA SAHOO** for all purposes.

**Jharana Sahoo**

**AFFIDAVIT**

I Mahammad Wasim Khan, S/o Asraf Alli Khan, Resident at At- Alla (Kabirpatana, Po- Alla, Ps/Dist- Jagatsinghpur- 754132, Odisha declare by this Affidavit No- 3046, Date- 25.09.2025, that now onwards I shall be known as **Mahamad Wasim Khan** for all future purposes.

**AFFIDAVIT**

I, Smt Sabitri Behera w/o- Krupasindhu Behera, of Vill / Po- Gud, Ps :- Soro, Dist-Balasore, Odisha. My actual name is Sabitri Behera as per my Aadhar Card. But in my L.I.C. Policy No. 598111814, My name is wrongly mentioned as Janaki Behera instead of **Sabitri Behera, W/o- Krupasindhu Behera.** It is the same and one person for all future purposes.

**AFFIDAVIT**

By virtue of an affidavit no. 74 before the Executive Magistrate, Malkangiri, dt.07.04.2026, I, Himadri Shekhar Pattnayak At- Sambayaguda, Po/Ps/Dist: Malkangiri, declare that I have changed my name from Himadri Pattnaik to Himadri Shekhar Pattnayak. Henceforth I shall be known as **Himadri Shekhar Pattnayak** for all purposes.

**Sd/- Himadri Shekhar Pattnayak**

**AFFIDAVIT**

I P. Ramulu, S/o- P. Kirti, formerly called Pedanti Rabana, S/o- P Haribuandu residig at Sana Chandilli, Dist- Rayagada, Odisha, currently residing at Sana Chandilli, Dist- Rayagada, Odisha, PIN- 765017 do hereby declare before Executive Magistrate, Rayagada that for and on behalf of myself I wholly renounce, relinquish and abandon the use of my former name of Pedanti Rabana, S/o- P Haribandu and in place thereof do assume that the name of P. Ramulu, S/o- P. Kirti and as that I may thereafter be called, known and distinguished not by my former name of Pedanti Rabana, S/o- P. Haribandu but by my assumed name of P. Ramulu, S/o- P. Kirti. I expressly authorize and request all persons at all times to designate and address me and my wife/husband and children and remoter issue by such assumed name of P. Ramulu, S/o- Kirti accordingly. Sd/- P. Ramulu.

**AFFIDAVIT**

By virtue of an affidavit no.88 before the Executive Magistrate, Tentulikhunti, Dist.- Nabarangpur, dtd.07.04.2026,I, Urmila Majhi, At- Udaypur, Tentulikhunti, Nabarangpur, declare that my son's correct name is Nitesh Majhi, but wrongly recorded as Mitesh Majhi in Aadhaar. That **Nitesh Majhi & Mitesh Majhi** both names refer to the same person i.e. my son.

**Sd/- Urmila Majhi**

**AFFIDAVIT**

By virtue of an affidavit sworn before Notary Public Bhubaneswar, Affidavit No.: 908/25, dtd: 04.11.2025, I, **Rajeswari Kar**, W/o: Aswini Kumar Kar Permanent/Currently resident of Plot No.: 1548/499, Lane No.: 1, Infront of Tarini Temple, Kapilaprasad, Bhimatangi, VTC- Old Town, PO: Old Town, PS: Sundarpada, Bhubaneswar, Odisha, PIN: 751002, declare that I have changed my name from Rajeswari Das to Rajeswari Kar. Henceforth, I shall be known as **Rajeswari Kar** for all purposes.

**AFFIDAVIT**

I **Mamata Dash**, W/o Lalit Kumar Dash, resident of At-Plot No- 100/A, Ananta Vihar, Phase- II, Pokhariput, Bhubaneswar, Dist-Khordha, Odisha, 751020 declare that, before marriage I was known as **Mamata Rani Satapathy.** After my marriage with Lalit Kumar Dash my name changed from **Mamata Rani Satapathy** to **Mamata Dash.** That now onwards I shall be known as **Mamata Dash** for all future purposes.

### ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ବଢୁଛି ଉତ୍କଣ୍ଠା

# କାହା ମୁଣ୍ଡରେ ସୁନା କଳସୀ ଢାଳିବ ହାତୀ

**ବରଗଡ଼, ୮ା୪(ସମିସ)**

ଆସନ୍ତା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣକୁ ନେଇ ବର୍ତ୍ତମାନ ରାଜ୍ୟ ରାଜନୀତିରେ ଚର୍ଚ୍ଚା ତୀବ୍ର ହେଉଥିବା ବେଳେ ବରଗଡ଼ ଜିଲ୍ଲା ଏଥିରେ ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀଙ୍କୁ ଜିଲ୍ଲା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯିବା ପରେ ତାଙ୍କର ରାଜନୈତିକ ଭୂମିକା ଆହୁରି ମଜବୁତ ହୋଇଥିବା ଅନୁମାନ କରାଯାଉଛି। ଗତ ଦୁଇ ବର୍ଷରେ ବରଗଡ଼ ଜିଲ୍ଲାରେ ଉନ୍ନୟନ ଓ ଲୋକହିତକାରୀ କାର୍ଯ୍ୟରେ ଶ୍ରୀ ଷଡଙ୍ଗୀଙ୍କ ଭୂମିକା ପ୍ରଶଂସନୀୟ ଥିବାରୁ, ତାଙ୍କୁ ଏହି ନୂତନ ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ଏହା ସହିତ, ଜିଲ୍ଲାରେ ବିକାଶ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସାଧାରଣଲୋକଙ୍କ ମଧ୍ୟରେ ଆଶା ବଢ଼ିଛି। ଏହି ନିଯୁକ୍ତିକୁ ନେଇ ରାଜନୈତିକ






ମହଲରେ ଅନ୍ୟ ଏକ ଚର୍ଚ୍ଚା ମଧ୍ୟ ଜୋର ଧରିଛି ଶ୍ରୀ ଷଡଙ୍ଗୀ ମନ୍ତ୍ରୀପଦ ପାଇଁ ଆଶାୟୀ ଥିବା ସତ୍ତ୍ୱେ ତାଙ୍କୁ ଏହି ଦାୟିତ୍ୱ ଦେଇ ମନ୍ତ୍ରୀମଣ୍ଡଳରୁ ଦୂରେ ରଖାଯାଇଛି କି ନାହିଁ। ଅନ୍ୟପଟେ ବରଗଡ଼ ଜିଲ୍ଲାର ୫ ଜଣ ବିଧାୟକଙ୍କ ମଧ୍ୟରୁ ୪ଜଣ ବିଜେପି ଓ ଜଣେ ବିଜେଡିର ଥିବାରୁ ଏହି ଜିଲ୍ଲାକୁ ମନ୍ତ୍ରୀମଣ୍ଡଳରେ ଅଧିକ ପ୍ରତିନିଧିତ୍ୱ ମିଳିବା ନେଇ ଦାବି ଜୋର ଧରିଛି। ରାଜନୀତିକ ମହଲରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲୀ ବିଧାୟକ ଇରାଶିସ୍ ଆଚାର୍ଯ୍ୟ ଓ ଅତାବିରା ବିଧାୟକ ନିହାର ମହାନନ୍ଦଙ୍କ ମଧ୍ୟରୁ ଦୁଇ ଜଣ ବିଧାୟକଙ୍କ ନାମ ଆଶାୟୀ ମନ୍ତ୍ରୀ ରୂପେ ରାଜନୈତିକ ମହଲରେ ବହୁଦିନ ଧରି ଚର୍ଚ୍ଚାରେ ରହିଛି। ସୂତ୍ରମାନଙ୍କ କହିବା ଅନୁସାରେ, ନୂଆ ମନ୍ତ୍ରୀମଣ୍ଡଳ ଗଠନରେ କିଛି ପୁରୁଣା ମୁହଁଙ୍କୁ ବାଦ୍ ଦେଇ ନୂଆ ମୁହଁକୁ ସୁଯୋଗ ଦେବା ପାଇଁ ଆଲୋଚନା ଚାଲିଛି।ସେହିପରି, ବରଗଡ଼ ଲୋକସଭା କ୍ଷେତ୍ରରୁ ଆଉ ଜଣେ ବିଧାୟକଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବା ପ୍ରାୟ ନିଶ୍ଚିତ ବୋଲି ଆଲୋଚନା ଚାଲିଛି। ଏହି ବିଧାୟକ ଜଣକ ମୁଖ୍ୟମନ୍ତ୍ରୀ ଓ ଦିଲିପ ରାୟଙ୍କ ନିକଟତମ ସମର୍ଥକ ବୋଲି ମଧ୍ୟ କୁହାଯାଉଛି।ସମଗ୍ର ଚିତ୍ରକୁ ଦେଖିଲେ ବରଗଡ଼ ଜିଲ୍ଲା ଆସନ୍ତା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ଏକ ବଡ ରାଜନୈତିକ ଚମକ ଦେଖିପାରେ ବୋଲି ଅନୁମାନ କରାଯାଉଛି। ହାତୀ କାହା ମୁଣ୍ଡରେ କଳସୀ ଢାଳିବ ଆଉ କିଏ ପାଇବେ ବରଗଡ଼ ଜିଲ୍ଲାରୁ ମନ୍ତ୍ରୀପଦ ତାହା ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି।

### ୧୯ ଦିନ ପରେ ବୈଶାଖୀ ମେଳା

## ନେଟୱର୍କ ସମସ୍ୟାକୁ ଦୃଷ୍ଟି ଦେବାକୁ ଦାବି



**ପାଇକମାଳ, ୮ା୪(ସମିସ):** ଆଉ ୧୯ ଦିନ ପରେ ଶ୍ରୀନୃସିଂହନାଥ ପୀଠରେ ପ୍ରସିଦ୍ଧ ବୈଶାଖ ମେଳା ଅନୁଷ୍ଠିତ ହେବ। ଏପ୍ରିଲ ୨୭ରୁ ଆରମ୍ଭ ହୋଇ ମେ ୨ ତାରିଖରେ ସମ୍ପନ୍ନ ହେବ ନେଇ ବୈଠକରେ ଆଲୋଚନା ହୋଇସାରିଛି। ବୈଶାଖ ମେଳା ଦେଖି ଆସିବା ପାଇଁ ପଡୋଶୀ ଛତିଶଗଡ଼ରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ଯାଏଁ ପ୍ରବଳ ଭକ୍ତମାନଙ୍କ ସମାଗମ ହୋଇଥାନ୍ତି। ଏନେଇ ମେଳା ଯାଏଁ ମୋବାଇଲ ନେଟୱର୍କ ସମସ୍ୟା ରହିଥାଏ ଯାହା ଫଳରେ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥାଏ। ନେଟୱର୍କ ସମସ୍ୟା ହେତୁ ବେପାର ବାଣିଜ୍ୟ, ଫୋନ୍ ପେ, ଗୁଗୁଲ ପେ ଭଳି କାର୍ଯ୍ୟ ଠପ ହୋଇପଡ଼ିଥାଏ। ଏପରିକି ନିୟୋଜିତ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ନେଟୱର୍କ ଠପ୍ ହେତୁ କୌଣସି ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ସମ୍ଭବ ପର ହୋଇନଥାଏ। ସାମ୍ବାଦିକଙ୍କୁ ଖବର ପଠାଇବା ରେ ହଟ ହଟା ହେବାକୁ ପଡ଼ିଥାଏ। ଏପଟେ ଭିଡ଼ ଦେଇ ପାଇକମାଳକୁ ଆସିଲେ ୩ କିମି ନ ହେଲେ ପର୍ବତ ଶିଖରକୁ ଗଲେ ନେଟୱର୍କ ପାଇଥାଏ। ପ୍ରଶାସନ ବୈଶାଖ ମେଳା ପୂର୍ବରୁ ଦୃଷ୍ଟି ଦେବାକୁ ବରିଷ୍ଠ ସାମ୍ବାଦିକ ବଡ ଶତପଥୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### 'ସକାଳ' ପ୍ରଭାବ

## ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ଲାଗିଲା ସୁରକ୍ଷା ବାଡ଼

**ଝାରବନ୍ଧ, ୮ା ୪(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଲି କ୍ଲଷ୍ଟରର ସିଆରସିସି ଦିବସ କୁମାର ସାହୁଙ୍କ ସଚେତନ ପ୍ରୟାସରେ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଲାଗିଯାଇଛି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିଛି। ସୂଚନାଯୋଗ୍ୟ ଯେ, ବୈତାଲି କ୍ଲଷ୍ଟର ଅଧୀନସ୍ଥ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ବିପଦଜନକ ଅବସ୍ଥାରେ ରହିଥିଲା।ଏହା ଛାତ୍ରଛାତ୍ରୀଙ୍କ ପାଇଁ ଯେକୌଣସି ସମୟରେ ଦୁର୍ଘଟଣାର ସମ୍ଭାବନା ରହୁଥିଲା। ଉକ୍ତ ବିଷୟରେ ଗତ ୨୪ ଫେବୃଆରୀରେ 'ସକାଳ' ଖବର ପ୍ରକାଶିତ ହୋଇଥିଲା।



ଉକ୍ତ ଖବରକୁ ନେଇ ଏକ୍ସ ମାଧମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ସିଆରସିସି ଶ୍ରୀ ସାହୁ। ସେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷାବାଡ଼ ନିର୍ମାଣ ପାଇଁ ଅନୁରୋଧ ଜଣାଇଥିଲେ। ତାଙ୍କ ପ୍ରୟାସ ପରେ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରି ବର୍ତ୍ତମାନ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ସ୍ଥାପନ କରିଛି। ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ସେଠ ସହ ଅଭିଭାବକମାନେ 'ସକାଳ' ଏବଂ ସିଆରସିସି ଦିବସ କୁମାର ସାହୁଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି।

### ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ପ୍ରୟାସ

## ତେଲଙ୍ଗାନାରେ ଫସିଥିବା ଓଡ଼ିଆ ଶ୍ରମିକ ଉଦ୍ଧାର

**ଝାରବନ୍ଧ, ୮ା ୪(ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଟେମରି ଗ୍ରାମର ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ସମୟୋପଯୋଗୀ ପ୍ରୟାସକ୍ରମେ ସୁଦୂର ତେଲେଙ୍ଗାନା ରାଜ୍ୟର କାମାରେଡ଼ୀ



ଜିଲ୍ଲାରେ ନିର୍ଯାତନାର ଶିକାର ହେଉଥିବା ପ୍ରବାସୀ ଶ୍ରମିକମାନେ ସକୁଶଳେ ଉଦ୍ଧାର ହୋଇ ଟ୍ରେନ୍ ଯୋଗେ ଘରକୁ ଫେରୁଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ପାଇକମାଲ ଅଞ୍ଚଳର ଦାଦନ ଶ୍ରମିକ ନାରାୟଣ ଚାନ୍ଦ, ଗଙ୍ଗାଧର ଚାନ୍ଦ ଏବଂ ପୁଷ୍ପା ଚାନ୍ଦ ତେଲେଙ୍ଗାନା ରାଜ୍ୟର କାମାରେଡ଼ୀ ଜିଲ୍ଲା ଅନ୍ତର୍ଗତ ଡୋମାକୋଣ୍ଡା ଗ୍ରାମର ଏକ ଇଟାଭାଟିରେ କାମ କରିବା ପାଇଁ ଯାଇଥିଲେ। କିନ୍ତୁ କିଛି ଦିନ କାମ କରିବା ପରେ ଇଟାଭାଟି ମାଲିକଙ୍କ ପକ୍ଷରୁ ସେମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରି ଭିଡିଓ ମାଧ୍ୟମରେ ସ୍ୱେଚ୍ଛାସେବୀ ଦୀପା ବାରିକଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ। ଶ୍ରମିକମାନଙ୍କ ଅବସ୍ଥା ସମ୍ପର୍କରେ ଜାଣିବା ପରେ ଦୀପା ବାରିକ ତୁରନ୍ତ ପଦକ୍ଷେପ ନେଇ ବୁଧବାର ସକାଳେ ତେଲେଙ୍ଗାନା ପୋଲିସ ଓ ତେଲେଙ୍ଗାନା ସରକାରଙ୍କୁ ଏନେଇ ଅବଗତ କରାଇ ସହାୟତା ପାଇଁ ଅନୁରୋଧ କରିଥିଲେ।ଦୀପାଙ୍କ ଅନୁରୋଧ ପରେ ତେଲେଙ୍ଗାନା ପୋଲିସ ଅତ୍ୟନ୍ତ ତତ୍ପରତା ଦେଖାଇ କେବଳ ଦୁଇ ଘଣ୍ଟା ମଧ୍ୟରେ ଉକ୍ତ ଇଟାଭାଟିରେ ପହଞ୍ଚି ପ୍ରବାସୀ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ଉଦ୍ଧାର ହୋଇଥିବା ଶ୍ରମିକମାନେ ଟ୍ରେନ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ସେମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଦୀପା ବାରିକଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

## ପୁରସ୍କାର ବିତରଣ ଉତ୍ସବ

**ବରଗଡ଼ ୮ା୪(ସମିସ):** ସଦର ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଇଓ ଜ୍ୟୋତି କାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୀମାନ୍ତ ବିଶି, ପୂର୍ବତନ ସ୍କୁଲ କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ରହି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟିକେଶ୍ୱରୀ ହୋତା, ମନବୋଧଲୁହୁରା, ଅଂଗ୍ରୋଜ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ




**ପାଇକମାଳ, ୮ା୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ, ପ୍ରଦୀପ୍ତ ସାହୁ, ପ୍ରଦୀପ ଦେୱାନ ସ୍ୱଚ୍ଛ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦେବରାଜ ସାହୁ, ଅଙ୍କିତ କୁମାର ଦାସ, ଅଭିନାଶ ମହାପାତ୍ର, ଅଧ୍ୟାପିକା ମୀନା କୁମାରୀ ସାହୁ, ପୁଷ୍ପ ମଞ୍ଜରୀ ପ୍ରଧାନ, ଝରଣା ପ୍ରଧାନ, ଅଞ୍ଜଳି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସଏସ୍ ଓ ଯୁବ ରେଡ୍‌କ୍ରସ ୟୁନିଟ୍ ଛାତ୍ରଛାତ୍ରୀ ସମେତ ମହାବିଦ୍ୟାଳୟର କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ବାରିକଙ୍କ ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟରେ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବିନୋଦ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଦ୍ମପୁର, ୮ା୪(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ରାସମୁଣ୍ଡା ଗ୍ରାମର ବରିଷ୍ଠ କଂଗ୍ରେସ ନେତା ବିନୋଦ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଟାଇଲ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ନେହେରୁ ତ୍ରିପାଠୀ, ସନାତନ ଭୋଇ, ଗୌନ୍ତିଆ କୁମାର ସାହୁ, ବିଷ୍ଣୁ ପ୍ରସାଦ ବାଜପେୟୀ, ପିତାମ୍ବର ସାହୁ, ମହେନ୍ଦ୍ର କୁମାର ସାହୁ ଓ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିନୋଦ ବିଶ୍ୱାଳଙ୍କ ଜୀବନ ଓ କାର୍ଯ୍ୟକଳାପ ଉପରେ ନିଜ ନିଜର ମତାମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମକୁ ଲଳିତ କୁମାର ପଟେଲ ଓ ସଚିତା ନାଗ ସୁଚାରୁ ଭାବେ ପରିଚାଳନା କରିବା ସହ ସହଯୋଗ କରିଥିଲେ। ଶେଷରେ ଅରକ୍ଷିତ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଜିଏମୟୁରେ ଓଡ଼ିଆ ପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର

**ସମ୍ବଲପୁର, ୮ା୪ (ସମିସ):** ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସରୁ ଆରମ୍ଭ କରି ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ମହାଆଡ଼ମ୍ବରରେ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ' ପାଳନ କରାଯାଉଛି। ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର



ଜାତୀୟ ସେବା ଯୋଜନା ଏବଂ ୟୁଥ୍ ରେଡ୍‌କ୍ରସ ଏବଂ ମାରୱାଡି ଯୁବା ମଞ୍ଚ ନବଚେତନା ଶାଖା ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏବଂ ମାରୱାଡ଼ି ଯୁବା ମଞ୍ଚ ନବଚେତନାର ଅଧ୍ୟକ୍ଷ ଦୀନେଶ ଅଗ୍ରୱାଲ, ରାଜ୍ୟ ସଚିବ ଚେତନ ଟ୍ୱିବ୍ରିୱାଲ, ରକ୍ତଦାନ ସଂଯୋଜକ ଆଶିଷ ତୁଲସିଆନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ତଥା ଇତିହାସ ବିଭାଗ ମୁଖ୍ୟ ଡକ୍ଟର ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଏବଂ ଉପକାରିତା ବିଷୟରେ କହିଥିଲେ। ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମର ସଂଯୋଜକ ଡ. ରଞ୍ଜନ କୁମାର ସେଠୀ ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ୟୁଥ୍ ରେଡ୍‌କ୍ରସ ସଂଯୋଜକ ଡ. କଲ୍ୟାଣୀ ରଥ, ଡ. ଦେବାଶିଷ ବେହେରା ଏବଂ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ମୀନକେତନ ବାଗ, ସଂଯୁକ୍ତା ଭୂୟାଁ, ପୁଷ୍ପା ହେମ୍ବ୍ରମ ଏବଂ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

## ପରିବେଶୀୟ ଶିକ୍ଷା କାର୍ଯ୍ୟକ୍ରମରେ ପୁଷ୍କରିଣୀ ସଫେଇ ଅଭିଯାନ

**ଅମ୍ବାଭୋନା, ୮ା ୪(ସମିସ):** ପୃଥିବୀରେ ଜୀବଜଗତର ଅବସ୍ଥାନ ସର୍ବଦା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ ଜଳ ସଂରକ୍ଷଣ ତଥା ଜଳର ଗୁଣବତ୍ତାକୁ ଉନ୍ନତ କରିବା ଦିଗରେ ବାଲ୍ୟାବସ୍ଥାରୁ ଶିକ୍ଷାର୍ଥୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ପରିବେଶୀୟ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ଓ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲର ଇକୋ କ୍ଲବ୍ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ନିକଟସ୍ଥ ପୁଷ୍କରିଣୀକୁ ନିର୍ମଳ ରଖିବା ଲାଗି ବିଭିନ୍ନ ଶୈବାଳ ଓ ଚିଙ୍ଗୁଡ଼ିଆ ଦଳ ଇତ୍ୟାଦିକୁ କାଢ଼ି ସଫେଇ କରାଯାଇଥିଲା। ଆର୍ଦ୍ରଭୂମି ମିତ୍ର ଭାବରେ ଆର୍ଦ୍ରଭୂମି ସଂରକ୍ଷଣ କରିବାପାଇଁ ଶିକ୍ଷାର୍ଥୀମାନଙ୍କୁ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ପୋଖରୀ ହୁଡ଼ାରେ ଚାରାରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମେହେର, ସମ୍ମାନିତ ଅତିଥି ଭାବରେ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ ଅମ୍ବାଭୋନାର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥ ଓ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ କୁମାର ମେହେର ଯୋଗ ଦେଇ ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ସେମିନାରରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଜଳ ସଂରକ୍ଷଣ ଓ ଏହାର ସୁବିନିଯୋଗ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ। 'ଜଳ ସଂରକ୍ଷଣ' ପ୍ରସଙ୍ଗ ଉପରେ ଆୟୋଜିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଅନୀଲ ସିଦାରଙ୍କ ସମେତ ବିଦ୍ୟାଳୟର ଇକୋ କ୍ଲବ୍, ଶକ୍ତି କ୍ଲବ ଓ ବିଜ୍ଞାନ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




### ନାକଟିଦେଉଳ ପଞ୍ଚାୟତ ସମିତି

## ପାନୀୟ ଜଳ ଓ ଶୌଚାଳୟ ସମସ୍ୟା

**ନାକଟିଦେଉଳ, ୮ା୪(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପଞ୍ଚାୟତ ସମିତିରେ ସାଧାରଣଲୋକଙ୍କ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଯୋଜନା ହେଉଛି। ହେଲେ କିଛିଦିନ ସବୁ ଠିକ୍ ଚାଲିଛି ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣା ଅଭାବ ହେଉ କି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ହେଉ, ଅଧିକାଂଶ ପ୍ରକଳ୍ପ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଏଭଳି ଅବସ୍ଥା ଉପୁଜିଛି। ସ୍ୱଚ୍ଛ ଭାରତ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପରିସରରେ ହୋଇଥିବା ଶୌଚାଳୟର ଅବସ୍ଥା ଅତି ଦୟନୀୟ ଅବସ୍ଥାରେ ରହିଛି। ନା ଆସୁଛି ପାଣି ନା ଅଛି ସଫା। ଏହି ଶୌଚାଳୟ ଏବେ ସାପ, ବିଭିନ୍ନ ପ୍ରକାର ସରୀସୃପଙ୍କ ଚରାଭୂଇଁ ପାଲଟିଛି। ଏହି ପଞ୍ଚାୟତ ସମିତି ପରିସର ମଧ୍ୟରେ ଏକ ଡାକଘର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା କାର୍ଯ୍ୟାଳୟ ଥିବାରୁ ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ସମସ୍ତ ବିଭାଗର କର୍ମଚାରୀ ଆସୁଛନ୍ତି।ବିଶେଷ କରି ବ୍ୟାଙ୍କ କାର୍ଯ୍ୟ, ମିଶନଶକ୍ତି ଯୋଜନାରେ ଆସୁଥିବା ଶହ ଶହ ମହିଳା ଶୌଚାଳୟ ଓ ପରିସ୍ରାଗାର ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ପରିସର ମଧ୍ୟରେ ପିଇବା ପାଇଁ ପାନୀୟ ଜଳର ସୁବିଧା ନଥିବାରୁ ଲୋକେ ନାନା ପ୍ରକାର ହନ୍ତସନ୍ତ ହେଉଛନ୍ତି। ଏହି ସ୍ଥାନଗୁଡ଼ିକର ସ୍ୱଚ୍ଛତା ଦୂର କଥା ରକ୍ଷଣାବେକ୍ଷଣା ବର୍ଷକୁ ଥରେ ମଧ କରାଯାଉନାହିଁ। ରକ୍ଷଣାବେକ୍ଷଣ ନାମରେ କେବଳ ଅର୍ଥ ହରିଲୁଟ ହେଉଥିବା ଜଣାପଡୁଛି।ସମ୍ବଲପୁର ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



**ସ୍ୱଚ୍ଛ ଭାରତ ମିଶନ ବାଟବଣା**

### ପରିଶ୍ରମ ହିଁ ସଫଳତାର ଚାବିକାଠି

## ଶାନ୍ତି ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭଟଲି, ୮ା୪(ସମିସ):** କଠିନ ଅଧ୍ୟବସାୟ ତଥା ପରିଶ୍ରମ ହିଁ ସଫଳତାର ପ୍ରକୃତ ଚାବିକାଠି। ତାହାହିଁ ଶିଶୁ ସୁଲଭ ଗୁଣର ମହତ୍ତ୍ୱ ଅଟେ। ଶୈଶବାସ୍ଥାରେ ଆମକୁ ଅନେକ କାର୍ଯ୍ୟ କରିବାର ଅଛି, ଯାହା ଦ୍ୱାରା ହିଁ ଆମର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ସ୍ଥାନୀୟ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅବସରରେ ମତପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ସହିତ ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟ ପ୍ରତି ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀ ଏବଂ ପୂର୍ବତନ ଭଟଲି ସରପଞ୍ଚ ପ୍ରହ୍ଲାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିଶୁ ବାଟିକା ବିଭାଗରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ସମସ୍ତ ଶ୍ରେଣୀୱାରୀ ଶ୍ରେଷ୍ଠ ଛାତ୍ରୀମନଙ୍କୁ ସ୍ମୃତିଫଳକ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୋବିନ୍ଦ ବାରିକ, ଶିକ୍ଷୟିତ୍ରୀ ଇନ୍ଦିରା ଖମାରୀ, ପାର୍ବତୀ ପଧାନ, ଜ୍ୟୋସ୍ନାମୟୀ ପ୍ରଧାନ, ସୌଦାମିନୀ ପଧାନ, ରୀତାରାଣୀ ବେହେରା, ସୁଚିତ୍ରା ମିର୍ଦ୍ଧା ଏବଂ ଶିଶୁ ସେବିକା ରମିଳା ଭୁଏ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଉପେନ୍ଦ୍ର ଖମାରୀ ଓ ସେଚ୍ଛାସେବୀ ବିଶ୍ୱଜିତ୍ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଘନାମାଲରୁ ମଦମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

# ମଦ ବିକିଲେ ୨୦ ହଜାର ଟଙ୍କା ଜରିମାନା

**ବରଗଡ଼, ୮ା୪(ସମିସ)**

ବରଗଡ଼ ଜିଲ୍ଲାରେ ଦିନକୁ ଦିନ ନିଶା କରବାର ବଢ଼ି ଚାଲିଛି। ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ନିତିଦିନିଆ ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି, ଭଳି ଘଟଣା ସାମନାକୁ ଆସୁଛି। ପ୍ରାୟ ଯୁବପିଢ଼ି ନିଶା କରବାରରେ ଲିପ୍ତ ରହିଥିବା ନଜିର ଆସୁଛି। ଗତ ମାସରେ ହାଟପଦାରେ ଚକୁ ମାଡ଼ରେ ଜଣଙ୍କ ମୃତ୍ୟୁ ହୋଇଥିଲା। ନିଶା ପାଇଁ ବାରମ୍ବାର ଅନେକ ଘଟଣା ସବୁ ଘଟୁଛି। ଫଳରେ ଯୁବପିଢ଼ି ପଥ ଭ୍ରଷ୍ଟ ହୋଇ ଅପରାଧ ଦୁନିଆକୁ ଚାଲିଯାଉଛନ୍ତି। ନିଶା କାରବାର ପ୍ରତି ରୋକ ଲଗାଇବା ପାଇଁ ବରଗଡ଼ ଜିଲ୍ଲାର ଘନାମାଲ ଗାଁର ଗାଁ କମିଟି ସଦସ୍ୟମାନେ ନିଶା କରବାରକୁ ବିରୋଧ କରି ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପରିବାର ମୁଖ୍ୟଙ୍କ ଦସ୍ତଖତ ଥିବା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ପ୍ରଦାନ କରିଛନ୍ତି। ଘନାମାଲ ଗାଁରେ ନିଶା କରବାରକୁ ନେଇ ପୂରା ଗ୍ରାମବାସୀଙ୍କ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ବିଭିନ୍ନ ସମୟରେ ନିଶାକୁ ବନ୍ଦ କରିବା ପାଇଁ ପୁଲିସକୁ ଅଭିଯୋଗ କରଥିଲେ ହେଁ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗାଁ କମିଟି ନିଷ୍ପତ୍ତିନେଇଛନ୍ତି ଯେ ଗାଁରେ ଯିଏ ମଦ ବିକ୍ରି କରିବ ତାକୁ ୨୦ ହଜାର ଟଙ୍କା ଫାଇନ ଓ ଗାଁରୁ ବାସନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିତେନ୍ଦ୍ରିୟ ପ୍ରଧାନ, ସନ୍ତୋଷ ଗଡ଼ତିଆ, କୌଶିକ ଗଡ଼ତିଆ, ଚୂଡ଼ାମଣି ବାରିକ, କେଶବ ବାରିକ ପ୍ରମୁଖ ଗାଁ କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।



# କାଳବୈଶାଖୀ କ୍ଷୟକ୍ଷତିର କ୍ଷତିପୂରଣ ଦିଆଯାଉ



**ବରଗଡ଼, ୮। ୪(ସମିସ):** ଗତ ସୋମବାର ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଲା। ଜିଲ୍ଲାର ଅତାବିରା, ଭଟଲି, ବରଗଡ଼, ବରପାଲି ଓ ଅନ୍ୟ ବ୍ଲକ ଅଞ୍ଚଳରେ ପ୍ରବଳ କୁଆପଥରମାଡ଼, ଝଡ଼ ତୋଫାନ ସହ ବର୍ଷା ହୋଇ ବହୁ ପରିମାଣରେ ଫସଲ ନଷ୍ଟ ହୋଇଛି। ଯେଉଁଥିରେ ରବି ଧାନ, ପନିପରିବା, ଲୋକଙ୍କ ଝାଟି ମାଟି ଘର ଓ ଗୃହ ପାଳିତ ଜୀବଜନ୍ତୁଙ୍କ ଜୀବନହାନୀ ଯାଇଥିବା ଜଣାପଡ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ର ତଦନ୍ତ କରି କ୍ଷୟକ୍ଷତିର ସଠିକ ଆକଳନକରି ଲୋକଙ୍କୁ କ୍ଷତିପୂରଣ ଦେବାକୁ ଆମ୍ ଆଦମୀ ପାର୍ଟି ଦାବି କରିଛି। ସେହିପରି ପଞ୍ଜାବରେ ଆମ୍ ଆଦମୀ ପାର୍ଟି ସରକାର ଚାଷୀଙ୍କୁ ଫସଲ କ୍ଷତି ପୂରଣ ବାବଦରେ ଏକର ପିଛା ୨୦ ହଜାର ଟଙ୍କା ଦେଉଥିବାରୁ ଓଡ଼ିଶାରେ ମଧ୍ୟ ତାହା ଲାଗୁ କରାଯାଉ ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଓ ଜିଲ୍ଲା ସଭାପତି ଯଦୁ ମଣି ପ୍ରଧାନ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱରୂପ ଭୋଇ, ଜୟ କ୍ରିଷ୍ଣା ଛୁରିଆ, ପ୍ରଦୀପ ବିଶ୍ୱାଳ, ମିଲୁ ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## କାଳବୈଶାଖୀରେ ଉଜୁଡିଗଲା ଫସଲ

# ୧୨ ବ୍ଲକ୍‌ର ୨୮୦୦ ହେକ୍ଟର ଚାଷଜମି ପ୍ରଭାବିତ

**ବରଗଡ଼, ୮।୪(ସମିସ)**

ବରଗଡ଼ ଜିଲ୍ଲାରେ ଗତ ସୋମବାର ଅପରାହ୍ନରେ ହଠାତ୍ କାଳବୈଶାଖୀ ତାଣ୍ଡବ ରଚିଥିଲା।ଜୋର ବର୍ଷା ପବନ ସହ ବିଜୁଳି ଓ କୁଆପଥର ମାଡ଼ରେ ଚାଷୀମାନଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଛି। ମୁହୂର୍ତ୍ତରେ ସବୁଜକ୍ଷେତ୍ର ଉଜୁଡ଼ି ଯାଇଥିବା ବେଳେ ଚାଷୀମାନଙ୍କ ମାସମାସର ପରିଶ୍ରମ ନଷ୍ଟ ହୋଇଯାଇଛି। ଅମଳ ଫସଲ ହରାଇ ହଜାର ହଜାର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସେପଟେ ଅଧିକରୁ ଅଧିକ ମୁଗ ସବୁ ଗଜା ହୋଇଯାଇଛି। ବରଗଡ଼ ଜିଲ୍ଲା ୧୨ଟି ବ୍ଲକର ବିଭିନ୍ନ ଗ୍ରାମର ଚାଷୀ ଧାନ ଚାଷ ପରେ ଖରାଦିନିଆ ପନିପରିବା, ମୁଗ, ବିରି, ତରଭୁଜ ଚାଷ କରିଥିଲେ। ଚଳିତ ଥର ରୋଗପୋକରୁ ନେଇ ବିଭିନ୍ନ ସମସ୍ୟାରୁ ରକ୍ଷା କରି ଚାଷ କରିଥିଲେ ଭଲ ଫସଲ ମଧ୍ୟ ହୋଇଥିଲା। ହେଲେ ଅଦିନିଆ କୁଆପଥର ବର୍ଷା ଯୋଗୁଁ ଅମଳ କରିବା ସମୟରେ ନଷ୍ଟ ହୋଇଯାଇଛି ହଜାର ହଜାର ଏକର ଫସଲ। ଅଦିନିଆ ବର୍ଷା ଆସିଲା ସବୁ ଉଜାଡି ଦେଇଗଲା। କାଳ ବୈଶାଖୀ ବର୍ଷାରେ ମୁଗ ସବୁ ଓଦା ହୋଇ ନଷ୍ଟ ହୋଇଗଲା। ବିଭିନ୍ନ ପନିପରିବା ଓ ତରଭୁଜ ବଡ଼ ବଡ଼ କୁଆପଥର ମାଡ଼ରେ ମାଟିରେ ମିଶି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଆଉ କିଛି ମୁଗ, ବିରି ଗଜା ହୋଇଯାଇଛି। ଧାର କରଜ କରି ଅର୍ଥ ଖର୍ଚ୍ଚ କରି ଚାଷୀ ଚାଷ କରିଥିବା ବେଳେ ଏବେ କ୍ଷତିର ଭରଣା କିଭଳି କରିବ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

**କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେଲେ ଜିଲ୍ଲାପାଳ**

ଅନେକ ସମୟରେ ମରୁଡ଼ି ଯୋଗୁଁ ମଧ୍ୟ ଚାଷୀ ଚିନ୍ତାରେ ପଡ଼ିଥାଏ। ହେଲେ ଏବେ ପୁଣି କାଳବୈଶାଖୀ ସାଙ୍ଗକୁ କୁଆପଥର ବର୍ଷା ଦାଉ ସାଧିଛି। ସରକାରୀ ରିପୋର୍ଟ ଅନୁଯାୟୀ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକର ପ୍ରାୟ ୨୮୦୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ଛପର ଓ ଆଜବେଷ୍ଟ ଘର ଭାଙ୍ଗିରୁଚି ନଷ୍ଟ ହେବା ସାଙ୍ଗକୁ ଅନେକ ଲୋକ ଆହତ ମଧ୍ୟ ହୋଇଛନ୍ତି ବିଶେଷ କରି ମହୁଲଫୁଲ, ଚାର ସଂଗ୍ରହ କରି ଲୋକେ ହଜାର ହଜାର ଟଙ୍କା ରୋଜଗାର କରିଥାନ୍ତି ତାହା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଚାଷରେ କ୍ଷତି ହୋଇଥିବା ଚାଷୀ କିଭଳି ପରିବାର ଚଳାଇବ ଓ ଚାଷୀ କିଭଳି ଋଣ ସୁଝିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ବୁଧବାର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସାମ୍ବାଦିକ ହିମାଂଶୁ ନନ୍ଦ, ସାମ୍ବାଦିକ ସରୋଜ କୁମାର ଷଡଙ୍ଗୀଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର କୃଷିବିଭାଗ, ଉଦ୍ୟାନ ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ନିରୀକ୍ଷଣ କରି କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କଲା ପରେ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଓଭାରିଆନ୍ ଟ୍ୟୁମର୍‌ର ସଫଳ ଅସ୍ତ୍ରୋପଚାର

**ବରଗଡ଼, ୮।୪(ସମିସ):** ଭାଲୁପାଲି କ୍ରୀଷ୍ଣା ବିକାଶ ସୁପରସ୍ପେସିଆଲିଟି ହସ୍ପିଟାଲ୍‌ସର ଚିକିତ୍ସକଦଳ ଜଣେ ମହିଳାଙ୍କ ଜୀବନକୁ ସଫଳତାର ସହ ରକ୍ଷା କରିଛନ୍ତି। ହସ୍ପିଟାଲ୍‌ର ତଥ୍ୟ ଅନୁଯାୟୀ ରୋଗୀଙ୍କ ଓଭାରିଆନ୍ ଟ୍ୟୁମର୍ ବୃଦ୍ଧି ହେଇ ଅତ୍ୟଧିକ ଅକାର ଧାରଣ କରିଥିଲା। ଯାହା ଦ୍ୱାରା ରୋଗୀଜଣକ ଅନେକ ଶାରିରୀକ କଷ୍ଟ ଅନୁଭବ କରିବା ସହ ମାନସିକ ଭାବେ ଚିନ୍ତାଗ୍ରସ୍ତ ଥିଲେ। ଗତ ଏପ୍ରିଲ୍ ଦୁଇ ତାରିଖରେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପିଏଲ୍ ଜେନାଙ୍କ ନେତୃତ୍ୱରେ ଲାପାରୋସ୍କୋପି



ସ୍କାପିକ୍ ସର୍ଜନ ଡାକ୍ତର ବିସ୍ମୟ ଷଡ଼ଙ୍ଗୀ, ଆନାସ୍ଥେସିଓଲୋଜିଷ୍ଟ ଡାକ୍ତର ପ୍ରିୟବ୍ରତ ମହାନ୍ତି ଓ ଅପରେସନ୍ ଥିଏଟର୍ ଟିମ୍‌ଙ୍କ ସହାୟତାରେ ଅନେକ ଜଟିଳତା ଟ୍ୟୁମର୍‌ର ସଫଳ ଭାବେ ଅସ୍ତ୍ରୋପଚାର କରିଥିଲେ। ସମଗ୍ର ପ୍ରକ୍ରିୟାରେ ରୋଗୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଚିକିତ୍ସକଙ୍କ କହିବା ଅନୁଯାୟୀ ଟ୍ୟୁମର୍ ଓଜନ ୧୪ କିଲୋଗ୍ରାମ୍ ଥିଲା ଓ ଅପରେସନ୍ ପରେ ରୋଗୀ ଦ୍ରୁତ ଭାବେ ସୁସ୍ଥ ହେବାକୁ ଲାଗିଥିଲେ। ମାତ୍ର ତିନି ଦିନ ମଧ୍ୟରେ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିଲା। ଡାକ୍ତରୀ ଦଳର ନିଷ୍ଠା, ସମନ୍ୱୟ ଓ ସଠିକ୍ ସମୟରେ ହେଇଥିବା ଅସ୍ତ୍ରୋପଚାରର ଏ ବିକାଶ ହସ୍ପିଟାଲ୍‌ସ ଚିକିତ୍ସା କିତ୍ସାସେବା ପ୍ରଦାନର ପ୍ରତିବଦ୍ଧତାକୁ ପୁନଃ ସଫଳତା କ୍ରୀଷ୍ଣା ସ୍ଥାପିତ କରିଛି।

# ଲରମ୍ଭା କଲେଜର ଏନ୍‌ସିସି ନୌସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା




**ବରଗଡ଼, ୮।୪(ସମିସ):** ଅତାବିରା ବ୍ଲକସ୍ଥିତ ଲରମ୍ଭା କଲେଜର ଏନସିସି ନୌ ସେନା ଅଧିକାରୀ ସରୋଜ କୁମାର ନାୟକଙ୍କ ନବେ ଦିନର ତାଲିମ୍ ସମାପନରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନାୟକ ମହାରାଷ୍ଟ୍ର ନାଗପୁର କାମଟି ଓଟିଏରେ ଜାନୁୟାରୀ ୫ ତାରିଖରୁ ଏପ୍ରିଲ ୪ ତାରିଖ ୨୦୨୬ ପର୍ଯ୍ୟନ୍ତ ତାଲିମ୍ ନେଇଥିଲେ। ଏଥିରେ ଭାରତର ବିଭିନ୍ନ ଅନୁଷ୍ଠାନରୁ ୫୭୪ ଜଣଙ୍କୁ ତାଲିମ୍ ଦିଆ ଯାଇଥିଲା। ସେଥିମଧ୍ୟରୁ ଲରମ୍ଭା କଲେଜ ମନୋନୀତ ହୋଇ ସବ ଲେପଟେଣ୍ଟ ପଦବୀକୁ ଉନ୍ନୀତ ହୋଇଥିବାରୁ ଅଞ୍ଚଳ ତଥା ଛାତ୍ରଛାତ୍ରୀ ମହଲରେ ଖୁସିର ବାତାବରଣ ଦେଖାଦେଇଛି। ଉତ୍ସବରେ ଲରମ୍ଭା ହାଇସ୍କୁଲର ଶିକ୍ଷକ ବିନୟ କୁମାର ନାଏକ, ବଡବାବୁ ପ୍ରମୋଦ ଚନ୍ଦ୍ର ସେଠ, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ସମତେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ପଦ୍ମପୁର, ୮।୪(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଚାଲିଥିବା 'ଓଡ଼ିଆ ପକ୍ଷ' ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍, ରେଡ୍ ରିବନ୍ କ୍ଲବ୍ ଏବଂ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଉଦ୍‌ଘାଟନ କରିଥିଲେ। ମୁମୂର୍ଷୁ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ହିଁ ଶ୍ରେଷ୍ଠ ଦାନ ବୋଲି ଅଭିହିତ କରି ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପଦ୍ମପୁର ଓଡ଼ିଶା ରକ୍ତ କେନ୍ଦ୍ରର ବୈଷୟିକ ଅଧିକାରୀ ନୀତେଶ ପ୍ରଧାନ ଏବଂ ପରୀକ୍ଷାଗାର ପ୍ରଶିକ୍ଷାର୍ଥୀ ହିତେଶ କୁମାର ସାହୁଙ୍କ ଦ୍ୱାରା ସମୁଦାୟ ୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ପରିଚାଳନା କରିବାରେ ଅଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ, ବିଶ୍ୱରାଜ ପାତ୍ର, ଦୟାନିଧି ବଗର୍ତ୍ତୀ, ବାଳଗୋପାଳ ମେହେର, ନିର୍ମଳ କୁମ୍ଭାର, ଅନନ୍ତ ମଲ୍ଲିକ, ତନ୍ମୟ ଶିକା ଏବଂ ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେହିପରି ଅଧ୍ୟାପିକା ବୁନି ସାହୁ, ମୋନାଲିସା ସ୍ୱାଇଁ, ମମତାମୟୀ ଗୁରୁ ଏବଂ କାର୍ଯ୍ୟାଳୟ ସହାୟକ ଲକ୍ଷ୍ମଣ ପାଣ୍ଡେଙ୍କ ମିଳିତ ପ୍ରୟାସରେ କାର୍ଯ୍ୟକ୍ରମ ଏକ ଆଧ୍ୟାକିକ ଓ ସାମାଜିକ ସେବାର ରୂପ ନେଇଥିଲା।

# ଟ୍ରେଲର ଧକ୍କାରେ ବାଇକ୍ ଚାଳକ ମୃତ

**ଅତାବିରା, ୮।୪ (ସମିସ):** ଜାତୀୟ ରାଜପଥ(୫୩)ର ଅତାବିରା ପୁରୁଣା ସିନେମା ହଲ ନିକଟରେ ମଙ୍ଗଳବାର ରାତିରେ ଟ୍ରେଲର ଏନଏଲ୦୧ଏସି୨୯୫୮ ଧକ୍କାରେ ଜଣେ ବାଇକ୍ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇ ଛିଟିକି ପଡ଼ିଥିଲା। ଖବର ପାଇ ଅତାବିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ବ୍ୟକ୍ତିକୁ ଚିକିତ୍ସା ପାଇଁ ବୁର୍ଲା ପଠାଇ ଥିଲେ।ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ହୋଇଛି।ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଜଣକ କୁଳମଣି ସୁନା(୩୮)ଗୋଡଭଗା ବେଲମୁଣ୍ଡାର ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି ଓ ତଦନ୍ତ ଜାରି ରହିଥିବା ସୂଚନା ରହିଛି।

# ଅଦିନିଆ ବର୍ଷାରେ ମହୁଲ ଫୁଲ ନଷ୍ଟ

**ପଦ୍ମପୁର, ୮।୪(ସମିସ):** ଅଦିନିଆ ବର୍ଷା ଯୋଗୁଁ ଝାଞ୍ଜ ପାହାଡ଼ ପାଦଦେଶ ନିକଟବର୍ତ୍ତୀ ଅଞ୍ଚଳରେ ମହୁଲ ଚାଷୀ ଓ ସଂଗ୍ରହକାରୀମାନେ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସମୟରେ ମହୁଲ ଫୁଲ ସଂଗ୍ରହ ପାଇଁ ଏହା ମୁଖ୍ୟ ସମୟ ହୋଇଥିବାବେଳେ, ଅଦିନିଆ ବର୍ଷା ସବୁ ନଷ୍ଟ କରିଦେଇଛି। ମହୁଲ ଫୁଲର ଗୁଣବତ୍ତା ନଷ୍ଟ ବର୍ଷା ପାଣି ପଡ଼ିବା ଦ୍ୱାରା ମହୁଲ ଫୁଲ ଗୁଡ଼ିକ ଧୀରେ ଧୀରେ କଳା ପଡ଼ିଯାଏ, ଯାହାଫଳରେ ବ୍ୟବସାୟୀ ମୁହଁ ଫେରାଇ ନେଉଛନ୍ତି। ଅନେକ ଆଦିବାସୀ ଓ ଗରିବ ପରିବାର ମହୁଲ ସଂଗ୍ରହ କରି ନିଜର ବର୍ଷକର ଗୁଜରାଣ ମେଣ୍ଟାଇଥାନ୍ତି। ବର୍ଷା ଯୋଗୁଁ ସେମାନଙ୍କର ଏହି ରୋଜଗାରର ପନ୍ଥା ବନ୍ଦ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

# ପ୍ରଧାନଶିକ୍ଷକ ସମୂହ ଆଭିମୁଖୀକରଣ କାର୍ଯ୍ୟକ୍ରମ



**ଭଟଲି, ୮।୪(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବ୍ଲକକୁ ଜିଲ୍ଲା ତଥା ରାଜ୍ୟରେ ଶ୍ରେଷ୍ଠ କରିବା ପାଇଁ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମୂହ ଅଭିମୁଖୀକରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ମାଧ୍ୟମିକ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀ ଉପସ୍ଥିତ ରହି ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକ ପ୍ଲାନିଙ୍ଗ ସଂଯୋଜକ ପ୍ରକାଶ ଚନ୍ଦ୍ର ସାହୁ ୟୁଡାଇସ୍ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଡ. ମନୋଜ କୁମାର ସାହୁ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଥିଲେ।ଏହାସହିତ ବିଦ୍ୟାଳୟ ସମୟ, ଛାତ୍ର ଉପସ୍ଥାପନ, ବାର୍ଷିକ ଯୋଜନା ପ୍ରସ୍ତୁତ, ଗ୍ରୀଷ୍ମ ଅବକାଶ ସମୟରେ ପିଲାଙ୍କ ପ୍ରତି ତୀକ୍ଷ୍ଣ ଧ୍ୟାନ ପ୍ରଦାନ, ବିଦ୍ୟାଳୟରେ ସ୍ମାର୍ଟଟିଭିର ସ୍ମାର୍ଟ ବ୍ୟବହାର, ବିଦ୍ୟାଳୟରେ ଜମା ହୋଇରହିଥିବା ଗ୍ରାଣ୍ଟ ଗୁଡିକର ସଠିକ ବ୍ୟବହାର ତଥା ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ, ପିଲାଙ୍କ ସୁରକ୍ଷା ପ୍ରତି ଧ୍ୟାନ, ପରିଚାଳନା କମିଟି ଗଠନ, ବିପଦପୂର୍ଣ୍ଣ କୋଠରୀ ବିଷୟରେ ବିଭାଗକୁ ଜଣାଇବା ଆଦି ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମପୁରରେ ମିଲେଟ୍ ଆଉଟଲେଟ ଉଦ୍‌ଘାଟିତ



**ପଦ୍ମପୁର, ୮।୪(ସମିସ):** ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଶ୍ରୀଅନ୍ନ ଅଭିଯାନ ଅଧୀନରେ ମିଲେଟ ଆଉଟଲେଟ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଆଉଟଲେଟ ମାଧ୍ୟମରେ ସ୍ଥାନୀୟ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ମିଲେଟ ପଦାର୍ଥଗୁଡ଼ିକୁ ପ୍ରଚାର ଓ ବଜାର ସୁବିଧା ଦେବାର ଉଦ୍ଦେଶ୍ୟ ରହିଛି। ଏହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ପୌଷ୍ଟିକ ଖାଦ୍ୟ ପ୍ରଚାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ମନୋଜ କୁମାର ଦେବତା ଯୋଗ ଦେଇ ଆଉଟଲେଟ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଉଦ୍‌ବୋଧନରେ ମିଲେଟ ଉତ୍ପାଦନ ଓ ବ୍ୟବହାରର ଗୁରୁତ୍ୱ ଉପରେ ଜୋର ଦେଇ କହିଥିଲେ ଯେ, ଏହା ଚାଷୀଙ୍କ ଆୟ ବୃଦ୍ଧି କରିବା ସହିତ ଲୋକମାନଙ୍କ ସ୍ୱାସ୍ଥ୍ୟ ସୁଧାରରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ ତ୍ରିରଙ୍ଗ ଯୁବକ ସଂଘର ଅଧ୍ୟକ୍ଷ ହୃଦାନନ୍ଦ ନାୟକ, ପରେଶ କୁମାର ବେହେରା ଓ ଯୋଗେଶ୍ୱରୀ ଧରୁଆ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନେ ମିଲେଟ୍ ଆଉଟଲେଟର ସଫଳ ପରିଚାଳନା ପାଇଁ ସମସ୍ତଙ୍କୁ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ବ୍ଲକ ପ୍ରୋଗ୍ରାମ କୋଓର୍ଡିନେଟର ତାରାଣୀସେନ ଦ୍ୱାରୀ ଓ ପ୍ରମୋଦ କୁମାର ସାହୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଆଉଟଲେଟର ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ବିଷୟରେ ମତାମତ ପ୍ରକାଶ କରିଥିଲେ।ମିଶନ ଶକ୍ତି ଅଧୀନ ରାଜବୋରାସମ୍ବର ବ୍ଲକ ସ୍ତରୀୟ ମହାସଂଘର ସଦସ୍ୟମାନେ ବ୍ୟାପକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେମାନଙ୍କ ସକ୍ରିୟ ଭାଗୀଦାରି ଓ ସହଯୋଗ ଫଳରେ ଉଦ୍‌ଘାଟନ ଆୟୋଜିତ ହୋଇଥିଲା। ଏହି ଆଉଟଲେଟ୍‌କୁ ରାଜବୋରାସମ୍ବର ବ୍ଲକସ୍ତରୀୟ ମହାସଂଘର ସଦସ୍ୟମାନେ ପରିଚାଳନା କରିବେ। ଏହି ମିଲେଟ ଆଉଟଲେଟ ଆଗାମୀ ଦିନରେ ଚାଷୀମାନଙ୍କ ପାଇଁ ଏକ ସ୍ଥାୟୀ ବଜାର ସୃଷ୍ଟି କରିବା ସହିତ ମିଲେଟ ଭିତ୍ତିକ ଖାଦ୍ୟ ପ୍ରଚାରରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।

# ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ସମାରୋହ



**ପଦ୍ମପୁର, ୮। ୪(ସମିସ):** ବରିକେଲସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡିଆ ପକ୍ଷ ସମାରୋହ ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଗତ ୧ ତାରିଖ ରୁ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଆ ଗଳ୍ପ, ଓଡିଆ କବିତା, ଓଡିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଓ ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟାପିକା ସଂହିତା ବେହେରା ଅତିଥି ପରିଚୟ ସହ ସାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଓଡିଆ ସାହିତ୍ୟ ଭାଷା ଉତ୍କଳୀୟ ସଂସ୍କୃତିର ମୂଳାଧାର ବୋଲି ଅଭିହିତ କରି ଓଡିଆ ସାହିତ୍ୟର ସମ୍ପ୍ରସାରଣରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ଓଡ଼ିଆ ଅସ୍ମିତା ବିଷୟରେ ଆଲୋକପାତ କରି ଓଡିଆ ଭାଷାକୁ ଋଦ୍ଧିମନ୍ତ କରିବା ଆମର ଦାୟୀତ୍ୱ ବୋଲି ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟ ଅଧ୍ୟାପକ ସୀତାରାମ ସାହୁ 'ମାତୃଭୂମି ମାତୃଭାଷାରେ ମମତା' ଶୀର୍ଷକ ପାଠକରି'ଓଡିଆ ଭାଷାର ସମ୍ମାନ ଜାତିର ଉତ୍‌ଥାନ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ପୂଜାହାରୀ ପୌଲସ୍ତ୍ୟ ସାହା ଓଡ଼ିଆ ଭାଷାର ସାଭିମାନ ଆମର ସମ୍ମାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରାଧ୍ୟାପିକା ମନ୍ଦାକିନୀ ପାଢ଼ୀ, ସଂହିତା ବେହେରା ଓ ଡ୍ର. ବିଭୁତି ଗିରି କଳିଙ୍ଗ ସାହସିକ' ରଢି ପାଠକରି ଓଡିଆ ଭାଷାର ସୁରଭିକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଓ ପୁସ୍ତକ ପ୍ରଦାନ କରାଯାଇଥିଲା। ପରିଶେଷରେ ପ୍ରାଧ୍ୟାପକ ଭାଗିରଥୀ ପଣ୍ଡା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜକୁମାର ମଲ୍ଲିକ, ସୁକାନ୍ତ ସାହୁ, ବିଜୟ ରଞ୍ଜନ ମେହେର ଉପସ୍ଥିତ ଥିଲେ।

## ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ୍

# ରୟଲ ଚମ୍ପିଅନ ବିଜୟୀ

**ଭେଡେନ, ୮।୪ (ସମିସ):** ଭେଡେନସ୍ଥିତ ରଣଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ରୟଲ ଚମ୍ପିଅନ ଓ ପିସି ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପିସି ଇଲେଭେନ ଷ୍ଟାର ଟସ ଜିତି ରୟଲ ଚାମ୍ପିଅନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ୧୨ଓଭରରେ ୬ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା ଜବାବରେ ପିସି ଇଲେଭେନ ଷ୍ଟାର ସମସ୍ତ ଉଇକେଟ ହରାଇ ୧୨୦ରନ ସଂଗ୍ରହ କରିଥିଲା।ଫଳରେ ୩୪ରନରେ ରୟଲ ଚାମ୍ପିଅନ ବିଜୟୀ ହୋଇଥିଲା। ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିଭାବରେ ଦେବାନନ ବେହେରା ଯୋଗଦାନ କରି ରୟଲ ଚାମ୍ପିଅନ ଦଳର ସୁବ୍ରତ ମହାରଣା ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ପ୍ରଦୀପ ମେହେର ଓ ରାକେଶ ମେହେର ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଗୁଡ୍ଡୁ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ସ୍କୋର ଭାବରେ



ରଞ୍ଜନ ନାଏକ ଦାୟିତ୍ୱ ନେଇଥିଲେ। ଖେଳର ଧାରାବିବାରଣୀ ଘନଶ୍ୟାମ ଖେତି ଓ ସୂର୍ଯ୍ୟ କୁମାର ଦେହେରି ପ୍ରଦାନ କରିଥିଲେ। ଏସ୍ପି କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୧୬ ଜୁଆଡି ଗିରଫ

# ୧୨ ବାଇକ୍, ୨ କାର୍ ଜବତ







**ବରଗଡ଼, ୮।୪(ସମିସ)**

ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଘୁଡ୍ଡୁଘୁଡ଼ି ପଟି ଖେଳୁଥିବା ସମୟରେ ବରପାଲି ପୁଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ୧୬ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବରପାଲି ପୁଲିସ। ପ୍ରାପ୍ତସୂଚନା ଅନୁସାରେ, ବରମକେଲା ଓ ଗ୍ରୀନଡୋଲ ମଧ୍ୟରେ ଥିବା ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଘୁଡ୍ଡୁଘୁଡି ପଟି ଖେଳୁଥିବା ସମୟରେ ବରପାଲି ପୁଲିସକୁ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ବରପାଲି ଥାନା ଆଇଆଇସି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ହଠାତ୍ ଚଢଉ କରି ୧୬ ଜଣ ଜୁଆଡିଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ଠାରୁ ନଗଦ ୧, ୦୯, ୩୮୦ ଟଙ୍କା, ୧୨ଟି ବାଇକ୍, ୨ ଟି କାର, ୧୨ମୋବାଇଲ ଓ ଘୁଡଘୁଡି ପଟି ସାମଗ୍ରୀ। ଏନେଇ ବରପାଲି ଥାନା କେସ ନମ୍ବର ୧୪୯/୨୬ ମାମଲା ରୁଜ୍ଜୁ ହୋଇ କେସ ତଦନ୍ତ ଚାଲିଛି। ସେମାନେ ହେଲେ ବରଗଡ଼ ଭେଡେନ ଥାନା ଜାନ୍ଦୋଲର ସଦାଶିବ ମେହେର (୩୫), ବରପାଲି ଥାନା ବରମକେଲା କ୍ଷିରୋଦ ବାଗ(୪୯), ଅତାବିରା ଥାନା ଦଲବି ଉପେନ୍ଦ୍ର ରଣା (୩୫), ବରଗଡ଼ ସଦର ଥାନା ସହଁରାପାଲି ପ୍ରଦୀପ ଝାଙ୍କର (୩୬), ବରପାଲି ଥାନା ଗ୍ରିନ୍ଦୋଲା ଗୋପାଳ କୃଷ୍ଣ ସାହୁ (୪୫), ଭେଡେନ ଥାନା ଲିମଟିକ୍ରା ହେମବନ୍ତ ଗରିଆ (୩୯), ବରପାଲି ଥାନା ବରମକେଲା ନିର୍ମଳ ପଧାନ (୩୮), ବରଗଡ଼ ସଦର ଥାନା ଖଡାହାଟ ମନବୋଧ ନାଗ(୬୧), ବରପାଲି ଥାନା ଗ୍ରୀନଡୋଲା ଲମ୍ବୋଦର ଭୋଇ (୫୦), ବରଗଡ଼ ସଦର ଥାନା ନୂଆଗଡ଼ କେଶବ ସାହୁ (୪୮), ସଦର ଥାନା ନୂଆଗଡ଼ ସୁଆମ ସତୁଆ (୪୨), ଛତିଶଗଡ଼ ଯାଶପୁର ଜିଲ୍ଲା ତୁମୁଳା ଥାନା ସୁନିଲ ଭରଦ୍ୱାଜ (୩୩), ଭେଡେନ ଥାନା ଦଲାବ ଶ୍ୟାମ ସେଠ (୩୧), ସୁନ୍ଦରଗଡ଼ ଜିଲ୍ଲା କିରଜିନକେଲା ଥାନା କରୁଆବାହାଲ ଅନିଲ ରୋହିତଦାସ (୩୦), ଭେଡେନ ଥାନା ବାହାଲପାଲି ଡାକ୍ତର ପ୍ରଧାନ (୩୬), ସୁନ୍ଦରଗଡ଼ ଜିଲ୍ଲା କିରଜିନକେଲା ଥାନା କରୁଆବାହାଲ ମହେନ୍ଦ୍ର ରୋହିତଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବରପାଲି ଥାନାଧିକାରୀ ପ୍ରମୋଦ ସାହୁ କହିଛନ୍ତି।



ବୁଧବାର ଶ୍ରୀମନ୍ଦିର ଆକାଶରେ ଛାଇଯାଇଛି କାଳବୈଶାଖୀର କଳାବାଦଲ (ଫଟୋ: ଅନିଲ)

# ତେଲ ଟାଙ୍କିରେ ମିଳିବ ୫ କେଜିଆ ଗ୍ୟାସ୍

## କଳାବଜାରୀ ପାଇଁ ୫ ଜଣଙ୍କୁ ଗିରଫ କରାଗଲାଣି

ଭୁବନେଶ୍ୱର,୮।୪(ସମିସ): କେନ୍ଦ୍ର ସରକାର ୫ କେଜିଆ ଗ୍ୟାସ୍ ପ୍ରଚୁର ଭାବେ ଉପଲବ୍ଧ ଉପରେ ଗୁରୁତ୍ୱ ଦେଉଛନ୍ତି। ସବୁ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଏହା ଉପଲବ୍ଧ ହେବ। ବିଶେଷ କରି ଆଇଓସିଏଲ୍, ବିପିସିଏଲ୍ ଓ ଏଚ୍‌ପିସିଏଲ୍ ପକ୍ଷରୁ ଏହା ଉପଲବ୍ଧ କରାଯିବ। ଏହି ଟାଙ୍କିଗୁଡ଼ିକ ପେଟ୍ରୋଲ୍ ପମ୍ପରେ ମଧ୍ୟ ଉପଲବ୍ଧ ହେବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଏଥିପାଇଁ କେବଳ ପରିଚୟ ପତ୍ର ଦେଖାଇଲେ ଲୋକଙ୍କୁ ଗ୍ୟାସ ଦିଆଯିବ। ନୂଆ ଟାଙ୍କି ସହ ଗ୍ୟାସ ପାଇଁ ୧୫୩୭ ଟଙ୍କା ଓ ରିଫିଲ୍ ପାଇଁ ୫୯୩ ଟଙ୍କା ପଡ଼ିବ। ଏହା କେବଳ କମ୍ପାନୀ ସିଲିଣ୍ଡର ପାଇଁ ଧାର୍ଯ୍ୟ ହୋଇଛି। ତେବେ ବାହାରେ ମିଳୁଥିବା ଅଲଗା କମ୍ପାନୀର ସିଲିଣ୍ଡରରେ ଏହି ଗ୍ୟାସ ଦିଆଯିବ ନାହିଁ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଏହି ଗ୍ୟାସ ଯୋଗାଣ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ବିଭିନ୍ନ କାରଣ ଦର୍ଶାଇ କିଛି କଳାବଜାରୀ ଓ ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖିବା ପରେ ସେମାନଙ୍କ ଉପରେ ଚଢ଼ଉ କରଯାଉଥିବା ନେଇ ଯୋଗାଣ ବିଭାଗ କହିଛି। ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀ ମାନେ ଟିମ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଞ୍ଚ କରୁଛନ୍ତି। ଏହି ଟିମ ଗୁଡିକ ଦୈନିକ ଭିତ୍ତିରେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ସମ୍ପୃକ୍ତ ଜିଲ୍ଲାପାଳ ମାନଙ୍କ ତତ୍ତ୍ୱାବଧାନରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରୁଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଜି ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନ ରହିଛି। ଏହି ସବୁ ସ୍ଥାନରୁ ୩୪୩୫ ସିଲିଣ୍ଡର ଜବତ କରାଯାଇଛି। ଏତଦବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ ମାମଲା ରୁଜୁ କରାଯିବା ସହ ୨୩ଟି ଏଫଆଇଆର ଦାଖଲ କରାଯାଇଛି। ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଚ୍ଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି।

## ମହାପ୍ରଭୁଙ୍କ ରତ୍ନ ଅଳଙ୍କାର

# ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ଆରମ୍ଭ

ପୁରୀ,୮।୪(ସମିସ): ଦୀର୍ଘ ୪୮ ବର୍ଷ ପରେ ମହାପ୍ରଭୁଙ୍କର ରତ୍ନ ଅଳଙ୍କାର ଗଣତିମଣତି ଚାଲିଛି। ଗତ ମାର୍ଚ୍ଚ ୨୫ରେ ପ୍ରଥମେ ଚଳନ୍ତି ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାରଠାରୁ ବାହାର ରତ୍ନଭଣ୍ଡାରର ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହୋଇଥିଲେ। ଗଣତି ପ୍ରକ୍ରିୟାରେ ନୂତନ ଭାବେ ସାମିଲ୍ ପ୍ରାଧିକୃତ ସଦସ୍ୟମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ ଓ ଗୋପନୀୟତା ରକ୍ଷା ପାଇଁ ଅଙ୍ଗୀକାରବଦ୍ଧ ହେବା ସମ୍ପର୍କରେ ମୁଖ୍ୟ ପ୍ରଶାସକ ସମ୍ୟକ୍ ସୂଚନା ଦେଇଥିଲେ। ପରେ ସମସ୍ତ ପ୍ରାଧିକୃତ ସଦସ୍ୟ ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷା ପାଇଁ ଘୋଷଣାନାମା ଦେବା ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ରତ୍ନଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ୍ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ସାଢ଼େ ୧୦ଟାରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ମୁଖ୍ୟ ପ୍ରଶାସକ ସଦସ୍ୟ ବୃନ୍ଦଙ୍କୁ ରତ୍ନଭଣ୍ଡାର ଭିତରକୁ କୌଣସି ଧାତବ ଜିନିଷ ନିଜ ପାଖରେ ଥିଲେ ତାହାକୁ ବାହାରେ ରଖିବାକୁ ପରାମର୍ଶ ଦେଇଥିଲେ। ଗଣତି ପ୍ରକ୍ରିୟା ଶୃଙ୍ଖଳାର ସହ ସମ୍ପାଦନ ପାଇଁ ସମସ୍ତେ ମା' ବିମଳା, ମା' ଭୁବନେଶ୍ୱରୀ, ମା' ବେଢ଼ା କାଳୀ ଶେଷରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ ଆଶିଷ ଆଣିଥିଲେ। ବେହରଣ ଦ୍ୱାର ନିକଟରେ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ପୂର୍ବକ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟା ୫୫ରେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିକୁ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନ ମାପ ଅଧିକାରୀ ସଦସ୍ୟମାନେ ଯାଞ୍ଚ ପୂର୍ବକ ସେ ସବୁର ଫଟୋଗ୍ରାଫି, ଭିଡିଓଗ୍ରାଫି ସହ ଇ-କାଟାଲଗ୍ କରାଯାଇଥିଲା। ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଏହି ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଥିଲା।

### ତଦାରଖ କଲେ ଗଜପତି ମହାରାଜା

ଅପରାହ୍ନରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଗଣତିମଣତି ପ୍ରକ୍ରିୟାର ତଦାରଖ କରିଥିଲେ।

ସୂଚନାଥାଉ କି, ରତ୍ନଭଣ୍ଡାର ଗଣତି ସମ୍ପର୍କିତ ବୈଠକ ନିଷ୍ପତ୍ତି ଅନୁଯାୟୀ ଶନିବାର ମଧ୍ୟ ରତ୍ନଭଣ୍ଡାର କାର୍ଯ୍ୟ ଚାଲୁ ରହିବ। ପରବର୍ତ୍ତୀ ସମୟରେ ଭିତର ଚନ୍ଦନ ଯାତ୍ରା ସମୟରେ ଯେତିକି ସମୟ ମିଳିବ ଶ୍ରୀମନ୍ଦିର କମାଣ୍ଡରଙ୍କଠାରୁ ପରାମର୍ଶ ତଥା ଛତିଶା ନିଯୋଗଙ୍କ ସହ ଆଲୋଚନା ହୋଇ ଗଣତି କାର୍ଯ୍ୟ ଚାଲୁ ରହିବ। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ନିୟମ ପାଳନ ପୂର୍ବକ ବୁଧବାର ଗଣତି ପ୍ରକ୍ରିୟା ଶେଷ ହୋଇଥିବାରୁ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତମାନଙ୍କର ଅକୁଣ୍ଠିତ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକ କୃତଜ୍ଞତା ଜ୍ଞାପନ ପାରିଛନ୍ତି।

# ପଦାରେ ପଡ଼ିଛି ରାଜ୍ୟ ବିଜେପି ସରକାରଙ୍କର ଦୋମୁହାଁ ନୀତି : ବିଜେଡି

## ସେବେ ବିରୋଧ କରୁଥିଲେ; ଏବେ ସ୍ୱାଗତ କରୁଛନ୍ତି

ଭୁବନେଶ୍ୱର,୮।୪(ସମିସ): ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃନିଯୁକ୍ତି ଦେବାକୁ ବିଜେପି ସବୁବେଳେ ବିରୋଧ କରି ଆସୁଥିଲା। ମାତ୍ର ରାଜ୍ୟରେ କ୍ଷମତାକୁ ଆସିବା ପରେ ଅଧିକରୁ ଅଧିକ ଅବସରପ୍ରାପ୍ତ ଅଧିକାରୀ ମାନଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ବାଟ ଖୋଲୁଛନ୍ତି, ଯାହା ତାଙ୍କର ଦୋମୁହାଁ ନୀତିକୁ ପ୍ରଦର୍ଶିତ କରୁଛି ବୋଲି ବିଜୁ ଜନତା ଦଳ କହିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ବିଜେପି କ୍ଷମତାକୁ ଆସିବା ପରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨୦୨୪ ମସିହା ସେପ୍ଟେମ୍ବର ୧୨ ତାରିଖରେ ଅବସରପ୍ରାପ୍ତ ଅଧିକାରୀ ମାନଙ୍କୁ ପୁନଃନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚଳିତ ଏପ୍ରିଲ ୨ ତାରିଖରେ ଏକ ବିଜ୍ଞପ୍ତିରେ ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃନିଯୁକ୍ତି ପାଇଁ ପୂର୍ବ ବିଜ୍ଞପ୍ତିରେ ଥିବା ନିୟମକୁ ଅଧିକ କୋହଳ କରାଯାଇଛି। ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ କଣ୍ଟ୍ରାକ୍ଟୁଆଲ ନିଯୁକ୍ତି ଦେବାକୁ ବିରୋଧ କରି ଆସୁଥିଲା । କିନ୍ତୁ କ୍ଷମତାକୁ ଆସିବା ପରେ, ଏବେ ଅଧିକରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପଦକ୍ଷେପ ନେଉଛନ୍ତି। ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଏଏସମାନଙ୍କୁ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଗଲା। ପୂର୍ବ ବିଜ୍ଞପ୍ତିରେ ଶେଷ ପାଞ୍ଚ ବର୍ଷର ସିସିଆର ଆଉଟଷ୍ଟାଣ୍ଡିଂ ଥିବା ଜରୁରୀ ରଖା ଯାଇଥିଲା ଓ ଅବସର ପରେ ସରକାରୀ କ୍ୱାର୍ଟର ଛାଡିଥିବା ଜରୁରୀ ଥିଲା, ଯାହାକୁ ନୂତନ ବିଜ୍ଞପ୍ତିରେ ହଟାଇ ଦିଆଯାଇଛି । ଓଏଏସ ଅଧିକାରୀ ମାନଙ୍କୁ ନିଯୁକ୍ତି ବ୍ୟତୀତ ୮୦୦ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ଏସଆଇ ଓ ଏଏସଆଇ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୧୮୬ ଜଣ ସିଭିଲ ଇଞ୍ଜିନିୟରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ନିକଟରେ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ସମୁଦାୟ ୩୯, ୫୦୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ମଧ୍ୟରୁ ପ୍ରାୟ ୩୩, ୮୬୭ ନିଯୁକ୍ତିର ପ୍ରକ୍ରିୟା ପୂର୍ବ ସରକାରଙ୍କ ସମୟରେ ହୋଇଥିଲା। ତେଣୁ ଗତ ଦୁଇ ବର୍ଷର ବିଜେପି ଶାସନରେ ମାତ୍ର ୫, ୬୩୮ ନିଯୁକ୍ତି ଦିଆଯାଇଛି। ଏହି ହାରରେ ନିଯୁକ୍ତି ଦେଲେ ରାଜ୍ୟ ସରକାରଙ୍କୁ ୩ ଲକ୍ଷ ୫୦ ହଜାର ନିଯୁକ୍ତି ଦେବା ପାଇଁ ୧୨୪ ବର୍ଷ ଲାଗିବ ବୋଲି ଡ. ମହାନ୍ତି କହିଛନ୍ତି।

# ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

କେନ୍ଦୁଝର, ୮।୪(ସମିସ): ୨୦୨୨ରେ ନୟାକଟ ଥାନାଞ୍ଚଳରେ ଘଟିଯାଇଥିବା ବହୁଚର୍ଚ୍ଚିତ ହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ଦୌରାଜାଜ ଗୋପାଳଚନ୍ଦ୍ର ବେହେରା ଏହାର ଶୁଣାଣି କରି ୩ଜଣଙ୍କୁ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଅଧିକ ଜେଲ ଦଣ୍ଡ ଆଦେଶ କରିଛନ୍ତି।



କୋର୍ଟ ସୂତ୍ରରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ ନୟାକୋଟ ଥାନା ଅନ୍ତର୍ଗତ କାଦକଳା ଗ୍ରାମରେ ମାୟାଧର ବେହେରାଙ୍କ ଏକ କୁକୁଡ଼ା ଦୋକାନ ଥିଲା। ୨୦୨୨ ଫେବୃଆରୀ ୨୬ ତାରିଖ ସନ୍ଧ୍ୟାରେ ମାୟାଧର ବେହେରାଙ୍କ ସହ କାଦକଳ ଗ୍ରାମର ଉତ୍ତମ ମହାକୁଡ, ଉପେନ୍ଦ୍ର ବେହେରା ଏବଂ ନବକିଶୋର ମହାକୁଡଙ୍କର ଗଣ୍ଡଗୋଳ ହୋଇଥିଲା। ପରେ କୁକୁଡା ଦୋକାନ ବନ୍ଦ କରି ମାୟାଧର ବେହେରା ଘରକୁ ଫେରୁଥିବାବେଳେ ପୂର୍ବ ଯୋଜନା ମୁତାବକ ୩ ଅଭିଯୁକ୍ତ ସଂଘବଦ୍ଧ ଆକ୍ରମଣ କରିଥିଲେ। ଲୁହାରଡ୍, ଠେଙ୍ଗା, ଭୁଜାଲିରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମାୟାଧର ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ମୃତକଙ୍କ ଭାଇ ଦୟାନିଧି ବେହେରା ନୟାକୋଟ ଥାନାରେ ଫେବୃଆରୀ ୨୬ ତାରିଖ ଲିଖିତ ଅଭିଯୋଗ କରିଥିଲେ। ନୟାକଟ ପୁଲିସ୍ ଅଭିଯୋଗକୁ ଆଧାର କରି ନୟାକୋଟ ଥାନାରେ କେସ ନମ୍ବର ୧୨/୨୦୨୨ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ସେମାନେ ବିଚାରାଧିନ ବନ୍ଦୀ ଭାବେ କେନ୍ଦୁଝର ଜିଲ୍ଲା କାରାଗାରରେ ଥିଲେ। ଏହି ମାମଲାର ଶୁଣାଣି କରି ଜିଲ୍ଲା ଜଜ୍ ୧୫ ଜଣ ସାକ୍ଷୀ ଓ ପୁଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ କୋର୍ଟର ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ବୈତରଣୀରୁ ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର



ଆନନ୍ଦପୁର, ୮।୪ (ସମିସ): ବୈତରଣୀ ନଦୀ ପାଣିରେ ବୁଡ଼ି ଯାଇ ଜଣେ ନିଖୋଜ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଝାଡ଼େଶ୍ୱର ଘାଟରେ ଗାଧୋଉଥିବା ବେଳେ ସେ ବୁଡ଼ି ଯାଇଥିବା ସୂଚନା ମିଳିଥିବା ବେଳେ ଘସିପୁରାସ୍ଥିତ ଅଗ୍ନିଶମ ବାହିନୀ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ରାମଚନ୍ଦ୍ରପୁର ଥାନା ଉଲ୍ଲୋଳ ଗାଁର କୃଷ୍ଣଚନ୍ଦ୍ର ନାଥ (୯୦ ବର୍ଷ)। ସେ ଗାଁ ବସରେ ଘାଟକୁ ଆସିଥିଲେ। ବୁଧବାର ସକାଳ ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ଭାସୁଥିବା ଦେଖି ଘସିପୁରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ଘସିପୁର ପୁଲିସ ଏକ ଅପମୃତ୍ୟୁ ମାମଲାରେ ଆନନ୍ଦପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ବ୍ୟାରେଜରୁ ପାଣି ଛଡ଼ା ଯାଇଥିବା ବେଳେ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବାରୁ ଏଭଳି ଅଘଟଣ ଘଟିଥିବା ଅଗ୍ନିଶମ ଅଧିକାରୀ ରାଧେଶ୍ୟମ ମଲ୍ଲିକ ପ୍ରକାଶ କରିଛନ୍ତି।

## ଭୁବନେଶ୍ୱର-ରାଉରକେଲା ବିମାନ ଦୁର୍ଘଟଣା

# ଇଞ୍ଜିନରେ ତେଲଚାପ ହିଁ ଥିଲା ମୁଖ୍ୟ ସମସ୍ୟା

ରାଉରକେଲା,୮।୪(ସମିସ): ରାଉରକେଲାର ଜଳଦା ନିକଟରେ ଇଣ୍ଡିଆ ୱାନ୍ ଏଆର୍ କମ୍ପାନୀର ଏକ ବିମାନ ଜାନୁଆରୀ ୧୦ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦେଢ଼ମାସ ପରେ ତା'ର ପ୍ରାଥମିକ ତଦନ୍ତ ରିପୋର୍ଟ ଆସିଛି। ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ(ଏଏଆଇବି) ପକ୍ଷରୁ ଏହି ରିପୋର୍ଟ ପ୍ରକାଶ କରାଯାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ରାଉରକେଲାରୁ ପ୍ରାୟ ୩୦ ନଟିକାଲ୍ ମାଇଲ୍ ଦୂରରେ ପାଇଲଟ ଦେଖିଥିଲେ ଯେ ଇଞ୍ଜିନ ତେଲ ଚାପ କମ୍ ରହିଥିଲା। ସେମାନେ ଲକ୍ଷ୍ୟ କରିଥିଲେ ଯେ ତେଲର ଚାପ ହ୍ରାସ ପାଇବା ସହିତ ଇଞ୍ଜିନର ଶକ୍ତି ମଧ୍ୟ ହ୍ରାସ ପାଉଛି। କମ୍ ତେଲ ଚାପ କଥା ସ୍ପଷ୍ଟ ହୋଇଯିବାପରେ ସେମାନେ ନିକଟସ୍ଥ ଉପଯୁକ୍ତ ସ୍ଥାନରେ ଏମରର୍ଜେନ୍‌ସି ଲ୍ୟାଣ୍ଡିଂ କରିବାକୁ ପ୍ରସ୍ତୁତ ହୋଇଯାଇଥିଲେ। ଏନେଇ ରାଉରକେଲା ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ପାଇଲଟ ଦ୍ୱୟ ଏକ ମେ' ଡେ କଲ୍ ଦେଇଥିଲେ। ଏହାପରେ ନିକଟସ୍ଥ ଏକ ପଡ଼ିଆରେ ବିମାନଟିକୁ ଓହ୍ଲାଇବା ପାଇଁ ମଧ୍ୟ ପାଇଲଟ ରାଉରକେଲା ଏଟିସିକୁ ସୂଚନା ଦେଇଥିଲେ। ପାଇଲଟ ମାନେ ପ୍ରଥମେ ଏକ ଶୁଖିଲା ନଦୀ ଗର୍ଭରେ ବିମାନକୁ ଅବତରଣ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉଚ୍ଚତା ଯୋଗୁଁ ସେମାନେ ସେହି ସ୍ଥାନରେ ସୁରକ୍ଷିତ ଭାବରେ ଅବତରଣ କରିପାରି ନ ଥିଲେ। ପରେ ପାଇଲଟମାନେ ରାସ୍ତା ବଦଳାଇ ନିକଟସ୍ଥ ଏକ ଖୋଲା ପଡ଼ିଆରେ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଜରୁରୀକାଳୀନ ଅବତରଣ କରିବା ସମୟରେ ବିମାନଟି ଏକ ଗଛ ଉପରେ ପିଟି ହୋଇଗଲା। ଗଛ ପାଖରେ ବିଦ୍ୟୁତ୍ ତାର ଥିଲା। ଅବତରଣ ସମୟରେ ବିଦ୍ୟୁତ୍ ତାର ସହିତ ଧକ୍କା ଏଡାଇବା ପାଇଁ ପାଇଲଟମାନେ ସତର୍କ ରହିଥିଲେ। କିନ୍ତୁ ତାରରୁ ରକ୍ଷା ପାଇବା ପାଇଁ କୌଶଳ କରିବା ସମୟରେ ବିମାନଟି ସ୍ଥିରତା ହରାଇଲା ଏବଂ ଶେଷରେ ଭୂମିରେ ଖସିପଡ଼ିଲା ବୋଲି ଜଣାପଡ଼ିଛି।



### ଦେଢ଼ମାସ ପରେ ଆସିଲା ରିପୋର୍ଟ

ସୂଚନାଯୋଗ୍ୟ ଯେ, ବିମାନଟି ଚାରି ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାତ୍ରା କରୁଥିଲା। ଦୁର୍ଘଟଣାରେ ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗା, କ୍ୟାପ୍ଟେନ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ଅନୀତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ। ସୁଶାନ୍ତ ବିଶ୍ୱାଳଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲା ପ୍ରାଥମିକ ଶିକ୍ଷକ ମହାସଂଘ




ଭୁବନେଶ୍ୱର, ୮।୪(ସମିସ): ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ କରି ଆଜିଠାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛି ପ୍ରାଥମିକ ଶିକ୍ଷକ ମହାସଂଘ। ଶିକ୍ଷକଙ୍କ ୬ ବର୍ଷ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ଏବଂ ଗ୍ରେଡ୍-ପେ ବୃଦ୍ଧି କରିବା ପରି ୨ ଦଫା ଦାବିରେ ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଗର୍ଜନ କରିଛନ୍ତି। ମହାସଂଘ ପକ୍ଷରୁ କେବଳ ଷ୍ଟିଅରିଂ କମିଟିର ସଦସ୍ୟମାନେ ଧାରଣାରେ ବସିଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ସମ୍ପର୍କରେ ତ୍ୱରିତ ପଦକ୍ଷେପ ନ ନେଲେ ଆଗାମୀଦିନରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ମଧ୍ୟ ଯୋଜନା କରିଛନ୍ତି। ଶିକ୍ଷକମାନଙ୍କ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନି। ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ନ କଲେ ଧାରଣା ଅବ୍ୟାହତ ରହିବ ବୋଲି ମହାସଂଘର ଆବାହକ ରାମଲାଲ୍ ପଟେଲ୍ ସୂଚନା ଦେଇଛନ୍ତି। ଏହି ଧାରଣାରେ ଷ୍ଟିଅରିଂ କମିଟିର ସଦସ୍ୟ ସୁଶାନ୍ତ କୁମାର ବେହେରା, ଅଜିତ ମହାରଣା, ଶ୍ରୀକାନ୍ତ ବାରିକ, ଯୁଧିଷ୍ଠିର ସାହୁ, ସନ୍ତୋଷ ସାହୁ, ଅଜୟଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ

# ତଦନ୍ତ ପାଇଁ ଏସସିବିରେ ୬ ଜଣିଆ କେନ୍ଦ୍ରୀୟ ଟିମ୍

କଟକ, ୮।୪ (ସମିସ): ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାକୁ ଏକ ମାସ ବିତିଲାଣି। ଏବେ ଏହାର ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ୬-ଜଣିଆ ଉଚ୍ଚସ୍ତରୀୟ ଟିମ୍ ବୁଧବାର



ଏସ୍‌ସିବିରେ ପହଞ୍ଚିଛନ୍ତି। ଏହି ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଅଗ୍ନିକାଣ୍ଡର ମୂଳ କାରଣ ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗର ରିପୋର୍ଟ ଯାଞ୍ଚ କରୁଥିବା ଜଣାପଡ଼ିଛି। କେନ୍ଦ୍ରୀୟ ଟିମ୍‌ର ଏହି ହଠାତ୍ ଆଗମନ ଓ ତଦନ୍ତ ପ୍ରକ୍ରିୟା ମେଡିକାଲ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି।

ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ କମାଣ୍ଡାଣ୍ଟ ଆଦିତ୍ୟ କୁମାରଙ୍କ ନେତୃତ୍ୱରେ ଏହି ଟିମ୍ ଆସିଛି। ଏଥିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଅରବିନ୍ଦ କୁମାର, ସିଏମ୍‌ଓ ଡାକ୍ତର ଯୋଗେଶ, କେନ୍ଦ୍ରୀୟ ଅଗ୍ନିଶମ ସଂସ୍ଥାର ଉପଦେଷ୍ଟା ପ୍ରଶାନ୍ତ ଲୋଙ୍କାର, ଏନ୍‌ଡିଆରଏଫ କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମା ଏବଂ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବିଭାଗର ସାଧାରଣ ପରିଚାଳକ

- ଅଗ୍ନିକାଣ୍ଡର କାରଣ ଖୋଜିବେ ଉଚ୍ଚସ୍ତରୀୟ ବିଶେଷଜ୍ଞ
- ଜିଇଡି ଓ ଅଗ୍ନିଶମ ବିଭାଗର ରିପୋର୍ଟ ସଂଗ୍ରହ
- ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ସୁନୀଲ କୁମାର ସାହୁ ସାମିଲ ଅଛନ୍ତି। ଏ ସମ୍ପର୍କରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ପୂର୍ବରୁ ଏସ୍‌ସିବି ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। କେନ୍ଦ୍ରୀୟ ଟିମ୍ ପହଞ୍ଚିବା ପରେ ପ୍ରଥମେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଏହା ପରେ ଟିମ୍ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ପାଇଁ ସିଧାସଳଖ ଟ୍ରମା କେୟାର ସେଣ୍ଟରକୁ ଯାଇ ଘଟଣାସ୍ଥଳର ବୈଷୟିକ ଅନୁଧ୍ୟାନ କରିଥିଲେ। ଅଗ୍ନିକାଣ୍ଡ ପଛରେ ବୈଦ୍ୟୁତିକ ସର୍ଟ ସର୍କିଟ୍ କିମ୍ବା ରକ୍ଷଣାବେକ୍ଷଣର ଅବହେଳା ରହିଛି କି ନାହିଁ, ସେ ନେଇ ଜିଇଡି ଏବଂ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀମାନଙ୍କ ରିପୋର୍ଟକୁ ଟିମ୍ ତନ୍ନତନ୍ନ କରି ଯାଞ୍ଚ କରିବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣାର ପ୍ରାଥମିକ ତଦନ୍ତ ପରେ ରାଜ୍ୟ ସରକାର ପୂର୍ବରୁ କଠୋର ପଦକ୍ଷେପ ଗ୍ରହଣ କରିସାରିଛନ୍ତି। ଅଗ୍ନିଶମ ବିଭାଗର ଦୁଇ ଜଣ ଅଧିକାରୀ ଓ ଜିଇଡିର ଏସ୍‌ଡିଓଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଏସ୍‌ସିବି ଅଧ୍ୟକ୍ଷ, ଅଧୀକ୍ଷକ ଏବଂ ଟ୍ରମା ସେଣ୍ଟର ଇନ୍‌ଚାର୍ଜଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ଟିମ୍‌ର ରିପୋର୍ଟ ଆସିବା ପରେ ଆଉ କେଉଁ କେଉଁ ବଡ଼ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ, ସେ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ତଦନ୍ତ ପ୍ରକ୍ରିୟା ଚାଲୁଥିବାରୁ କେନ୍ଦ୍ରୀୟ ଟିମ୍‌ର କୌଣସି ସଦସ୍ୟ ଗଣମାଧ୍ୟମ ଆଗରେ ମୁହଁ ଖୋଲିନାହାନ୍ତି।

# ନିଯୁକ୍ତି ପାଇବେ ୧୩୬୩ କନିଷ୍ଠ ରାଜସ୍ୱ ସହାୟକ

ଭୁବନେଶ୍ୱର,୮।୪(ସମିସ): ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ୧୩୬୩ କନିଷ୍ଠ ରାଜସ୍ୱ ସହାୟକ ପଦବୀକୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ସ୍ୱୀକୃତି ମିଳିଛି। ଏହି ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏହି ପଦବୀଗୁଡ଼ିକୁ ରାଜ୍ୟର ୩୦ଟି ଜିଲ୍ଲାରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଜିଲ୍ଲା ଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ସହ ମହିଳା, ଦିବ୍ୟାଙ୍ଗ, ଏକ୍ସ ସର୍ଭିସମ୍ୟାନ୍ ଏବଂ କ୍ରୀଡ଼ାବିତଙ୍କ ପାଇଁ ଆବଶ୍ୟକୀୟ ସଂରକ୍ଷଣ ନିମନ୍ତେ ଏହି ଚିଠିରେ ଉଲ୍ଲେଖ କରାଯାଇଛି। ଏହି ନିଯୁକ୍ତି ସମ୍ବନ୍ଧରେ ଜିଲ୍ଲାପାଳମାନଙ୍କୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ସହ ଆଲୋଚନା କରି ଶୀଘ୍ର ଅନଲାଇନ୍ ଆବେଦନ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି ସହ ଜନସେବା ପ୍ରଦାନକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ରାଜସ୍ୱ ସଚିବ ଆଶା ପ୍ରକାଶ କରିଛନ୍ତି।

### ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନରୁ ଚାଲିଥିବା ସମସ୍ୟାର ସମାଧାନ ହେବ । ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ମାନସିକ ଶାନ୍ତି ପାଇଁ ଯୋଗ କରନ୍ତୁ।

**ବୃଷ:** ନୂତନ ପ୍ରୋଜେକ୍ଟରେ କାମ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଅଚାନକ ଖୁସି ଖବର ପାଇବେ। ଆୟ ଅନୁସାରେ ବ୍ୟୟ ହେବ।

**ମିଥୁନ:** ଉଧାର ଟଙ୍କା ଫେରି ପାଇବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କର୍କଟ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିପାରନ୍ତି। ପିତାମାତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ହୋଇପାରନ୍ତି। ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୬୦- ପ୍ରଥମ ଥର ପାଇଁ ମଣିଷର ସ୍ୱରକୁ ରେକର୍ଡ କରାଗଲା।
- ୧୯୪୫- ୟୁନାଇଟେଡ୍ ଷ୍ଟେଟସ୍ ଆଟୋମିକ୍ ଏନର୍ଜି କମିଶନର ସ୍ଥାପନା।
- ୧୯୮୮- ଆମେରିକା ପାନାମା ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇଲା।
- ୨୦୦୫ - ଯୁବରାଜ ଚାର୍ଲସ୍ କ୍ୟାମିଲାଙ୍କୁ ବିବାହ କଲେ।

# ଭୂତ ଭୟ
## ୪୨ ବର୍ଷ ଧରି ଅଟକି ନ ଥିଲା ଟ୍ରେନ୍



ଭାରତରେ ଏପରି ଏକ ଷ୍ଟେସନ୍ ଅଛି, ଯାହାକି ଦୀର୍ଘ ୪୨ ବର୍ଷ ଧରି ବନ୍ଦ ପଡ଼ି ରହିଥିଲା। ଏହି ଷ୍ଟେସନ୍‌ଟି ପଶ୍ଚିମବଙ୍ଗ, ପୁରୁଲିଆ ଜିଲ୍ଲାରେ ଥିବା ବେଗୁନକୋଦର ଷ୍ଟେସନ୍। ୧୯୬୦ରେ ଏହା ଆରମ୍ଭ ହୋଇଥିଲା। ୧୯୬୭ ମସିହାରେ ଏଠାରେ ନିୟୋଜିତ ଜଣେ ଷ୍ଟେସନ୍ ମାଷ୍ଟର ରେଳଧାରଣାରେ ଏକ ପ୍ରେତାତ୍ମା ଦେଖିଥିବା କଥା କହିଥିଲେ। ହେଲେ ସେତେବେଳେ ତାଙ୍କ କଥାକୁ କେହି ବିଶ୍ୱାସ କଲେ ନାହିଁ। ଅନ୍ୟ କେତେଜଣ ମଧ୍ୟ ଏଭଳି କଥା କହିବାରୁ ଲୋକେ ଏହାକୁ ଗମ୍ଭୀରତାର ସହ ନେଲେ। ଏହାପରେ ସେହି ଷ୍ଟେସନ୍ ମାଷ୍ଟର ଓ ତାଙ୍କ ପରିବାର ଲୋକଙ୍କର ସନ୍ଦିଗ୍ଧ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପ୍ରେତାତ୍ମା ଯୋଗୁଁ ଷ୍ଟେସନ୍ ମାଷ୍ଟର ଓ ତାଙ୍କ ପରିବାର ଲୋକଙ୍କ ମୃତ୍ୟୁ ହୋଇଗଲା ବୋଲି ସ୍ଥାନୀୟ ଲୋକେ କହିବାକୁ ଲାଗିଲେ। ଏହାପରେ ଏଠାକାର ରେଳ କର୍ମଚାରୀମାନେ ସେହି ଷ୍ଟେସନ୍‌ରେ କାମ କରିବା ପାଇଁ ମନା କରିଦେଲେ। ଟ୍ରେନ୍‌ଗୁଡ଼ିକ ମଧ୍ୟ ସେଠାରେ ଅଟକିବା ବନ୍ଦ କରିଦେଲା। ଏହି ଘଟଣା ରେଳୱେର ବଡ଼ ବଡ଼ ଅଧିକାରୀଙ୍କ ନିକଟରେ ମଧ୍ୟ ପହଞ୍ଚିଲା। ଅନେକ ବୁଝାସୁଝା ପରେ ବି ଏଠାରେ କୌଣସି କର୍ମଚାରୀ କାମ କରିବାକୁ ରାଜି ନ ଥିଲେ। ଟ୍ରେନ୍‌ଗୁଡ଼ିକ ଏହି ଷ୍ଟେସନ୍ ଅତିକ୍ରମ କରି ଗଲାବେଳେ ବେଗ ବଢ଼ାଇବା ସହ ଯାତ୍ରୀମାନେ ଝରକା କବାଟଗୁଡ଼ିକୁ ବନ୍ଦ କରି ଦେଉଥିଲେ। ହେଲେ ଏହି କଥାରେ କେତେ ଦୂର ସତ୍ୟତା ଅଛି ତାହା କେହି ଜାଣନ୍ତି ନାହିଁ। ଦୀର୍ଘ ୪୨ ବର୍ଷ ଧରି ଏଠାରେ କୌଣସି ଟ୍ରେନ୍ ଅଟକି ନଥିଲା। ୨୦୦୯ ମସିହାରେ ଏହି ଷ୍ଟେସନ୍‌କୁ ପୁନର୍ବାର ଖୋଲାଯାଇଥିଲା। ହେଲେ ଲୋକଙ୍କ ମନରୁ ଏଯାଏଁ ଭୂତ ପ୍ରେତ ଭୟ ଯାଇନି। ଷ୍ଟେସନ୍‌ର ଆଖପାଖରେ ଥିବା ବିଲ୍ଡିଂଗୁଡ଼ିକ ଏବେ ବି ନିର୍ଜନ ହୋଇ ପଡ଼ିଛି। କେବଳ ଛୋଟ ଟିକେଟ କାଉଣ୍ଟରଟିଏ ରହିଛି। ଏଠାକୁ ଆସୁଥିବା ଲୋକେ ସଂଧ୍ୟା ସାଢ଼େ ୫ଟା ସୁଦ୍ଧା ଏହି ସ୍ଥାନ ଛାଡ଼ି ଚାଲି ଯାଆନ୍ତି। ଏହି ଷ୍ଟେସନ୍‌ର ଆଖପାଖରେ ଜନବସତି ନାହିଁ। କେବଳ ଯାହା ଧାନ କ୍ଷେତ ରହିଛି। ରାତିରେ ଷ୍ଟେସନରେ କାନ୍ଦିବା ଓ ଚିତ୍କାର ଶବ୍ଦ ଶୁଭୁଥିବା କଥା ମଧ୍ୟ ଲୋକେ କୁହନ୍ତି।

# ‘ରାମାୟଣ’
## ଯଶ୍ ମାରିବେ ବାଜି



ରଣବୀର କପୁରଙ୍କ ‘ରାମାୟଣ’କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହାକୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ନିକଟରେ ଏହାର ଟିଜର୍ ଜାରି କରାଯାଇଥିଲା। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଲଗାତାର ଏହି ଫିଲ୍ମକୁ ନେଇ ନୂଆ ନୂଆ ଅପଡେଟ୍ ସାମ୍ନାକୁ ଆସୁଛି। ଇତିମଧ୍ୟରେ ନିର୍ଦ୍ଦେଶକ ନୀତେଶ ତିୱାରି ‘ରାମାୟଣ’କୁ ନେଇ ଏକ ଖୁଲାସା କରିଛନ୍ତି। ଲସ୍ ଏଞ୍ଜେଲେସ୍‌ରେ ହୋଇଥିବା ଟିଜର୍‌ର ପ୍ରିଲଞ୍ଚ୍ ଇଭେଣ୍ଟରେ ସେ ଯୋଗ ଦେଇ କହିଛନ୍ତି, ‘ଆମେ ରାବଣର ଉଭୟ ଭଲ ଓ ଖରାପ ଗୁଣକୁ ପରଦା ଉପରେ ଦେଖାଇବୁ। ‘ରାମାୟଣ’ରେ ରାବଣକୁ କେବଳ ଖଳନାୟକ ଭାବେ ଦେଖାଯିବ ନାହିଁ। ତାର ଭଲ ଦିଗକୁ ମଧ୍ୟ ଦର୍ଶାଯିବ। ଭଗବାନ ଶିବଙ୍କ ପ୍ରତି ରାବଣର ଆସ୍ଥା, ସଙ୍ଗୀତ ପ୍ରେମ ଓ ଜଣେ ପ୍ରଜାନୁରଞ୍ଜନ ରାଜା ଭାବେ ପ୍ରଦର୍ଶିତ କରାଯିବ।’ ସେ ଆହୁରି ମଧ୍ୟ କହିଛନ୍ତି, ‘ରାଗ ଏବଂ ନକାରାତ୍ମକତା କୌଣସି ମଣିଷର ଭଲ ଗୁଣ ଉପରେ କିପରି ଭାରି ପଡ଼ିଯାଏ ଓ ତାର ପତନର କାରଣ ହୋଇଯାଏ ତାହା ଏଥିରେ ପ୍ରଦର୍ଶନ କରାଯିବ।’ ଯଶ୍ ରାବଣ ଭୂମିକାରେ ଅଭିନୟ କରିବାକୁ ନେଇ ସେ କହିଛନ୍ତି, ‘ରାବଣ ଭୂମିକା ପାଇଁ ଯେଉଁ ଷ୍ଟାର୍‌ଡମ୍‌ର ଆବଶ୍ୟକତା ଥିଲା, ଯଶ୍‌ଙ୍କ ପାଖରେ ତାହା ଅଛି। ଆମେ ବିଗତ ଦିନଗୁଡ଼ିକରେ ରାବଣକୁ ଯେମିତି ଦେଖି ଆସୁଛୁ, ‘ରାମାୟଣ’ରେ ଏହା ପୂରା ଅଲଗା ଅନ୍ଦାଜରେ ଦେଖାଯିବ। ଦର୍ଶକେ ଯଶ୍‌ଙ୍କୁ ରାବଣ ଭୂମିକାରେ ଦେଖି ଖୁବ୍ ପସନ୍ଦ କରିବେ।’ ନମିତଙ୍କ କଥାରୁ ‘ରାମାୟଣ’ରେ ଯଶ୍ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏଠାରେ ପ୍ରକାଶ ଥାଉ କି, ‘ରାମାୟଣ’ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇପଲ୍ଲବୀ, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, ହନୁମାନ ଭୂମିକାରେ ସନ୍ନି ଦେଓ୍ୱଲ ନଜର ଆସିବେ।

# କୁକୁରକୁ ତାଲିମ
## ମାସିକ ଖର୍ଚ୍ଚ ୧.୬ ଲକ୍ଷ



ଚୀନ୍‌ର ଜଣେ ଯୁବତୀ ତାଙ୍କ ପୋଷା କୁକୁର ପାଇଁ ଏପରି ଏକ ନିଷ୍ପତ୍ତି ନେଇଛନ୍ତି, ଯେଉଁଥିପାଇଁ ସେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛନ୍ତି। ସେ ତାଙ୍କ କୁକୁରକୁ ଏକ ବିଳାସପୂର୍ଣ୍ଣ କୁକୁର କିଣ୍ଡରଗାର୍ଡେନକୁ ପଠାଇବା ସହ ଏଥିପାଇଁ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ସାଙ୍ଘାଇରେ ରହୁଥିବା ତାଓତାଓ ନାମକ ଏହି ଯୁବତୀ ଜଣକ ତାଙ୍କ ୬ ମାସର ସାମୋଏଡ୍ ପ୍ରଜାତିର କୁକୁରକୁ ଏକ ଲଗଜୁରି ଡଗ୍ କିଣ୍ଡରଗାର୍ଡେନକୁ ପଠାଇ ପ୍ରତି ମାସରେ ଏବାବଦକୁ ପ୍ରାୟ ୧.୬ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏନେଇ ତାଓତାଓଙ୍କ କହିବା କଥା, ‘ସେ ଚାକିରିରେ ବହୁତ ବ୍ୟସ୍ତ ରୁହନ୍ତି। ଏଥିପାଇଁ ସେ ତାଙ୍କ ପୋଷା କୁକୁରଟିକୁ ଯଥେଷ୍ଟ ସମୟ ଦେଇ ପାରନ୍ତି ନାହିଁ। ତେଣୁ ସେ ଏପରି ନିଷ୍ପତ୍ତି ନେଲେ, ଯଦ୍ୱାରା ତାଙ୍କ ପୋଷା କୁକୁରଟି ଠିକ୍ ଭାବେ ପାଳନ କରାଯାଇ ପାରିବ। ଏହା କେବଳ ଏକ ଖର୍ଚ୍ଚ ନୁହେଁ ବରଂ ପୋଷା ପ୍ରାଣୀଙ୍କ ମଙ୍ଗଳ ପାଇଁ ନିଆଯାଇଥିବା ଏକ ଆବଶ୍ୟକୀୟ ପଦକ୍ଷେପ।’ ତେବେ ଏହି କୁକୁର କିଣ୍ଡରଗାର୍ଡେନ କୌଣସି ସାଧାରଣ ଡେ-କେୟାର ସେଣ୍ଟର ନୁହେଁ। ଏଠାରେ କୁକୁରମାନଙ୍କର ସ୍ୱଭାବ ପରୀକ୍ଷା କରାଯାଏ, ଯଦ୍ୱାରା ସେମାନଙ୍କର ମନର ଭାବନାକୁ ଭଲ ଭାବରେ ବୁଝିହେବ। ଏହା ସହିତ ଆଚରଣ ନେଇ ତାଲିମ ମଧ୍ୟ ଦିଆଯାଏ, ଯାହାକି ଭୁକିବା କିମ୍ବା ଆକ୍ରମଣାତ୍ମକ ଅଭ୍ୟାସକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରିବ। କେବଳ ସେତିକି ନୁହେଁ, ଏଠାରେ କୁକୁରମାନେ ଅନ୍ୟ କୁକୁରମାନଙ୍କ ସହିତ ଖେଳିବା ଏବଂ ମିଶିବାର ସୁଯୋଗ ମଧ୍ୟ ପାଆନ୍ତି, ଏହା ସେମାନଙ୍କର ସାମାଜିକ ଆଚରଣକୁ ଉନ୍ନତ କରେ। ପ୍ରତିଦିନ ବୋର୍ଡିଂ ସହିତ ପିକଅପ୍ ଏବଂ ଡ୍ରପ୍-ଅପ୍ ସୁବିଧା ଏଠାରେ ରହିଛି। ଏହା ସହିତ, ମାଲିକ ଏବଂ ପୋଷା ପ୍ରାଣୀଙ୍କ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ସ୍ୱତନ୍ତ୍ର କ୍ଲାସ୍ ମଧ୍ୟ ନିଆଯାଏ। ଅବଶ୍ୟ ସେମାନଙ୍କର ଖାଦ୍ୟ ଏବଂ ପାନୀୟ ଖର୍ଚ୍ଚ ଏହି ପ୍ୟାକେଜ୍‌ରେ ଅନ୍ତର୍ଭୁକ୍ତ ନୁହେଁ। ଅନ୍ୟପଟେ ଏହି ମାମଲା କେବଳ କୁକୁର ପର୍ଯ୍ୟନ୍ତ ସୀମିତ ନାହିଁ। ବରଂ ଏହା ବଦଳୁଥିବା ଚିନ୍ତାଧାରାକୁ ଦର୍ଶାଏ। ଆଜିର ସମୟରେ ପୋଷା ପ୍ରାଣୀକୁ ନେଇ ଲୋକଙ୍କ ଦୃଷ୍ଟିକୋଣ ବଦଳିବାରେ ଲାଗିଲାଣି। ଏହାସହ ସେମାନଙ୍କ ଦେଖାଶୁଣା କରିବା ଲାଗି ଲୋକେ ନୂଆ ନୂଆ ଉପାୟ ଗ୍ରହଣ କଲେଣି। ସାମାଜିକ ଗଣମାଧ୍ୟମରେ ଏ କଥା ସେୟାର୍ ହେବା ପରେ ଏଥିରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

---

## ମୋ ହାଣ୍ଡିଶାଳରୁ...
# କନ୍ଦମୂଳ କାକରା

### ଆବଶ୍ୟକ ସାମଗ୍ରୀ

କନ୍ଦମୂଳ – ୫୦୦ ଗ୍ରାମ୍, ଗୁଡ଼ – ଅଧା କପ୍, ଚାଉଳ ଚୂନା- ଏକ କପ୍, ସୁଜି – ଅଧା କପ୍, ଗୁଜୁରାତି ଗୁଣ୍ଡ- ଏକ ଚାମଚ, ଦୁଗ୍ଧ – ଦୁଇ ତିନି ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ କନ୍ଦମୂଳରୁ ଚୋପା ଛଡେଇ ଭଲରେ ଚକଟନ୍ତୁ। ଏଥିରେ ଅଧାକପ୍ ଚାଉଳ ଚୂନା, ସୁଜି, ଗୁଜୁରାତି ଗୁଡ଼ ସାମାନ୍ୟ ଲୁଣ ମିଶାଇ ଗୋଳାଇ ଚକଟନ୍ତୁ। ଏଥିରେ ଅଳ୍ପ କରି କ୍ଷୀର ଦେଇ ନରମ ହେବାଯାଏ ଚକଟନ୍ତୁ। ନରମ ହୋଇଗଲେ ହାତ ପାପୁଲି ସାହାଯ୍ୟରେ ଛୋଟ ଗୁଳା କରି କାକରା ଆକାର ଦିଅନ୍ତୁ। ଏହିପରି ଭାବେ ସମସ୍ତ କାକରା ପ୍ରସ୍ତୁତ କରନ୍ତୁ। ଗ୍ୟାସ୍ ଲଗାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ଏଥିରେ ପ୍ରସ୍ତୁତ କରି ରଖିଥିବା କାକରାକୁ ଦେଇ ଛାଣନ୍ତୁ। ଏହା ଫୁଲି ସୁନେଲି ରଙ୍ଗ ହୋଇଗଲେ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ‘କନ୍ଦମୂଳ କାକରା’।



# ମୟୂର ପୁଚ୍ଛରେ କେଶ ବିନ୍ୟାସ

**ମହିଳାମାନେ ତ୍ୱଚା ପରି କେଶ ସଜେଇବାକୁ ପସନ୍ଦ କରନ୍ତି। ତେବେ ବିଶେଷ ଅବସରରେ କେଶକୁ ଆକର୍ଷଣୀୟ ଏବଂ ସୁନ୍ଦର କରିବାକୁ ଚାହୁଁଥିଲେ, ମୟୂର ପୁଚ୍ଛ ହେୟାର୍ ଆସେସରିଜ୍ ପିନ୍ଧି କେଶକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।**



### ଭିଣ୍ଟେଜ୍ ମୟୂର ପୁଚ୍ଛ

ସୁନ୍ଦର ଦିଶିବା ସହ କେଶକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ମୟୂର ପୁଚ୍ଛରେ ନିର୍ମିତ ଭିନ୍‌ଟେଜ୍ ହେୟାର୍ ଆସେସରିଜ୍ ଲଗାଇପାରିବେ। ଏହା ଷ୍ଟାଇଲିସ୍ ସହ ଆକର୍ଷଣୀୟ ଦିଶିଥାଏ।

### ଫୁଲ ସହ ମୟୂର ପୁଚ୍ଛ

ମୟୂର ପୁଚ୍ଛ ଏବଂ ଧଳା ଫୁଲରେ କେଶ ସଜାଇଲେ ଏହା ଖୁବ୍ ସୁନ୍ଦର ଦିଶିଥାଏ। ଏହା ଉଭୟ ପାରମ୍ପରିକ ଏବଂ ଏଥ୍‌ନିକ୍ ଲୁକକୁ ଭଲ ମାନିଥାଏ। ଏହାକୁ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରୁ ମଧ୍ୟ କିଣିପାରିବେ।

### ମୟୂର ପୁଚ୍ଛ ଏବଂ ଲଟ୍‌କନ୍

ମୟୂର ପୁଚ୍ଛ ପର୍ଲ ଲଟ୍‌କନ୍ ହେୟାର୍ ଷ୍ଟାଇଲ୍ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ କେଶର ସୁନ୍ଦରତା ବୃଦ୍ଧି କରିଥାଏ। ଏହା ଉଭୟ ଅନଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ଉପଲବ୍ଧ।

# ଫେସ୍‌ଲେଟ୍ ଟ୍ରେଣ୍ଡ

**ସମୟାନୁସାରେ ଫେଶନ ଦୁନିଆରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ଫେସ୍‌ଲେଟ୍ ଲୋକପ୍ରିୟ ରହିଛି। ବିଶେଷ କରି ଅଧିକାଂଶ କନିଆ ଏହାକୁ ବିବାହରେ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହା ଉଭୟ ଆଧୁନିକ ଏବଂ ପାରମ୍ପରିକ ଲୁକ୍‌କୁ ଭଲ ମାନିଥାଏ।**

### କୁନ୍ଦନ

ସାମାଜିକ ଗଣମାଧ୍ୟମରେ ଅଧିକାଂଶ କନିଆଙ୍କୁ ବିବାହରେ ଫେସ୍‌ଲେଟ୍ ପିନ୍ଧିଥିବା ଦେଖିଥିବେ। ଏହା ମୁହଁକୁ ସୁନ୍ଦର ଦିଶୁଥିବାବେଳେ ଏଥିରୁ ଏକ ନୂଆ ଲୁକ୍ ମିଳିଥାଏ। ଏହା ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନରେ ଉପଲବ୍ଧ।

### ଷ୍ଟୋନ୍

ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ, ଷ୍ଟୋନ୍ କାମ ଥିବା ଫେସ୍‌ଲେଟ୍ ପିନ୍ଧିପାରିବେ। ଏ ପ୍ରକାର ଫେସ୍‌ଲେଟ୍ ମୁହଁକୁ ଅଧିକ ଆକର୍ଷଣୀୟ କରିଥାଏ।

### ଫ୍ଲୋରାଲ୍

ଫୁଲ ପସନ୍ଦ ଥିଲେ, ଫ୍ଲୋରାଲ୍ ଫେସ୍‌ଲେଟ୍ ପିନ୍ଧିପାରିବେ। ଏହା ବିଭିନ୍ନ ଷ୍ଟାଇଲ ଏବଂ ଡିଜାଇନରେ ରହିଛି। ଚାହିଁଲେ ପସନ୍ଦ ମୁତାବକ ଫେସ୍‌ଲେଟ୍ ପ୍ରସ୍ତୁତ କରିପାରିବେ।



## ସୁଶ୍ରୀ

# ମହୁଲରୁ ଆତ୍ମନିର୍ଭର ମହିଳା





**ସାଧାରଣତଃ ମହୁଲ ଫୁଲରୁ ପାରମ୍ପରିକ ଦେଶୀ ମଦ ପ୍ରସ୍ତୁତ ହୋଇଥାଏ। ହେଲେ ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲାର ମହିଳାମାନେ ଲୋକଙ୍କ ଏହି ଧାରଣାକୁ ଭୁଲ ପ୍ରମାଣ କରିଛନ୍ତି। ସେମାନେ ମହୁଲ ଫୁଲକୁ କେବଳ ମାଦକ ଦ୍ରବ୍ୟରେ ସୀମିତ ନ ରଖି, ଏଥିରୁ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ଲଡ୍ଡୁ ପ୍ରସ୍ତୁତ କରୁଛନ୍ତି। ଏପରି କରି ମହୁଲ ଫୁଲକୁ ନୂଆ ପରିଚୟ ଦେବା ସହ ଏହାକୁ ବିକ୍ରି କରି ଆତ୍ମନିର୍ଭର ହୋଇଛନ୍ତି।**

ଗାଁର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମହୁଲ ଫୁଲରୁ ଲଡ୍ଡୁ ପ୍ରସ୍ତୁତ କରନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ମହୋତ୍ସବ, ଖଦୀ ସ୍ୱଦେଶୀ ମେଳାରେ ପାରମ୍ପରିକ ଖାଦ୍ୟ ଭାବେ ବିକ୍ରି କରିଥାନ୍ତି। ହଜାରିବାଗ ଚୁନରୌ ଗାଁର ବୈଷ୍ଣବୀ ଦେବୀଙ୍କ କହିବାନୁଯାୟୀ, ଝାଡ଼ଖଣ୍ଡରେ ମହୁଲ ଗଛ ଅଧିକ। ତେଣୁ ଗ୍ରାମବାସୀମାନେ ଏହାକୁ ଉପଯୋଗ କରି ଦେଶୀ ମଦ ପ୍ରସ୍ତୁତ କରୁଥିଲେ। ହେଲେ ଏହାଦ୍ୱାରା ସମାଜରେ ନକାରାତ୍ମକ ପ୍ରଭାବ ପଡ଼ିବା ସହ ସମସ୍ୟା ଉପୁଜିଥିଲା। ଫଳରେ ଗାଁର ମହିଳାମାନେ ଏକତ୍ର ହୋଇ ମହୁଲରୁ କିଛି ନୂଆ କରିବା ପାଇଁ ଭାବିଥିଲେ। ବିହାରର ଏକ ସଂସ୍ଥାରୁ ମହୁଲରୁ ଲଡ୍ଡୁ ପ୍ରସ୍ତୁତ ହେବା ଜାଣିଥିଲେ। ଫଳରେ ଏହା ଗାଁ ମହିଳାଙ୍କୁ ରୋଜଗାରର ନୂଆ ଅବସର ପ୍ରଦାନ କରିଥିଲା।

ଏହାପରେ ମହିଳାମାନେ ମିଳିତ ହୋଇ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମହୁଲରୁ ଭଳିକି ଭଳି ଖାଦ୍ୟ ପ୍ରସ୍ତୁତ କରିଥିଲେ। ଅଳ୍ପରୁ ଆରମ୍ଭ ହୋଇଥିବା ଏହି ଖାଦ୍ୟ ସାମଗ୍ରୀ ଧୀରେ ଧୀରେ ଲୋକାଦୃତ ହୋଇଥିଲା। ଏହାଦ୍ୱାରା ଆଦିବାସୀ ମହିଳାମାନେ ରୋଜଗାରକ୍ଷମ ହେବା ସହ ମହୁଲର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ମହିଳା କାରିଗର ଛବି କୁମାରୀଙ୍କ କହିବାନୁଯାୟୀ, ମହୁଲରେ ପ୍ରାକୃତିକ ମିଠା ଏବଂ ପୋଷକ ତତ୍ତ୍ୱ ଥାଏ। ଲଡ୍ଡୁ ପ୍ରସ୍ତୁତ କରିବା ପୂର୍ବରୁ ପ୍ରଥମେ ମହୁଲ ଫୁଲ ପରିଷ୍କାର କରି ଧୋଇ ଖରାରେ ଶୁଖାଯାଏ। ଏହାପରେ ତାକୁ ଭଲରେ ପ୍ରକ୍ରିୟାକରଣ କରାଯାଏ। ଏଥିରେ ଗୁଡ଼, ଘିଅ ସମେତ ଚିନାବାଦାମ ମିଶାଇ ଲଡ୍ଡୁ ପ୍ରସ୍ତୁତ କରାଯାଏ। ଏହି ଲଡ୍ଡୁ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ।

ଦୃଢ଼ ମନୋବଳ ଏବଂ ସାହସ ଥିଲେ ଯେ କୌଣସି କାର୍ଯ୍ୟ ସହଜ ହୋଇପାରେ ବୋଲି ମହିଳାମାନେ ପ୍ରମାଣ କରିଛନ୍ତି। ଦେଶୀ ମଦଭାବେ ପରିଚିତ ଏହି ମହୁଲ ଫୁଲରୁ ସ୍ୱାଦିଷ୍ଟ ଲଡ୍ଡୁ ପ୍ରସ୍ତୁତ କରି ଏହାର ପ୍ରଚାର ପ୍ରସାର କରୁଛନ୍ତି। ଏହା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ମାର୍ଗ ଦର୍ଶାଇଛି।

## ଆଜି ୱାଙ୍ଖେଡେରେ ଉନ୍ମୋଚିତ ହେବ ରବି ଶାସ୍ତ୍ରୀ ଷ୍ଟାଣ୍ଡ

ମୁମ୍ବାଇ, ୮।୪ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କୋଚ୍ ତଥା ମୁମ୍ବାଇର ମହାନ ଖେଳାଳି ରବି ଶାସ୍ତ୍ରୀଙ୍କୁ ଗୁରୁବାର ୱାଙ୍ଖେଡେ ଷ୍ଟାଡିୟମରେ ସମ୍ମାନିତ କରାଯିବ। ମୁମ୍ବାଇ କ୍ରିକେଟ୍ ଆସୋସିଏସନ (ଏମ୍‌ସିଏ) ପକ୍ଷରୁ ୱାଙ୍ଖେଡେ ଷ୍ଟାଡିୟମରେ 'ରବି ଶାସ୍ତ୍ରୀ ଷ୍ଟାଣ୍ଡ'କୁ ଉନ୍ମୋଚିତ କରାଯିବ। ସେହିଭଳି ପୂର୍ବତନ ମୁମ୍ବାଇ ଖେଳାଳି ଦିଲିପ ସରଦେଶାଇ, ଏକନାଥ ସୋଲକର ଓ ଡାଏନା ଏଡୁଲଜିଙ୍କ ନାମରେ ନାମିତ ଷ୍ଟାଡିୟମର ୩ଟି ଗେଟ୍ ମଧ୍ୟ ଉନ୍ମୋଚିତ ହେବ। ଫେବୃଆରୀ ୨୭ରେ ଅନୁଷ୍ଠିତ ଏମ୍‌ସିଏ'ର ଆପେକ୍ସ କାଉନସିଲ୍ ବୈଠକରେ ପୂର୍ବତନ ଖେଳାଳିଙ୍କୁ ସମ୍ମାନିତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ମୁମ୍ବାଇ ଓ ଭାରତୀୟ ଦଳକୁ ଏହି ୪ଜଣ ଖେଳାଳିଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କ ନାମରେ ୱାଙ୍ଖେଡେ ଷ୍ଟାଡିୟମର ଷ୍ଟାଣ୍ଡ ଓ ଗେଟ୍ ନାମକରଣ ହୋଇଛି।

## ରାଜସ୍ଥାନ ଲାଗି ୧୦୦ ଛକା ମାରିଲେ ଜୟସ୍ୱାଲ

ଗୌହାଟୀ, ୮।୪(ଏଜେନ୍ସି): ବର୍ଷାପଡ଼ା ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ୨୭ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଚଳିତ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ୩୨ବଲ୍‌ରୁ ୧୦ ଚୌକା ଓ ୪ ଛକା ମାରି ଯଶସ୍ୱୀ ଜୟସ୍ୱାଲ ୭୭ ରନ୍ କରି ଦଳକୁ ଜିତାଇଥିଲେ। ସେ ଏହି ମ୍ୟାଚ୍‌ରେ ୪ଟି ଛକା ମାରିବା ପରେ ରାଜସ୍ଥାନ ପକ୍ଷରୁ ଆଇପିଏଲ୍‌ରେ ୧୦୦ ଛକା ମାରିବାରେ ଚତୁର୍ଥ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ସଞ୍ଜୁ ସାମସନ ୧୯୨, ଜୋଶ ବଟଲର ୧୩୫ ଓ ସେନ୍ ୱାଟସନ ୧୦୯ଟି ଛକା ମାରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଜୟସ୍ୱାଲ ୯ଟି ମ୍ୟାଚ୍ ଖେଳି ୫୩.୨୮ ହାରରେ ଓ ୧୮୭.୪୩ ହାରରେ ୩୭୩ ରନ୍ ସଂଗ୍ରହ କରିଛନ୍ତି।

## ବେଞ୍ଚ ଖେଳାଳିଙ୍କ ପାଇଁ ବିସିସିଆଇର କଠୋର ନିୟମ

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଆଇପିଏଲ୍ ଲାଗି ଏକ ନୂଆ ନିୟମ ଆଣିଛି। ଏହି ନିୟମ ଅନୁଯାୟୀ ଏବେ ଆଇପିଏଲ୍‌ରେ କୌଣସି ମ୍ୟାଚରେ ବେଞ୍ଚରେ ବସିଥିବା ଖେଳାଳି ଗ୍ରାଉଣ୍ଡରେ ଏଣେତେଣେ ବୁଲିପାରିବେ ନାହିଁ। ଗ୍ରାଉଣ୍ଡରେ ଚାରିଆଡ଼େ ଯିବାକୁ ଏବେ କେବଳ୧୬ ଜଣ ଖେଳାଳିଙ୍କୁ ଅନୁମତି ମିଳିବ। ଯେଉଁମାନେ ମ୍ୟାଚ୍ ପୂର୍ବରୁ ଟିମ୍‌ର ପ୍ରଥମ ୧୬ ଜଣିଆ ତାଲିକାରେ ସାମିଲ ହୋଇଥିବେ ସେମାନେ ପଡ଼ିଆକୁ ଡ୍ରିଙ୍କ୍ସ କିମ୍ବା ବ୍ୟାଟ୍ ଆଦି ନେବା ଆଣିବାରେ ସାହାଯ୍ୟ କରିବେ। ଯେଉଁମାନେ ଟିମ୍ ସିଟ୍ ଅର୍ଥାତ ୧୬ ଜଣିଆ ତାଲିକାରେ ନ ଥିବେ ସେମାନେ ଡ୍ରିଙ୍କ୍ସ ବ୍ରେକରେ ଗ୍ରାଉଣ୍ଡରେ ପ୍ରବେଶ କରିପାରିବେ ନାହିଁ।

### ରାହୁଲଙ୍କ ଦମ୍‌ଦାର ଓ ମିଲର୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ

# ୧ ରନ୍‌ରେ ଗୁଜରାଟର ନାଟକୀୟ ବିଜୟ

ନୂଆଦିଲ୍ଲୀ, ୮।୪(ଏଜେନ୍ସି)



ଲୋକେଶ ରାହୁଲଙ୍କ ଦମ୍‌ଦାର ୯୨ ରନ୍ ହେଉ କିମ୍ବା ଆଘାତ ସତ୍ତ୍ୱେ ଡେଭିଡ୍ ମିଲରଙ୍କ ୨୦ ବଲ୍‌ରୁ ଅପରାଜିତ ୪୧ ରନ୍ ଏଠାରେ ବୁଧବାର ଅନୁଷ୍ଠିତ ଆଇପିଏଲ୍ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୧ ରନ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଗୁଜରାଟ ଟାଇଟାନ୍ସ ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଅକ୍ଷର ପଟେଲଙ୍କ ଦିଲ୍ଲୀର ବିଜୟ ଧାରାରେ ଶୁବମନ ଗିଲ୍‌ଙ୍କ ଗୁଜରାଟ ବ୍ରେକ୍ ଲଗାଇଛି। ଏହି ମ୍ୟାଚ୍ ଜିତିବାକୁ ଦିଲ୍ଲୀ ଆଗରେ ଗୁଜରାଟ ୨୧୧ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ଦିଲ୍ଲୀ ଉତ୍‌ଥାନ ଓ ପତନ ମଧ୍ୟରେ ୧୮ ଓଭର ଶେଷ ସୁଦ୍ଧା ୬ ୱିକେଟରେ ୧୭୫ ରନ୍ କରିଥିଲା। ଦଳକୁ ମ୍ୟାଚ୍ ଜିତିବାକୁ ଶେଷ ୨ ଓଭରରେ ଦରକାର ଥିଲା ୩୬ ରନ୍‌ର ବିରାଟ ଲକ୍ଷ୍ୟ। ଏହି ସମୟରେ ୧୯ତମ ଓଭର ବୋଲିଂ କରିବାକୁ ଆସି ମହମ୍ମଦ୍ ସିରାଜ ୨୩ ରନ୍ ଦେଇ ଦିଲ୍ଲୀକୁ ବିଜୟ ଆଶା ଦେଇଥିଲେ। ଏହି ୨୩ ରନ୍‌ରେ ମିଲର ୨ଛକା ଓ ୧ ଚୌକା ସହ ୧୭ ଏବଂ ବିପରାଜ ନିଗମ ୫ ରନ୍ ଉଠାଇଥିଲେ। ଏହା ଫଳରେ ମ୍ୟାଚ୍‌ର ଶେଷ ଓଭରରେ ୬ଟି ବଲ୍‌ରୁ ଦରକାର ହେଉଥିବା ୧୩ ରନ୍। ଶେଷ ଓଭରର ପ୍ରଥମ ବଲରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଚୌକା ମାରି ବିପରାଜ ଦଳର ଲକ୍ଷ୍ୟକୁ ସହଜ କରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ସେ ଆଉଟ ହେବାରୁ ଶେଷ ୩ ବଲରେ ୮ ରନ୍ ଆବଶ୍ୟକ ଥିଲା। ଓଭରର ତୃତୀୟ ବଲରେ କୁଲଦୀପ ଯାଦବ ୧ ରନ୍ ନେଇ ଜବରଦସ୍ତ ଫର୍ମରେ ଥିବା ମିଲରଙ୍କୁ ଷ୍ଟ୍ରାଇକ୍ ଦେଇଥିଲେ। ଚତୁର୍ଥ ବଲ୍‌କୁ ମିଲର ଛକା ମାରି ଦିଲ୍ଲୀ ସମର୍ଥକଙ୍କୁ ଆନନ୍ଦିତ କରାଇଥିଲେ। ଶେଷ ୨ ବଲ୍‌ରେ ମ୍ୟାଚ୍ ଜିତିବା ଲାଗି ଦରକାର ଥିଲା ୨ ରନ୍। ୫ମ ବଲ୍‌ରେ ସିଙ୍ଗଲ ନେଇ ନ ଥିଲେ ମିଲର। ପ୍ରସିଦ୍ଧ ଶେଷରେ ସ୍ଲୋୟର ଶର୍ଟବଲ ପକାଇଥିଲେ। ତାହାକୁ ଖେଳି ପାରି ନ ଥିଲେ ମିଲର। କିନ୍ତୁ ନନ୍‌ଷ୍ଟ୍ରାଇକ୍ ଏଣ୍ଡରୁ କୁଲଦୀପ ସିଙ୍ଗଲ ନେବାକୁ ଦୌଡ଼ିଥିଲେ ମଧ୍ୟ ୱିକେଟ ରକ୍ଷକ ଜୋଶ ବଟଲରଙ୍କ ଡାଇରେକ୍ଟ ଥ୍ରୋରେ ସେ ରନ୍ ଆଉଟ ହୋଇଥିଲେ। ଦିଲ୍ଲୀ ୱାଇଡ୍ ବଲ ଲାଗି ରିଭ୍ୟୁ କରିଥିଲେ ମଧ୍ୟ ଏହା ନାକଚ ହୋଇଥିଲା। ଫଳରେ ଘଟଣାବହୁଳ ମ୍ୟାଚ୍‌ରେ ଗୁଜରାଟ ୧ ରନ୍‌ରେ ମ୍ୟାଚ୍‌କୁ ଜିତିନେଇଥିଲେ। ରସିଦ ଖାନ ଚତୁର ବୋଲିଂ କରି ୩ଟି ୱିକେଟ ପାଇଥିଲେ। ଲୋକେଶ ରାହୁଲ ୫୨ବଲ୍‌ରେ ୧୧ ଚୌକା ଓ ୪ଛକା ସହ ୯୨ ଏବଂ ମିଲର ୨୦ ବଲ୍‌ରେ ୩ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୪୧ ରନ୍ କରିଥିଲେ ମଧ୍ୟ ଦିଲ୍ଲୀ ବିଜୟୀ ହୋଇ ପାରି ନ ଥିଲା। ପୂର୍ବରୁ ଶୁବମନ ଗିଲ (୭୦), ୱାଶିଂଟନ ସୁନ୍ଦର (୫୫) ଓ ଜୋଶ ବଟଲର (୫୨)ଙ୍କ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ଟାଇଟାନ୍ସ ପ୍ରଥମେ ବ୍ୟାଟିଂ କରି ୪ ୱିକେଟରେ କରିଥିଲା ୨୧୦ ରନ୍ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଗୁଜରାଟ ଟାଇଟାନ୍ସ**: ୨୧୦/୪, ୨୦ ଓଭର (ଶୁବମାନ- ୭୦, ୱାଶିଂଟନ- ୫୫, ବଟଲର୍- ୫୨, ଫିଲିପ୍ସ- ଅପରାଜିତ ୧୪, ମୁକେଶ- ୨/୫୫)।
**ଦିଲ୍ଲୀ କ୍ୟାପିଟାଲ୍ସ**: ୨୦୯/୮, ୨୦ ଓଭର (ଲୋକେଶ ରାହୁଲ- ୯୨, ମିଲର- ଅପରାଜିତ ୪୧, ନିଶାଙ୍କ- ୪୧, ଷ୍ଟବ୍ସ- ୭, ଅକ୍ଷର- ୨, ରଶିଦ- ୩/୧୭, ପ୍ରସିଦ୍ଧ- ୨/୫୨)।

**ଆଜିର ଆଇପିଏଲ୍ ମ୍ୟାଚ୍**
କୋଲକାତା ବନାମ ଲକ୍ଷ୍ନୌ
ଭେନ୍ୟୁ-ଇଡେନ ଗାର୍ଡେନ୍ସ, କୋଲକାତା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆର୍ଜେଣ୍ଟିନା ଗସ୍ତ: ଭାରତୀୟ ମହିଳା ହକି ଦଳରେ ସୁନେଲିତା

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଆଗାମୀ ଆର୍ଜେଣ୍ଟିନା ଗସ୍ତ ଲାଗି ବୁଧବାର ଭାରତୀୟ ସିନିଅର ମହିଳା ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ମିଡ୍‌ଫିଲ୍ଡର ସାଲିମା ଟେଟେଙ୍କୁ ଘୋଷିତ ୨୪ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସୁନେଲିତା ଟପ୍ପୋଙ୍କୁ ସୁଯୋଗ ମିଳିଛି। ତେବେ ସିଲେକ୍ସନ କ୍ୟାମ୍ପରେ ସାମିଲ ହୋଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ତଥା ଗୋଲ୍‌ରକ୍ଷକ ମାଧୁରୀ କିଣ୍ଡୋଙ୍କୁ ନିରାଶ ହେବାକୁ ପଡ଼ିଛି। ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନା ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ୪ଟିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ଯଥାକ୍ରମେ ଏପ୍ରିଲ ୧୩, ୧୪, ୧୬ ଓ ୧୭ ତାରିଖରେ ରାଜଧାନୀ ବୁଏନ୍ସ ଆଇରେସରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଅଗଷ୍ଟ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ମିଳିତ ଭାବେ ଅନୁଷ୍ଠିତ ହେବ। ତେଣୁ ବିଶ୍ୱକପ୍ ପୂର୍ବରୁ ଆର୍ଜେଣ୍ଟିନା ଗସ୍ତ ଭାରତୀୟ ଖେଳାଳିଙ୍କ ପୂର୍ବ ପ୍ରସ୍ତୁତି ଲାଗି ଏକ ସୁଯୋଗ ବୋଲି ମୁଖ୍ୟକୋଚ୍ ଜୋଏର୍ଡ ମାରିଜନେ କହିଛନ୍ତି।

**ଭାରତୀୟ ମହିଳା ହକି ଦଳ**: **ଗୋଲ୍‌କିପର**: ସବିତା, ବିଚ୍ଛୁଦେବୀ ଖାରିବାମ୍, **ଡିଫେଣ୍ଡର**: ନିକ୍କି ପ୍ରଧାନ, ଇଶିକା ଚୌଧୁରୀ, ସୁଶୀଳା ଚାଣୁ ପୁଖରବାମ୍, ମନୀଷା ଚୌହାନ, ଜ୍ୟୋତି, ଉଦିତା, ଲାଲଥାନ୍ତଲୁଙ୍ଗାଇ, **ମିଡ୍‌ଫିଲ୍ଡର**: ବୈଷ୍ଣବୀ ଭିଉଲ ଫାଲକେ, ସାକ୍ଷୀ ରାଣା, ସୁନେଲିତା ଟପ୍ପୋ, ସାଲିମା ଟେଟେ, ନେହା, ଦୀପିକା ସୋରେଙ୍ଗ, ଋତୁଜା ଡାଡାସୋ, ଇଶିକା, **ଫରୱାର୍ଡ**: ବଲଜୀତ୍ କୌର, ନବନୀତ କୌର, ଦୀପିକା, ଅନୁ, ବିୟୁଟି ଡୁଙ୍ଗଡୁଙ୍ଗ, ଲାଲରେମସିଆମି, ମୁମତାଜ ଖାନ।

### ୨୦ ବର୍ଷରୁ କମ୍ ମହିଳା ଫୁଟବଲ

## ବିଜୟ ସତ୍ତ୍ୱେ ଭାରତର ବିଦାୟ



ନୂଆଦିଲ୍ଲୀ, ୮।୪(ଏଜେନ୍ସି): ଚାଇନିଜ୍ ତାଇପେକୁ ୩-୧ ଗୋଲରେ ପରାସ୍ତ କରି ଭାରତ ଥାଇଲାଣ୍ଡରେ ଚାଲିଥିବା ୨୦ ବର୍ଷରୁ କମ୍ ଏସିଆ କପ୍ ମହିଳା ଫୁଟବଲରେ ଦୀର୍ଘ ୨୨ ବର୍ଷ ପରେ ବିଜୟୀ ହୋଇଥିଲା। କିନ୍ତୁ ଜୋର୍ଡାନକୁ ୪-୦ ଗୋଲରେ ହରାଇବା ପରେ ଭାରତ କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଏହି ମ୍ୟାଚଟି ଡ୍ର ହୋଇଥିଲେ ଭାରତ କ୍ୱାର୍ଟର ଫାଇନାଲ ଖେଳିଥାନ୍ତା। କିନ୍ତୁ ତାହା ସମ୍ଭବ ହୋଇପାରି ନାହିଁ। ଶେଷଥର ୨୦୦୪ରେ ଭାରତ ଖେଳିଥିଲା ଓ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

## କିମ୍ବଦନ୍ତୀ ଫୁଟବଲ କୋଚ୍ ଲୁସେସ୍କୁଙ୍କ ବିୟୋଗ



ବୁଚାରେଷ୍ଟ, ୮।୪ (ଏଜେନ୍ସି): କିମ୍ବଦନ୍ତୀ ଫୁଟ୍‌ବଲ କୋଚ୍ ମିର୍ସିଆ ଲୁସେସ୍କୁଙ୍କ ଗତକାଲି ୮୦ ବର୍ଷ ବୟସରେ ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ


**୫ ଦିନ ତଳେ ଛାଡ଼ିଥିଲେ ରୋମାନିଆ ଦଳ**

ଲୁସେସ୍କୁଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା ଲାଗି ପାଞ୍ଚଦିନ ପୂର୍ବେ ସେ ରୋମାନିଆ ଫୁଟବଲ୍ ଦଳର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ହୃଦଘାତ ଯୋଗୁ ତାଙ୍କୁ ଚିକିତ୍ସା ଜାରି ରହିଥିଲା। ରୋମାନିଆ ଫୁଟବଲ ମହାସଂଘ ଲୁସେସ୍କୁଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛି। ରୋମାନିଆ ଫୁଟ୍‌ବଲ ଇତିହାସରେ ସେ ସବୁଠୁ ସଫଳ କୋଚ୍ ଥିଲେ। ତାଙ୍କ ପ୍ରଶିକ୍ଷଣକାଳରେ ରୋମାନିଆ ୧୯୮୪ରେ ପ୍ରଥମଥର ୟୁରୋନିଆନ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ଲୁସେସ୍କୁ ୧୯୮୧ରୁ ୧୯୮୬ ମସିହା ପର୍ଯ୍ୟନ୍ତ ପ୍ରଥମେ ରୋମାନିଆ ସିନିଅର ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୨୦୨୪ରେ ସେ ପୁଣିଥରେ ରୋମାନିଆ ଦଳର ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମାର୍ଚ୍ଚ ୨୬ରେ ତୁର୍କୀ ବିପକ୍ଷ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ସେ ଶେଷଥର ରୋମାନିଆ ଦଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏହି ମ୍ୟାଚରେ ରୋମାନିଆ ୧-୦ରେ ପରାଜୟବରଣ କରିବା ସହ ଆଗାମୀ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା।

### ■ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

## ବିଶ୍ୱର ନଂ-୭ ଲିଙ୍କୁ ହରାଇଲେ ଆୟୁଷ

ନୂଆଦିଲ୍ଲୀ, ୮।୪(ଏଜେନ୍ସି): ଉଦୀୟମାନ ଖେଳାଳି ତଥା ୨୦୨୫ ୟୁଏସ୍ ଓପନ ଚାମ୍ପିଅନ ଭାରତର ଆୟୁଷ ସେଟ୍ଟୀ ବିଶ୍ୱର ନଂ-୭ ଖେଳାଳି ଚୀନ୍‌ର ଲି ଶି ଫେଙ୍ଗ୍‌ଙ୍କୁ ହରାଇ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଭାରତର ଏହି ଯୁବ ଖେଳାଳି ଆୟୁଷ ମାତ୍ର ୫୧ ମିନିଟ୍ ମୁକାବିଲାରେ ଫେଙ୍ଗ୍‌ଙ୍କୁ ୨୧-୧୩ ଓ ୨୧-୧୬ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଲି ଏହି ମ୍ୟାଚ୍‌ରେ ଲଢୁଆ ଖେଳିଥିଲେ ମଧ୍ୟ ଆୟୁଷଙ୍କ ଖେଳ ଆଗରେ ହାର୍ ମାନିଥିଲେ। ମ୍ୟାଚ୍‌ର ଶେଷ ଭାଗରେ ସେ କ୍ରମାଗତ ୬ ପଏଣ୍ଟ ସଂଗ୍ରହ କରି ମ୍ୟାଚ୍‌କୁ ୨-୦ ସେଟ୍‌ରେ ଜିତିନେଇଥିଲେ। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଏଚ୍‌ଏସ୍ ପ୍ରଣୟ ଓ ପିଭି ସିନ୍ଧୁ ମଧ୍ୟ ବିଜୟୀ ହୋଇଛନ୍ତି। ଏହି ୩ଜଣ ଭାରତୀୟ ଖେଳାଳି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ଲକ୍ଷ୍ୟ ସେନ୍, କିଦାମ୍ବି ଶ୍ରୀକାନ୍ତ, ମାଳବିକା ବନସୋଡ୍ ଓ ତନ୍ୱୀ ଶର୍ମା ପ୍ରଥମ ରାଉଣ୍ଡ ଖେଳରୁ ବିଦାୟ ନେଇଛନ୍ତି।



## ଦୋହା ଡାଏମଣ୍ଡ ଲିଗ୍ ସ୍ଥଗିତ

ଦୋହା, ୮।୪ (ଏଜେନ୍ସି): ଚଳିତ ବର୍ଷ ଡାଏମଣ୍ଡ ଲିଗ୍ ସିଜନର ପ୍ରଥମ ପ୍ରତିଯୋଗିତା କତାର ରାଜଧାନୀ ଦୋହାରେ ମେ ୮ ତାରିଖରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ସ୍ଥିତି ଯୋଗୁ ଏହାକୁ ଜୁନ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। କ୍ରୀଡ଼ାବିତ୍ ଓ ଦର୍ଶକଙ୍କୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୋହା ଡାଏମଣ୍ଡ ଲିଗ୍‌କୁ ସ୍ଥଗିତ ରଖାଯାଇଛି। ଯଦି ପରିସ୍ଥିତିରେ ସୁଧାର ଆସେ ତେବେ ଏହା ଜୁନ ୧୯ରେ ଅନୁଷ୍ଠିତ ହେବ ବୋଲି ଦୋହା ଡାଏମଣ୍ଡ ଲିଗ୍‌ର ଆୟୋଜକଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ଯୋଗୁ ମଧ୍ୟପ୍ରାଚ୍ୟରେ ସ୍ଥିତି ବେଶ୍ ଗମ୍ଭୀର ରହିଛି। ଯେଉଁଥି ପାଇଁ ଏକାଧିକ କ୍ରୀଡ଼ା ଇଭେଣ୍ଟ ଆୟୋଜନରେ ବାଧା ଉପୁଜିଛି।

### ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିଅନସିପ୍

## ଭାରତୀୟ ବାଳିକା ଦଳର ବିଜୟଧାରା ଜାରି



ଭୁବନେଶ୍ୱର, ୮।୪ (ସମିସ): କାଜାଖସ୍ତାନର ଆଲମାଟୀରେ ଚାଲିଥିବା ଫିଡେ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିଅନସିପ୍ (୧୪ ବର୍ଷରୁ କମ) ରେ ଭାରତୀୟ ବାଳିକା ଦଳ ବିଜୟଧାରା ଜାରି ରଖିଛି। ତୃତୀୟ ରାଉଣ୍ଡର ଏକ ମ୍ୟାଚରେ ଭାରତୀୟ ବାଳିକା ଦଳ ୩-୧ରେ ସିଙ୍ଗାପୁରକୁ ପରାସ୍ତ କରିଛି। ପରବର୍ତ୍ତୀ ରାଉଣ୍ଡରେ ଭାରତର ମୁକାବିଲା ତୁର୍କମେନିସ୍ତାନ ସହ ହେବ। ଭାରତୀୟ ଦଳରେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୪ଜଣ ଛାତ୍ରୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରୀୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ। ଭାରତର ବିଜୟରେ ଏହି ୪ଜଣ ଖେଳାଳି ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର, ୮।୪(ସମିସ)



ଅନ୍ଧାରୁଆର ଆଇଆଇସି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍)କୁ ୧୩୦ ରନ୍‌ର ବ୍ୟବଧାନରେ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ ଏଠାରେ ଚାଲିଥିବା ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୯ ବର୍ଷରୁ କମ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି କ୍ଲବ୍ ଦି ରେଡ୍‌ଷ୍ଟାର ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମୁକାବିଲା ହେବ। ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ମଙ୍ଗଳବାର ହେବାକୁ ଥିବା ଏହି ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ର ବିଜେତା ସହ ପାରାମାଉଣ୍ଟ ଆସନ୍ତା ଶୁକ୍ରବାର ଫାଇନାଲ ମୁକାବିଲା କରିବ।

ସ୍ଥାନୀୟ ହାଇଟେକ୍ ଗ୍ରାଉଣ୍ଡ ପରିସରରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୨୨୫ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱାଗତ ମିଶ୍ର ୭୪ବଲ୍‌ରୁ ୮ଚୌକା ଓ ୭ଛକା ସହ ଅପରାଜିତ ୧୧୬ ଓ ସାଇଦିତ୍ୟ ମହାନ୍ତି ୫୫ ବଲ୍‌ରୁ ୬ ଚୌକା ସହ ୪୨ ରନ୍ କରିଥିଲେ। ଜବାବରେ ଆଇଆଇସି ୧୯ ଓଭରରେ ମାତ୍ର ୯୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜୟନ୍ତ ମହାନ୍ତି ୩୨ ଓ ରାହୁଲ ଲେଙ୍କା ୧୮ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ପ୍ରତିପକ୍ଷ ଦଳର ଶୁଭମ ପରିଡ଼ା ୧୭ରନ୍‌ରେ ୪ଟି ଓ ମହମ୍ମଦ୍ ସଜାବ ଆଲାମ ୨୯ ରନ୍‌ରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍ ପରିଚାଳନା କରୁଥିବା ଦୁଇ ଅମ୍ପାୟାର ପ୍ରଦୀପ ଜେନା ଓ ପ୍ରମୋଦ ନାରାୟଣ ଦାସ ଅତିଥିଭାବେ ଯୋଗ ଦେଇ ବିଜୟୀ ପାରାମାଉଣ୍ଟ ଦଳର ସ୍ୱାଗତ ମିଶ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

## ରାଜ୍ୟ ଶିଶୁ ଚେସ୍ ମେ' ୫ରୁ

ଭୁବନେଶ୍ୱର, ୮।୪(ସମିସ): ଏଓସିଏ ଏବଂ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ଶିଶୁ ବା ୭ ବର୍ଷରୁ କମ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଆସନ୍ତାମାସ ୫ରୁ ୭ ତାରିଖ ଯାଏ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ପ୍ରୋ-ଚେସ୍-ଟା'ଠାରେ ଆୟୋଜିତ ହେବ। ଏଥିରେ ରାଜ୍ୟର ସମସ୍ତ ଶିଶୁ ଖେଳାଳି ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ଖେଳାଳିମାନେ ନାମ ପଞ୍ଜିକରଣ ଲାଗି ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି (ମୋ.୯୯୩୭୮-୮୬୩୭୨) ଏବଂ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ (ମୋ-୯୮୬୧୩-୯୧୨୫୮)ଙ୍କୁ ଟେଲିଫୋନ ଯୋଗେ ମେ' ୩ ତାରିଖ ରାତ୍ର ୮ ଘଟିକା ସୁଦ୍ଧା ଯୋଗାଯୋଗ କରିପାରିବେ। ଏହି ଶିଶୁ ବିଭାଗର ଖେଳାଳିମାନଙ୍କ ଲାଗି ପ୍ରବେଶିକା ଦେୟ ୬୦୦ ଟଙ୍କା ଓ ପୁରସ୍କାର ବାବଦରେ ୨୦,୦୦୦ ଟଙ୍କା ଓ ୨୬ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ ବୋଲି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

## ପଲାଇ କାଳିଅଣ୍ଟି ପ୍ରିମିଅର ଲିଗ୍ ଚାମ୍ପିଅନ



ବାଲିଚନ୍ଦ୍ରପୁର, ୮।୪(ସମିସ): ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ କାଳିଅଣ୍ଟିଠାରେ ଆୟୋଜିତ ଦିବ୍ୟଜ୍ୟୋତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରିମିଅର ଲିଗ୍ ମ୍ୟାଚରେ ପଲାଇର ମା' ମଙ୍ଗଳା କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପଲାଇ ଦଳ ମାହାଙ୍ଗାର ଧଉଳିଆ କ୍ରିକେଟ କ୍ଲବକୁ ୮ ୱିକେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ। ୬ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ଧଉଳିଆ ଦଳ ବ୍ୟାଟିଂ କରି ୨୪ ରନ୍ କରିଥିଲାବେଳେ ମା'ମଙ୍ଗଳା ଦଳ ୩ ଓଭର ୨ ବଲ୍‌ରେ ଆବଶ୍ୟକୀୟ ରନ୍ ସଂଗ୍ରହ କରିଥିଲେ। ସମଗ୍ର ଲିଗ୍ ମ୍ୟାଚ୍‌ରେ ପଲାଇର ସୋ÷ମ୍ୟରଞ୍ଜନ ଅଧିକ ରନ୍ ଓ ଅଧିକ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ମୁଖ୍ୟଅତିଥି ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ ବିଜୟୀ ଦଳର ଅଧିନାୟକ ପପୁ ଦାଶଙ୍କୁ ଚାମ୍ପିଅନ୍ ଟ୍ରଫି ସହିତ ଦଶହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଟିମ୍‌ର ଦେବବ୍ରତ ସାମଲ, ଅଜୟ ସ୍ୱାଇଁ, ଗଗନ ସାମଲ, ଡାନିଏଲ ସାମଲ, ଦେବାଶିଷ ଦାଶ, ଅଜୟ ମଲ୍ଲିକ, ବାବୁ ସେଠୀ ଓ ତୁଷାରକାନ୍ତ ଦାଶ ପ୍ରମୁଖ ଦଳର ବିଜୟ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS